



- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-180 ◆BHUBANESWAR ◆MONDAY ◆25 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୦ ◆ଭୁବନେଶ୍ୱର ◆ସୋମବାର ◆୨୫ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦


**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ**

# ପୂର୍ଣ୍ଣିମାରୁ ଦେବନିମନ୍ତ୍ରଣ

## ମହାପ୍ରଭୁ ଲିଙ୍ଗରାଜଙ୍କୁ ଦିଆଯିବ ପ୍ରଥମ ନିମନ୍ତ୍ରଣପତ୍ର

■ **ଭୁବନେଶ୍ୱର, ୨୪।୧୨ (ସମିସ):** ମାଘମାସ ଶୁକ୍ଲପକ୍ଷ ୭ମୀ ଅର୍ଥାତ୍ ଜାନୁଆରୀ ୧୭ ତାରିଖରେ ଲୋକାର୍ପଣ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର କାର୍ଯ୍ୟକ୍ରମକୁ ଭବ୍ୟ ଭାବରେ ସମ୍ପାଦନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଶ୍ରୀମନ୍ଦିର ପ୍ରଶାସନ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଦେଶର ବିଭିନ୍ନ ଦେବପୀଠ ଓ ଧାର୍ମିକ ଗୁରୁମାନଙ୍କୁ ନିମନ୍ତ୍ରଣ କରାଯିବ। ପୁରୀଠାରେ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର କର୍ତ୍ତୃପକ୍ଷ, ଛତିଶା ନିଯୋଗ ଓ



**୨୬ ତାରିଖ ସକାଳୁ ପୁରୀରୁ ବାହାରିବେ ପ୍ରତିନିଧି ଦଳ**

**ଦେଶର ସବୁ ଦେବାଦେବୀ ପୀଠକୁ ଯିବ ନିମନ୍ତ୍ରଣ ପତ୍ର**

**ରାଜ୍ୟ ମଧ୍ୟରେ ୧୩ ଓ ବାହାରକୁ ଯିବେ ୧୭ ଟିମ୍**

ସେବାୟତଙ୍କ ଉପସ୍ଥିତିରେ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ହୋଇଛି। ଆସନ୍ତା ମାର୍ଗଶିର ପୂର୍ଣ୍ଣିମା (୨୬ ତାରିଖ)ରୁ ଦେଶର ପ୍ରମୁଖ ଦେବପୀଠକୁ ନିମନ୍ତ୍ରଣ ପଠାଯିବା ପାଇଁ ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ଏହିଦିନ ବୃଷ ରାଶିରୁ ଚନ୍ଦ୍ର ମିଥୁନ ରାଶିକୁ ଗମନ କରୁଥିବାରୁ ଦେବନିମନ୍ତ୍ରଣ ନିମନ୍ତେ ଏହି ତାରିଖ ଶୁଭଙ୍କର ବୋଲି ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି।

ବୈଠକର ନିଷ୍ପତ୍ତି ଅନୁସାରେ ଆସନ୍ତା ୨୬ ତାରିଖ ସକାଳୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟରୁ ୨୩ଟି ଗାଡ଼ିରେ ନିମନ୍ତ୍ରଣର ବାର୍ତ୍ତା ନେଇ ପ୍ରତିନିଧି ଓ ସେବାୟତମାନେ ଯାତ୍ରା ଆରମ୍ଭ କରିବେ। ୧୩ଟି ଟିମ୍ ରାଜ୍ୟ ମଧ୍ୟରେ ବିଭିନ୍ନ ପ୍ରମୁଖ ଦେବପୀଠ, ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ ପତ୍ର ପ୍ରଦାନ ପାଇଁ ଯାତ୍ରା କରିବେ ଓ ରାଜ୍ୟ ବାହାରକୁ ୧୭ଟି ଟିମ୍ ବିଭିନ୍ନ ଦେବପୀଠକୁ ନିମନ୍ତ୍ରଣ ପାଇଁ ଯାତ୍ରା କରିବ। ସବୁ ପ୍ରତିନିଧି ଦଳ ଓ ସେବାୟତ ଭୁବନେଶ୍ୱରରେ ପହଞ୍ଚି ପ୍ରଥମ ନିମନ୍ତ୍ରଣ ପତ୍ର ଏକାମ୍ର ପୀଠାଧୀଶ ଶ୍ରୀ ଲିଙ୍ଗରାଜ ▶ପୃଷ୍ଠା-୯

**ସତ୍ୟବାଦୀରେ '୫-ଟି' ଅଧ୍ୟକ୍ଷଙ୍କ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସମୀକ୍ଷା**

# ଜାନୁଆରୀ ୧୫ ସୁଦ୍ଧା ସରିବ କାର୍ଯ୍ୟ



■ **ଭୁବନେଶ୍ୱର, ୨୪।୧୨ (ସମିସ):** ସତ୍ୟବାଦୀରେ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟକୁ ଜାନୁଆରୀ ୧୫ ତାରିଖ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

'୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ବୁଲି ଦେଖିଛନ୍ତି। ରବିବାର ଅପରାହ୍ଣ ୪ଟା ୩୦ ମିନିଟରେ ଶ୍ରୀ ପାଣ୍ଡିଆନ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେଉଥିବା ପ୍ରତିଟି ପୃଥକ୍ ବ୍ଲକ, ଲ୍ୟାଣ୍ଡସ୍କେପିଂ ଓ ଆଭ୍ୟନ୍ତରୀଣ ରାସ୍ତା କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ ନିର୍ମାଣ କାର୍ଯ୍ୟ ଏବଂ ସ୍ଥାପତ୍ୟର ପ୍ରଶଂସା କରିବା ସହ ଜାନୁଆରୀ ୧୫ ତାରିଖ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ନିୟୋଜିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ଜାନୁଆରୀ ଶେଷ ସପ୍ତାହରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

ସମ୍ପ୍ରତି ୮.୬ ଏକର ପରିମିତ ଅଞ୍ଚଳରେ ବିଶ୍ୱବିଦ୍ୟାଳୟର ପ୍ରଥମ ପର୍ଯ୍ୟାପ୍ତ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏଠାରେ ୨୦୦ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଏକ ସ୍କୁଲ ନିର୍ମାଣ କରାଯାଉଥିବା ବେଳେ ଉଭୟ ଛାତ୍ର ଓ ଛାତ୍ରୀଙ୍କ ପାଇଁ ୩୨ ଶଯ୍ୟା ବିଶିଷ୍ଟ ପୃଥକ୍ ପୃଥକ୍ ହଷ୍ଟେଲ ନିର୍ମାଣ କରାଯାଉଛି। ସେହିପରି ୧୬ ଜଣ ସ୍କଲାର(ମେଧାବୀ)ଙ୍କ ପାଇଁ ହଷ୍ଟେଲ, ସହ ଲାଇବ୍ରେରୀ, କ୍ୟାଫେଟେରିଆ, ପ୍ରଶାସନିକ ବ୍ଲକ୍ ଏବଂ ଏକ ଅତ୍ୟାଧୁନିକ ଜଳକୁଣ୍ଡ ନିର୍ମାଣ କରାଯାଉଛି। ବିଶ୍ୱବିଦ୍ୟାଳୟର ସୁନ୍ଦର ଏବଂ ଶାନ୍ତ ପରିସରରେ ଏହାର ଡିଜାଇନ୍ ଏବଂ ସ୍ଥାପତ୍ୟରେ ଓଡ଼ିଆ ବର୍ଣ୍ଣମାଳାକୁ ଅତି ଚମତ୍କାର ଭାବେ ଉପଯୋଗ କରାଯାଇଛି। ଓଡ଼ିଆ ଭାଷାରେ ଗବେଷଣା ଏବଂ ବିକାଶ ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ▶ପୃଷ୍ଠା-୯

**ଜୀବନରେଖା ଏନ୍‌ଏଚ୍ ୫-୫ ଏବେ ମଣିଷମରା ରାଜପଥ**

# ଧର୍ମେନ୍ଦ୍ରଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଲା ବିଜେଡି

■ **ଭୁବନେଶ୍ୱର, ୨୪।୧୨ (ସମିସ):** ନିଜ ଜିଲ୍ଲାରେ ଜାତୀୟ ରାଜପଥର ଦୁରବସ୍ଥାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ପୂର୍ଣ୍ଣ ନିରବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗଭୀର ନିଦରେ ଶୋଇଛନ୍ତି। ଯେଉଁ କାମ କିଛିମାସ ମଧ୍ୟରେ ଶେଷ ହୋଇ ପାରିଥାଆନ୍ତା, ୭ ବର୍ଷ ପରେ ଏହି କାମ ଶେଷ ହେବାର ନାଁ ଧରୁନାହିଁ। ଏକଦା ରାଜ୍ୟର କୋଟିକୋଟି ଲୋକଙ୍କ ଜୀବନରେଖା ପାଲଟିଥିବା ଏନ୍‌ଏଚ୍-୫୫ ଆଜି ମରଣରେଖାରେ ପରିଣତ ହୋଇଛି।

**ନିଜ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଦୂର ପାଇଁ ଯତ୍ନବାନ୍ ନୁହନ୍ତି କେନ୍ଦ୍ରମନ୍ତ୍ରୀ**

**୭ ବର୍ଷ ହେଲା ସରୁନି କାମ; ଦୈନିକ ଗଡ଼ୁଛି ମୁଣ୍ଡ, ଉଜୁଡୁଛି ପରିବାର**

**ସଡ଼କ ସୁରକ୍ଷା କମିଟିକୁ ଖାତିର କରୁନାହାନ୍ତି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ**



ତେଣୁ ଏହି ପ୍ରମୁଖ ରାସ୍ତାକୁ ତୁରନ୍ତ ଶୋଚନୀୟ ଅବସ୍ଥାରୁ ଉଦ୍ଧାର ନକଲେ ଦଳ ତୀବ୍ର ପ୍ରତିବାଦ କରିବ ବୋଲି ଚେତାବନୀ ଦେଇଛି ବିଜେଡି। ଆଜି ଭୁବନେଶ୍ୱରରେ ସାମ୍ବାଦିକ ▶ପୃଷ୍ଠା-୯

**ଯବାନଙ୍କ ସହ ଗୁଳି ବିନିମୟ**

# ୩ ମାଓବାଦୀ ନିପାତ

■ **ମାଲକାନଗିରି, ୨୪।୧୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ବେଳେ ୩ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଦାନ୍ତେୱାଡା ଜିଲ୍ଲା ଡାବୁକୁନା ଅଞ୍ଚଳରେ ଡିଆରଜି ଯବାନ ସର୍ଚ୍ଚ ଅପରେସନ ବେଳେ ମାଓବାଦୀମାନେ ଅତର୍କିତ ଗୁଳି ଚାଳନା କରିଥିଲେ। ଏଥିରେ ଯବାନ ମାନେ ପାଲଟା ଜବାବ ଦେଇଥିଲେ ଏବଂ ଦୀର୍ଘ ସମୟ ଧରି ଗୁଳିବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଛନ୍ତି। ଘଟଣାସ୍ଥଳରୁ ବହୁ ପରିମାଣର ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ ହୋଇଥିବା ଦାନ୍ତେୱାଡ଼ା ଏସ୍‌ପି ଗୌରବ ରାୟ ସୂଚନା ଦେଇଛନ୍ତି।




# କମିଲା ତାପମାତ୍ରା, ବଢ଼ିଲା କୁହୁଡ଼ି

**ଭୁବନେଶ୍ୱର,୨୪।୧୨(ସମିସ):** ରାଜ୍ୟକୁ ସଂପ୍ରତି ବଙ୍ଗୋପସାଗରୀୟ ଉଷ୍ଣ ବାୟୁ ପ୍ରବେଶ କରୁଥିବାରୁ ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ଶୀତର ପ୍ରକୋପ ସାମାନ୍ୟ ସାହ୍ରାସ ହୋଇଛି। ଗତ ସପ୍ତାହ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେଉଥିଲା। ଏକାଧିକ ବାର ୧୦ରୁ ଊର୍ଦ୍ଧ୍ୱ ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଥିଲା। ଶନିବାର ରାତିରେ ରାଜ୍ୟର ୮ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଛି। କୋରାପୁଟରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ୬.୬ ଡିଗ୍ରୀ ଥିବାବେଳେ ଦାରିଙ୍ଗବାଡ଼ିରେ ୭, ଜି. ଉଦୟଗିରିରେ ୭.୪, କେନ୍ଦୁଝରରେ ୮.୮, ସୁନ୍ଦରଗଡ଼ରେ ୯, କିରେଇରେ ୯.୪, ଫୁଲବାଣୀରେ ୯.୫ ଓ ସେମିଳିଗୁଡ଼ା ୯.୬ ଡିଗ୍ରୀ ରେକର୍ଡ କରାଯାଇଛି। କଟକ ଓ ଭୁବନେଶ୍ୱରରେ ମଧ୍ୟ ରାତ୍ରି ତାପମାତ୍ରାରେ ବୃଦ୍ଧି ଘଟିଛି। ତିନି ଦିନ ତଳେ ଏହି ଦୁଇ ସହରର ସର୍ବନିମ୍ନ ରାତ୍ରି ତାପମାତ୍ରା ୧୨ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟାରେ ତାପମାତ୍ରା ୩ ଡିଗ୍ରୀ ବଢ଼ି ଯଥାକ୍ରମେ ୧୫.୧ ଓ ଭୁବନେଶ୍ୱରର ତାପମାତ୍ରା ୧୬ ଡିଗ୍ରୀରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଜି ରାଜ୍ୟର ଅନେକ ସ୍ଥାନରେ କୁହୁଡ଼ି ଦେଖାଦେଇଥିବା ବେଳେ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହି ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରୀ କରିଛି।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-180 ♦BHUBANESWAR ♦MONDAY ♦25 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୮୦ ♦ଭୁବନେଶ୍ୱର ♦ସୋମବାର ♦୨୫ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦

ବିବାଦ ପରେ ମୁହଁ ଖୋଲିଲେ କାମିଆ ଜାନି

# ମୁଁ ହିନ୍ଦୁ, କେବେ ବି ଗୋ-ମାଂସ ଖାଇନାହିଁ

**ଭୁବନେଶ୍ୱର,୨୪।୧୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂକ୍ରାନ୍ତ ବ୍ଲଗ୍ ଓ ବୃତ୍ତଚିତ୍ରକୁ ନେଇ ବିବାଦ ପରେ ମୁହଁ ଖୋଲିଛନ୍ତି 'ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର' କାମିଆ ଜାନି। ନିଜ ଇନ୍‌ଷ୍ଟାଗ୍ରାମ ଓ ଫେସ୍‌ବୁକ୍‌ରେ ଏକ ଭିଡିଓରେ ସ୍ପଷ୍ଟ କରି କହିଛନ୍ତି, ଜଣେ ହିନ୍ଦୁ ଭାବେ ସେ ନିଜ ଧର୍ମକୁ ସମ୍ମାନ ଦିଅନ୍ତି। କେବେ ବି ସେ ଗୋମାଂସ ଖାଇ ନାହାନ୍ତି କିମ୍ବା ଏହାର ପ୍ରଚାର କରିନାହାନ୍ତି। ଏହାସହିତ ସେ ଶ୍ରୀମନ୍ଦିରର କୌଣସି ନିୟମ ଉଲ୍ଲଙ୍ଘନ କରି ନ ଥିବା କହିଛନ୍ତି ।

ନିଜ ଭିଡିଓରେ ସେ କହିଛନ୍ତି ଯେ କେବଳ ଶ୍ରୀମନ୍ଦିର ନୁହେଁ; ଦେଶର ବହୁ ପ୍ରସିଦ୍ଧ ମନ୍ଦିର ଓ ଐତିହ୍ୟସ୍ଥଳୀର ପ୍ରଚାରପ୍ରସାର କରିଛନ୍ତି। ଗତ ବର୍ଷ ସେ 'ଧରୋହର ଭାରତ କି' ଶୀର୍ଷକରେ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିଲ, ଯେଉଁଥିରେ ସେ ଭାରତର ଏକାଧିକ ମନ୍ଦିର ଓ ଐତିହ୍ୟସ୍ଥଳ ପରିଦର୍ଶନ ସହ ଏହାର କାହାଣୀ ଓ ଭିତ୍ତିଭୂମି ବିକାଶର ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇଥିଲେ। ଏହାକୁ ଦେଶର ପ୍ରମୁଖ ବ୍ୟକ୍ତି ବିଶେଷ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ କାମିଆଙ୍କ ଏ ଡକ୍ୟୁମେଣ୍ଟାରୀ ଭିଡିଓକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏମିତି କି ଏହି କାର୍ଯ୍ୟ ପାଇଁ ତାଙ୍କୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ 'ସାଂସ୍କୃତିକ ବ୍ରାଣ୍ଡ ଆମ୍ବାସଡର୍' ପୁରସ୍କାର ପ୍ରଦାନ କରାଯାଇଛି ବୋଲି କାମିଆ କହିଛନ୍ତି।

**ଦେଶର ଐତିହ୍ୟ ସମ୍ପର୍କରେ ପ୍ରଚାର ପାଇଁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ**

**କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦେଇଛି 'ସାଂସ୍କୃତିକ ବ୍ରାଣ୍ଡ ଆମ୍ବାସାଡର୍' ପୁରସ୍କାର**

**ଖାଦ୍ୟ ସମ୍ପର୍କରେ ସୂଚନା ଦେଇଥାଆନ୍ତି; ମାତ୍ର ସବୁ ଖାଦ୍ୟ ସେ ଖାଇ ନ ଥା'ନ୍ତି**



ଦେଶରେ ଜଣେ ୟୁ-ଟ୍ୟୁବର୍ ଭାବେ ସେ ବିଭିନ୍ନ ସ୍ଥାନରେ ଥିବା ଐତିହ୍ୟ, ସଂସ୍କୃତି, କଳା, ଖାଦ୍ୟ, ଜୀବନଶୈଳୀ ସହ ସେହି ସ୍ଥାନର ସ୍ୱାତନ୍ତ୍ର୍ୟତା ବିଷୟରେ ଲୋକଙ୍କୁ ଜଣାଇଥାନ୍ତି। ଏହି ଲକ୍ଷ୍ୟ ସହ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ନେବା ପାଇଁ ସେ ପୁରୀ ଆସିଥିଲେ। ପୁରୀରେ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ଏଠାରେ ହୋଇଥିବା ଭିତ୍ତିଭୂମି ବିକାଶ ସମ୍ପର୍କରେ ଦେଶବାସୀଙ୍କୁ ଜଣାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ମାତ୍ର ତାଙ୍କର ଏହି ଗସ୍ତକୁ ବିବାଦୀୟ କରାଯାଇଛି। କେରଳ ଗସ୍ତ ସମୟରେ ଏକ ହୋଟେଲ ଘଟଣାକୁ ନେଇ ବିବାଦ ସୃଷ୍ଟି କରାଯାଉଛି। ଦୁଇ ଜଣ ଟ୍ରକ୍ ଡ୍ରାଇଭରଙ୍କ ଦ୍ୱାରା କେରଳରେ 'ପାରମ୍‌ପୋରି' ଓ 'ଗୋମାଂସ' ଆଇଟମ୍‌କୁ ଆବିଷ୍କାର କରାଯାଇଥିଲା, ଯାହା ସମ୍ପର୍କରେ ସେ ନିଜ ଭିଡିଓରେ କହିଥିଲେ। ସେ ହିନ୍ଦୁ ହୋଇଥିବାରୁ ସେ ଗୋମାଂସ ନ ଖାଇ ସେହି ହୋଟେଲ୍‌ରୁ ପାରମ୍‌ପୋରି, କଡେଲା କରି ଓ ଅପମ୍ ଖାଇଥିଲେ, ଯାହାକି ସମ୍ପୂର୍ଣ୍ଣ ନିରାମିଷ। ଏହାକୁ ଖାଇସାରିବା ପରେ ତାଙ୍କ ଭିଡିଓରେ କେଉଁ ଖାଦ୍ୟ ପାଇଁ ତାଙ୍କୁ କେତେ ଟଙ୍କା ଦେବାକୁ ପଡ଼ିଛି, ତାହାର ମଧ୍ୟ ସୂଚନା ଦେଇଥିଲେ। ଅନେକ ସ୍ଥାନରେ ସେ ସ୍ଥାନୀୟ ଖାଦ୍ୟ ସମ୍ପର୍କରେ ସୂଚନା ଦେଇଥା'ନ୍ତି;ମାତ୍ର ଏସବୁକୁ ସେ ଖାଇ ନ ଥା'ନ୍ତି ବୋଲି ସ୍ପଷ୍ଟ କରିଛନ୍ତି।

ବର୍ତ୍ତମାନର ବିବାଦ ଏକ ଭୁଲ୍ ବୁଝାମଣା ହୋଇଥାଇ ପାରେ। ଏହାର ଅନ୍ତ ଘଟିବା ଆବଶ୍ୟକ। ଏହି ଘଟଣାକୁ ନେଇ ଯେଉଁମାନେ ବ୍ୟଥିତ ସେମାନଙ୍କ ନିକଟକୁ ଏହି ସୂଚନା ନିଶ୍ଚୟ ପହଞ୍ଚିବ। ଜଣେ ଭାରତୀୟ ହିସାବରେ ଭାରତର ସୌନ୍ଦର୍ଯ୍ୟ କଳା, ସଂସ୍କୃତି ଓ ବିକାଶର ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚାଇବାକୁ ସେ ଚାହାନ୍ତି ବୋଲି ନିଜ ଭିଡିଓରେ କାମିଆ କହିଛନ୍ତି।



ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୮୫୧ ପ୍ରକାର ବ୍ୟଞ୍ଜନ ଲାଗି କରାଯାଇଛି

## ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର,୨୪।୧୨(ସମିସ):** ରାଜ୍ୟରେ କରୋନାର ନୂଆ ପ୍ରଜାତି ଜେଏନ୍-୧ କାୟା ବିସ୍ତାର କରି ଚାଲିଛି। ଗତକାଲି ଜଣେ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଆଜି ଆଉ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଚଳିତ ମାସ ପ୍ରଥମ ସପ୍ତାହରେ ଆଉ ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବିଳମ୍ବରେ ଜଣାପଡ଼ିଛି। ଗତକାଲି ଚିହ୍ନଟ ଆକ୍ରାନ୍ତଙ୍କ ପଜିଟିଭ୍ ନମୁନାର ଏବେ ଜିନୋମ୍ ସିକ୍ୱେନ୍ସିଂ ଚାଲିଛି। ସେ ଜେଏନ୍-୧ରେ ସଂକ୍ରମିତ କି ନାହିଁ ତାହା ଆଉ କିଛି ଦିନ ଭିତରେ ସ୍ପଷ୍ଟ ହୋଇଯିବ। ଏହି ପରୀକ୍ଷଣରୁ ଯଦି କରୋନର ନୂଆ ପ୍ରଜାତି ସ୍ପଷ୍ଟ ହୋଇଯାଏ, ତେବେ ଓଡ଼ିଶା ପାଇଁ ଏହା ନିଶ୍ଚିତ ରୂପେ ଚିନ୍ତାର କାରଣ ହେବ। ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି, ଏବେ ଅନ୍ୟ ରାଜ୍ୟରେ ସ୍ଥିତି ସଙ୍ଗୀନ ଥିବା ବେଳେ ଓଡ଼ିଶାରେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ତେବେ ସରକାର ବାରମ୍ବାର ପରାମର୍ଶ ଦେବା ସତ୍ତ୍ୱେ ଲୋକମାନେ ସତର୍କତା ଅବଲମ୍ବନ କରୁନାହାନ୍ତି। କୋଭିଡ୍ ସଂକ୍ରମଣ ବଢ଼ିବା ଲାଗି ଏବେ ପାଗ ପୂରା ଅନୁକୂଳ ଅଛି। ଏପରି ସ୍ଥିତିରେ ମାସ୍କ ବ୍ୟବହାର ସହିତ ବ୍ୟକ୍ତିଗତ ଆଚରଣରେ ପରିବର୍ତ୍ତନ ନ ଆଣିଲେ ପୂର୍ବଭଳି ପୁଣି ଯନ୍ତ୍ରଣା ଭୋଗିବାକୁ ପଡ଼ିବ ବୋଲି ସେ ଚେତାଇ ଦେଇଛନ୍ତି।

# ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍ ପାଇଁ ମୁଖ୍ୟ ସଚିବଙ୍କ ଆହ୍ୱାନ

**ଭୁବନେଶ୍ୱର,୨୪।୧୨(ସମିସ):** ପ୍ଲାଷ୍ଟିକ୍ ବ୍ୟବହାର ବିନା ପିକନିକ୍ ବା ବଣଭୋଜି କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏ ଦିଗରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ 'ୟୁଥ୍ ଫର୍ ୱାଟର' ସାମାଜିକ ଅନୁଷ୍ଠାନ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ କରୁଛନ୍ତି। ଅନ୍ୟ ପରିବେଶପ୍ରେମୀ ଜନସାଧାରଣ, ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ନିଜ ନିଜ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ 'ୟୁଥ୍ ଫର୍ ୱାଟର'ର ଉଦ୍ୟମକୁ ସମସ୍ତେ ସମର୍ଥନ କରିବା ସହ ଏହି ପ୍ରୟାସରେ ଅନ୍ୟମାନେ ସାମିଲ ହେବାକୁ ମୁଖ୍ୟ ସଚିବ ଆହ୍ୱାନ ଦେଇଛନ୍ତି।



ଏହି ପରିପ୍ରେକ୍ଷୀରେ ଶ୍ରୀ ଜେନା କହିଛନ୍ତି ଯେ, ପ୍ରକୃତି ଆମକୁ ପରିବେଶରୁ ଅନେକ ସେବା ପ୍ରଦାନ କରିଥାଏ। ତେଣୁ ପ୍ରକୃତି ମାତାଙ୍କ ରକ୍ଷକ ଭାବରେ ତାଙ୍କର ଯତ୍ନ ନେବା ଆମର ଦାୟିତ୍ୱ। ଆଗାମୀ ଖ୍ରୀଷ୍ଟମାସ ଓ ନୂଆବର୍ଷ ଅବସରରେ ଯେତେବେଳେ ପର୍ଯ୍ୟଟକ, ଯୁବ ବର୍ଗ ତଥା ଜନସାଧାରଣ ପ୍ରକୃତିର ଶାନ୍ତ ଓ କମନୀୟ ଦୃଶ୍ୟକୁ ଉପଭୋଗ କରିବା ପାଇଁ କୌଣସି ପ୍ରାକୃତିକ ସ୍ଥାନ ବା ପର୍ଯ୍ୟଟନ ସ୍ଥଳକୁ ଯାଉଥାନ୍ତି, ଯଥାସମ୍ଭବ ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀ ନେବାକୁ ଅନୁରୋଧ କରିଛନ୍ତି। ଥରେ ମାତ୍ର ବ୍ୟବହାର ଯୋଗ୍ୟ ବା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ନ କରିବାକୁ ପରାମର୍ଶ ଦେବା ସହିତ ମାଟିରେ ମିଶିପାରୁଥିବା ବା ଜୈବ ବିଘଟନ ହୋଇପାରୁଥିବା ଭଳି ପତ୍ରରେ ପ୍ରସ୍ତୁତ ପ୍ଲେଟ୍ ଏବଂ କପ୍ ଭଳି ସବୁଜ ସାମଗ୍ରୀ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ପକନିକ୍ ପରେ ପିକ୍‌ନିକ୍ ସ୍ପଟ୍ ସଫା କରିବାକୁ ଶ୍ରୀ ଜେନା ଅନୁରୋଧ କରିଛନ୍ତି। ଏଥିସହ ପିକନିକ୍ ସମୟରେ ବାହାରୁଥିବା ବର୍ଜ୍ୟବସ୍ତୁକୁ ନିର୍ଦ୍ଧାରିତ ସ୍ଥାନରେ ପକାଇବା, ଜାଗାକୁ ଅଳିଆ ଆବର୍ଜନା ମୁକ୍ତ ରଖିବାକୁ ସେ ଦୋହରାଇଛନ୍ତି। ସମସ୍ତଙ୍କୁ ଗ୍ରୀନ୍ ପିକନିକ୍ ଆମ୍ବାସାଡର ହେବା ଏବଂ ଏହି ବାର୍ତ୍ତାକୁ ସମସ୍ତ ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବାକୁ ଶ୍ରୀ ଜେନା ଅନୁରୋଧ କରିଛନ୍ତି।

## ଲୋକକଥା



ପୁଣି କରୋନା ଲେଉଟିଲାଣି ହେ
ହୋଇଯାଅ ସାବଧାନ,
ଏଯାଏଁ ଲିଭିନି ସେ ଦାରୁଣ ଦୁଃଖ
ଯାଇଚି ସିନା ସେ ଦିନ।
ଆହେ ଅମାନିଆ ଜନ,
ବିଶୃଙ୍ଖଳା ଗତି ଆଣିବ ଦୁର୍ଗତି
କରନାହିଁ ହେୟଜ୍ଞାନ ॥

**ବଡ଼ଦିନ ପୂର୍ବରୁ ଅଘଟଣ**

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

**ଫୁଲବାଣୀ, ୨୪।୧୨(ସମିସ):** ବଡ଼ଦିନର ଗୋଟିଏ ଦିନ ପୂର୍ବରୁ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଆଇଇଡି ବିସ୍ଫୋରଣ କରାଯାଇଛି। ଏସଓଜି ଯବାନଙ୍କ କମ୍ବିଂ ଅପରେସନ ବେଳେ ଏହି ବିସ୍ଫୋରଣ ଘଟିଛି। ଏହି ଘଟଣାରେ ଦୁଇ ଏସଓଜି ଯବାନ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁଇ ଯବାନ ହେଲେ ଅମିୟ ରଞ୍ଜନ ଦାସ ଓ ପ୍ରଶାନ୍ତ ଜେନା। ପ୍ରଶାନ୍ତ ସାମାନ୍ୟ ଆହତ ହୋଇଥିବା ବେଳେ ଅମିୟ ଗୁରୁତର ଆହତ ହୋଇଥିବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।



କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ସିର୍ଲା ନିକଟସ୍ଥ ଟେକେଲାମିଲା ଜଙ୍ଗଲରେ ସୁରକ୍ଷା ବାହିନୀ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ଆଇଇଡି ବିସ୍ଫୋରଣ ହୋଇଥିଲା। ସୂଚନା ଅନୁସାରେ, ସିର୍ଲା ଜଙ୍ଗଲରେ ମାଓବାଦୀ ଥିବା ଖବରପାଇ ସୁରକ୍ଷା ବାହିନୀ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିଲା। ଏହି ସମୟରେ ମାଓବାଦୀ ପୂର୍ବରୁ ବିଛାଇଥିବା ଏକ ଆଇଇଡିରେ ବିସ୍ଫୋରଣ କରିଥିଲା। ଏଥିରେ ଜଣେ ଏସ୍‌ଓଜି ଯବାନଙ୍କ ଆଖିରେ ଗୁରୁତର ଆଘାତ ଲାଗିଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନା ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ପ୍ରଶାନ୍ତଙ୍କୁ ଫୁଲବାଣୀ ଓ ଅମିୟଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ସ୍ଥାନରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ପକ୍ଷରୁ ଗୁଳି ବିନିମୟ ଜାରି ରହିଛି। କୌଣସି ମାଓବାଦୀ ମୃତାହତ ହୋଇଥିବା ନେଇ ଖବର ମିଳିନାହିଁ। ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ତରଫରୁ ଅପରେସନକୁ ଜୋରଦାର କରାଯାଇଛି।











ଶାହାରୁଖ ସାଇନ୍ କଲେ ନୂଆଫିଲ୍ମ

▶ପୃଷ୍ଠା ୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-180 ◆BHUBANESWAR ◆MONDAY ◆25 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୮୦ ◆ଭୁବନେଶ୍ୱର ◆ସୋମବାର ◆୨୫ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



DN GROUP



**1919–1998**

DRAWING INSPIRATION FROM THE LIFE AND LEGACY OF

## DASARATHI NAIK

ON HIS 104TH BIRTH ANNIVERSARY

25TH DECEMBER 2023

YOU REMAIN OUR GUIDING LIGHT TOWARDS UPHOLDING
YOUR IDEALS IN SERVICE OF HUMANITY.

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com



# ବଡ଼ଦିନ

## ଧରାପୃଷ୍ଠରେ ପ୍ରଭୁ ଯୀଶୁ

ଡିସେମ୍ବର ୨୫ ତାରିଖକୁ ସାରା ବିଶ୍ୱ ଖ୍ରୀଷ୍ଟମାସ୍ ବା ବଡ଼ଦିନ ଭାବେ ପାଳନ କରିଥାଏ। ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏହି ଦିନ ଧରାବତରଣ କରିଥିଲେ ବୋଲି ମାନ୍ୟତା ରହିଛି। ଏହି ଦିନଟିକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବଡ଼ଦିନ ପାଳନ ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ବଡ଼ଦିନ ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ ଏହାକୁ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ୍ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ଖ୍ରୀଷ୍ଟମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି ଖ୍ରୀଷ୍ଟମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ଗଛଟିଏ ବଢ଼ିବା ଭଳି ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ଖ୍ରୀଷ୍ଟମାସ୍ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସମସ୍ତଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ତେଣୁ ଏହି ଦିନରେ କିଛି ବ୍ୟକ୍ତି ନିଜକୁ ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି।



# ବଡ଼ଦିନର ନିଆରା ପରମ୍ପରା



ପେରୁରେ ବଡ଼ଦିନକୁ ନେଇ ଏକ ଅଜବ ପରମ୍ପରା ପ୍ରଚଳିତ। ଏଠାରେ ଚୁମ୍ବିବିଲ୍‌କସ୍ ଇଲାକାରେ କ୍ରିସ୍‌ମାସ୍ ଦିନ 'ତକନାକୁଇ' ନାମକ ଏକ ଉତ୍ସବ ଆୟୋଜିତ ହୋଇଥାଏ। ଏହା ଏମିତି ଏକ ପରମ୍ପରା, ଯେଉଁଥିରେ ଲୋକେ ପରସ୍ପର ସହ ଝଗଡ଼ା କରନ୍ତି। ତେବେ ଏହି ଉତ୍ସବ ଚନମକା ସମ୍ପ୍ରଦାୟ ସହ ଜଡ଼ିତ। ଏହି ଉତ୍ସବ ଆୟୋଜନ ପଛରେ ଏକ ମହତ୍ ଉଦ୍ଦେଶ୍ୟ ରହିଛି। ଚନମକା ସମ୍ପ୍ରଦାୟର ଲୋକେ ପରସ୍ପର ସହ ଲଢ଼ି ବହୁ ପୂର୍ବରୁ ଥିବା ଭୁଲ ବୁଝାମଣା ଓ ମନୋମାଳିନ୍ୟକୁ ଦୂର କରନ୍ତି। ତା'ସହ ନୂଆବର୍ଷକୁ ସ୍ୱଚ୍ଛ ମନରେ ସ୍ୱାଗତ କରନ୍ତି। ତେବେ ସ୍ଥାନୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ଏହି ଲଢ଼େଇ ହେଉଛି ଏକ ବନ୍ଧୁତ୍ୱପୂର୍ଣ୍ଣ ଖେଳ। କାରଣ ଦୁଇ ଖେଳାଳି ଯେଭଳି ଅଧିକ ଆଘାତପ୍ରାପ୍ତ ନ ହେବେ, ସେନେଇ ଜଣେ ରେଫରିଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥାଏ। ଅବଶ୍ୟ ଖେଳରୁ ଜଣେ ହାରିଯିବା ପରେ ଖାଦ୍ୟପାନୀୟ ସହ ନାଚ, ଗୀତ ମାଧ୍ୟମରେ ସେମାନେ ଖୁସି ମନାନ୍ତି। ପୂର୍ବରୁ ଏହା କେବଳ ପୁରୁଷମାନଙ୍କ ମଧ୍ୟରେ ସୀମିତ ଥିଲା। ଏବେ କିନ୍ତୁ ଏଥିରେ ମହିଳା ସାମିଲ ହେଉଛନ୍ତି।

### ଆଜି ଆସିଥିଲେ

# ଭାରତରତ୍ନ ଅଟଳ ବିହାରୀ ବାଜପେୟୀ



ଉଦାରବାଦୀ ରାଜନେତା, କବି ତଥା ସୁବକ୍ତା ଭାବେ ଅଟଳ ବିହାରୀ ବାଜପେୟୀ ବେଶ୍ ପରିଚିତ। ଭାଷଣ ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ୧୯୨୪ ମସିହା ଡିସେମ୍ବର ୨୫ରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ ହେଉଛି କୃଷ୍ଣା ବାଜପେୟୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)ରେ ଯୋଗଦେଇଥିଲେ। ଏପରିକି ସେ ଅଧାରୁ ପାଠଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କାନପୁରରେ ଏଲ୍‌ଏଲ୍‌ବି ପଢ଼ା ଆରମ୍ଭ କରିଥିଲେ।

ବାଜପେୟୀଙ୍କର ପିଲାଟି ବେଳୁ ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ୍ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ୍ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ବାଜପେୟୀ ୧୯୫୧ରେ ରାଜନୀତିରେ ପାଦ ଥାପିଲେ। ୧୯୫୫ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସାଂସଦ ହୋଇଥିଲେ । ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଛନ୍ତି। ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ନୂଆଦିଲ୍ଲୀରୁ ସେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାରଜୀ ଦେଶାଇ ସରକାର ସମୟରେ ସେ ବୈଦେଶିକ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ।

ବାଜପେୟୀ ୩ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୦୯ ମସିହାରେ ସେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇଥିଲେ। ୧୯୯୮ ମଇ ୧୩ରେ ପୋଖରାନଠାରେ କରାଯାଇଥିବା 'ଅପରେସନ ଶକ୍ତି' ଥିଲା ତାଙ୍କର ଆଉ ଏକ ସଫଳତା । ଏହାଦ୍ୱାରା ସେ ବିଶ୍ୱରେ ହାତଗଣତି ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ଭାରତକୁ ସାମିଲ କରାଇଥିଲେ । ସେ ଏଭଳି କୌଶଳରେ ପରମାଣୁ ବୋମା ପରୀକ୍ଷା କରାଇଲେ, ଏହାର ସୂଚନା ଆମେରିକା ମଧ୍ୟ ପାଇ ନ ଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ନେଇ ସେ ଅନେକ ପଦକ୍ଷେପ ହାତକୁ ନେଇଥିଲେ। ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଯବାନ, ଜୟ କିସାନ' ସ୍ଲୋଗାନରେ ସେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ସେହିପରି କାର୍‌ଗିଲ୍ ଯୁଦ୍ଧରେ ପାକିସ୍ତାନକୁ ମାତ୍ ଦେବା ଥିଲା ତାଙ୍କ ରାଜନୈତିକ ଜୀବନର ଅନ୍ୟତମ ସଫଳତା। ଦେଶ ପ୍ରତି ଥିବା ତାଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।

# କ୍ରିସ୍‌ମାସ ଟ୍ରି ସଜାଇବା ପାଇଁ ଛାଡ଼ିଲେ ଶିକ୍ଷକତା



ଜଣେ ମହିଳା କ୍ରିସ୍‌ମାସ୍ ଟ୍ରିକୁ ସଜାଇବା ପାଇଁ ଶିକ୍ଷକତା ବୃତ୍ତିକୁ ତ୍ୟାଗ କରିଛନ୍ତି। ଆମେରିକାର ଆରକାନ୍ସାରେ ରହୁଥିବା ୪୪ ବର୍ଷୀୟା ଆମଣ୍ଡା ୱାରେଙ୍କର ଏବେ ପୂର୍ଣ୍ଣକାଳୀନ ପେସା ହେଉଛି କ୍ରିସ୍‌ମାସ ଗଛକୁ ସଜାଇବା। ସେ ଗୋଟିଏ କ୍ରିସ୍‌ମାସ୍ ଟ୍ରିର ସାଜସଜ୍ଜା ପାଇଁ ୮୩ ହଜାର ଟଙ୍କା ନେଇଥାନ୍ତି। ଆମଣ୍ଡା ବର୍ଷର ଶେଷ ତିନି ମାସ ଏହି କାମରେ ସମ୍ପୂର୍ଣ୍ଣ ବ୍ୟସ୍ତ ରହନ୍ତି। ଏହି କାମ ତାଙ୍କ ନିଶା ହୋଇଥିବାରୁ ପାଞ୍ଚ ବର୍ଷ ତଳେ ସେ ଶିକ୍ଷକତା ବୃତ୍ତିକୁ ତ୍ୟାଗ କରିଛନ୍ତି। ଡିସେମ୍ବର ୨୫ ପୂର୍ବରୁ ସେ ପ୍ରାୟ ୧୦୦ କ୍ରିସ୍‌ମାସ୍ ଟ୍ରି ସଜାଉଥିବା କହିଛନ୍ତି। ସେହିପରି ଏ କାମ ପାଇଁ ଆମଣ୍ଡାଙ୍କର ଗୋଟିଏ ଟିମ୍ ଅଛି। ଯେଉଁମାନେ କ୍ରିସମାସ୍ ଟ୍ରି ଓ ଘର ସାଜସଜ୍ଜାରେ ନିୟୋଜିତ ଅଛନ୍ତି। କ୍ରିସ୍‌ମାସ୍ ଟ୍ରିକୁ ସଜାଇବା ପାଇଁ ପାଞ୍ଚ ଘଣ୍ଟା ଲାଗିଥାଏ। ତେବେ ଏହାକୁ ସଜାଇବାର ସମୟ ଗଛର ଆକାର ଉପରେ ନିର୍ଭର କରିଥାଏ ବୋଲି ଆମଣ୍ଡା କହିଛନ୍ତି। ତାଙ୍କ ମତରେ ଯେକୌଣସି ରଙ୍ଗ କ୍ରିସ୍‌ମାସ୍ ରଙ୍ଗ ହୋଇଥାଏ। ଏହାବାଦ୍ ରିବନ୍‌ରେ ସେ ଗଛକୁ ସଜାଇବାକୁ ବେଶି ପସନ୍ଦ କରନ୍ତି ଓ ଏନେଇ ବିଭିନ୍ନ ସାଜସଜ୍ଜା ଉପକରଣକୁ ବ୍ୟବହାର କରନ୍ତି। ତେବେ କ୍ରିସ୍‌ମାସ୍ ଗଛର ଆକାର ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। କ୍ରିସ୍‌ମାସ୍ ଟ୍ରିର ଦାମ୍ ୨୫ ହଜାରରୁ ଆରମ୍ଭ ହୋଇ ଲକ୍ଷେ ଟଙ୍କା ମଧ୍ୟରେ ଥିବା ସେ କହିଛନ୍ତି। ଏକଦା ସେ ଗୋଟିଏ କ୍ରିସ୍‌ମାସ୍ ଟ୍ରିକୁ ଏଭଳି ସଜାଇଥିଲେ, ଯାହାର ଦାମ୍ ଥିଲା ୮.୩ ଲକ୍ଷ ଟଙ୍କା। ଅବଶ୍ୟ ଗଛଟିର ମୂଲ୍ୟ ଥିଲା କେବଳ ୧୬ ହଜାର ୬୦୦ ଟଙ୍କା। ତେବେ ସେ ଏବେ ଏଭଳି ଏକ ବ୍ୟବସାୟରେ ନିଜକୁ ସାମିଲ କରିଛନ୍ତି, ଯାହା ମାଧ୍ୟମରେ ସେ ଲୋକମାନଙ୍କୁ ଖୁସି କରୁଛନ୍ତି।

## ଆଜିର ଇତିହାସ

- ୧୭୭୧- ଶାହା ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୭୧-ଫୁଟବଲ୍ କ୍ଲବ୍ ଗଠନ କରାଗଲା।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୨୪- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ।
- ୧୯୭୪- ରୋମ୍ ଯାଉଥିବା ଏୟାର ଇଣ୍ଡିଆର ବିମାନ ବୋଇଂ ୭୪୭ ଅପହରଣ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।

# ୧୦୦ ବର୍ଷ ତଳର ହସ୍ତଲେଖା

## ବୁଝିବାକୁ ଲାଗିଲା ୧୦ବର୍ଷ



କିଛି ଲୋକଙ୍କର ହସ୍ତାକ୍ଷର ବେଶ୍ ସୁନ୍ଦର ହୋଇଥିବାବେଳେ ଆଉ କିଛି ଲୋକଙ୍କର ହସ୍ତାକ୍ଷର ଏତେ ଅସୁନ୍ଦର ହୋଇଥାଏ ଯେ, ଏହାକୁ ପଢ଼ିବା ବୁଝିବା କଷ୍ଟକର ହୋଇଥାଏ। ଆଉ କିଛି ହସ୍ତାକ୍ଷରକୁ ଗୁପ୍ତ ରଖିବା ପାଇଁ ଏହାକୁ ଏପରି ଲେଖାଯାଏ ଯେ, ଯେମିତି କେହି ବୁଝିପାରିବେ ନାହିଁ। ଏହି ପରିପ୍ରେକ୍ଷୀରେ ୧୦୦ ବର୍ଷ ତଳର ପୋଷାକରେ ଥିବା ଏକ ପୁରୁଣା ହାତଲେଖା ଚର୍ଚ୍ଚାରେ ରହିଛି। ତେବେ ଏଥିରେ କ'ଣ ଲେଖାଯାଇଛି ତାହାକୁ ଡିକୋଡ୍ କରିବାକୁ ୧୦ ବର୍ଷ ସମୟ ଲାଗିଯାଇଥିଲା। ଏହି ପୋଷାକଟି ସିଲ୍‌କର ହୋଇଥିବାବେଳେ ଏହା ୧୮୮୦ରେ ତିଆରି ହୋଇଥିବା ଜଣାପଡ଼ିଛି। ୨୦୧୩ରେ ଆମେରିକାର ଏକ ଆଣ୍ଟିକ୍ ମଲ୍‌ରୁ ସାରା ରିବର କୋଫିଲ୍ଡଙ୍କୁ ଏହି ପୋଷାକ ମିଳିଥିଲା। ସେ 'ଡିଜିଟାଲ ଆର୍କୋଲଜିକାଲ ରେକର୍ଡ' ନାମକ ସଂସ୍ଥା ଚଳାନ୍ତି। ଏହି ହାତଲେଖା ସେହି ପୋଷାକରେ ଥିବା ଏକ ଗୁପ୍ତ ପକେଟ୍‌ରୁ ମିଳିଥିଲା। ତେବେ ଏହି ହାତଲେଖାଟି ବୁଝି ହେଉ ନ ଥିଲା। ଏହାକୁ ବୁଝିବାକୁ ରିବର କୋଫିଲ୍ଡ ଏହି ନୋଟ୍‌କୁ ଅନଲାଇନ୍ ପୋଷ୍ଟ କରିଥିଲେ। ଟେଲିଗ୍ରାମ୍ ଉଦ୍ଦେଶ୍ୟରେ ଏହି ବାର୍ତ୍ତା ଲେଖାଯାଇଥିବ ବୋଲି କିଛି ଲୋକ କହିଥିଲେ। କାରଣ ସେହି ସମୟରେ ଟେଲିଗ୍ରାମ୍ ପଠାଇବା ଏକ ସାଧାରଣ କଥା ଥିଲା। ମୋନିଟୋବା ବିଶ୍ୱବିଦ୍ୟାଳୟର ଗବେଷକ ବେନ୍ ଚେନ୍ ଏହାକୁ ପାଣିପାଗ ସମ୍ବନ୍ଧରେ ଚର୍ଚ୍ଚା କରିବା ପାଇଁ ଆମେରିକା ସେନାର ସିଗ୍‌ନାଲ୍ କୋର୍ ଦ୍ୱାରା ବ୍ୟବହାର କରାଯାଉଥିବା କୋଡ୍ ଶବ୍ଦ ପରି ପୋଷାକରେ ଥିବା ହସ୍ତଲେଖା ଜଣାପଡୁଥିବା କହିବା ପରେ ଏହି ହାତଲେଖା ଉପରୁ ପରଦା ଉଠିଥିଲା। ଚେନ୍ ଏହା ବିଷୟରେ ଅଧିକ ଜାଣିବା ପାଇଁ ୧୮୯୨ର ପାଣିପାଗ ସହିତ ଜଡ଼ିତ ଟେଲିଗ୍ରାଫ୍ କୋଡ ବୁକ୍‌ର ସାହାଯ୍ୟ ନେଇଥିଲେ। ଏହି ବହିଟି ମେରିଲ୍ୟାଣ୍ଡର ଏକ ଲାଇବ୍ରେରୀରେ ରଖାଯାଇଥିଲା। ତେବେ ଏହି ହସ୍ତଲେଖା ପାଣିପାଗ ଷ୍ଟେସନ୍‌ର ସିଗ୍‌ନାଲ୍ ସର୍ଭିସ୍ ତରଫରୁ ଥିଲା ଓ ଏଥିରେ ଆମେରିକା ଏବଂ କାନଡାର ପାଣିପାଗ ସମ୍ପର୍କରେ କୋଡ୍‌ରେ ଉଲ୍ଲେଖ ଥିଲା। ତେବେ ପାଣିପାଗ ସମ୍ପର୍କୀୟ ଏହି ପୂର୍ବାନୁମାନ ମେ ୨୭, ୧୮୮୮ରେ କରାଯାଇଥିଲା।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ସମୟ ପୂର୍ବରୁ କାମ ଶେଷ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ଖର୍ଚ୍ଚ ବୃଦ୍ଧି ପାଇବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ଶୁଭ ଖବର ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ବନ୍ଧୁ ମିଳନରେ ଯୋଗ ଦେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ଆଶଙ୍କା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

# ଶୁଭଫଳ ପ୍ରାପ୍ତି ନିମନ୍ତେ ଏହିସବୁ ଜିନିଷ ଘରକୁ ଆଣନ୍ତୁ

**ଦୀର୍ଘଦିନ ଧରି ଆର୍ଥିକ ଅନଟନ ଲାଗି ରହିବା, ସମ୍ପର୍କରେ ମନୋମାଳିନ୍ୟ ଦେଖାହେବା, ଲଗାତାର କଳି ଝଗଡ଼ା ଲାଗି ରହିଲେ ଘରେ ବାସ୍ତୁ ଦୋଷ ଥାଇପାରେ ବୋଲି କୁହାଯାଏ। ବାସ୍ତୁ ଅନୁଯାୟୀ ଏଭଳି କିଛି ଜିନିଷ ରହିଛି, ଯାହାକୁ ଘରକୁ ଆଣିବା ଦ୍ୱାରା ଶୁଭଫଳ ପ୍ରାପ୍ତ ହେବା ସହ ସୁଖସମୃଦ୍ଧି ଆସିଥାଏ। ସେସବୁ ଜିନିଷ ହେଉଛି –**



- ଧାତୁରେ ତିଆରି କଇଁଛ ଆଣି ଘରେ ରଖିବା ଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ଯଦି ମିଶ୍ରିତଧାତୁର କଇଁଛ ଆଣୁଛନ୍ତି, ତେବେ ତାହାକୁ ଘରର ଉତ୍ତର ଦିଗରେ ରଖନ୍ତୁ। ଏହା ପରିବାରରେ ଖୁସିର ମାହୋଲ୍ ସୃଷ୍ଟି କରିଥାଏ।
- ଧାତୁ କିମ୍ବା ସ୍ଫଟିକର ପିରାମିଡ୍ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରେ।
- ମୋତିଶଙ୍ଖ ଘରକୁ ଆଣିବା ଶୁଭ। ଏହାଦ୍ୱାରା ଘରେ ଧନବୃଦ୍ଧି ହୋଇଥାଏ। ଏହାକୁ ପୂଜା କରିବା ପରେ ଘରର ଆଲମାରୀରେ ରଖନ୍ତୁ। ଆର୍ଥିକ ସମସ୍ୟା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି।
- ମୟୂର ପୁଚ୍ଛ ବେଶ୍ ଚମତ୍କାରୀ। ତିନୋଟି ମୟୂର ପୁଚ୍ଛ ଘରେ ରଖିବା ଦ୍ୱାରା ଭାଗ୍ୟରେ ଉନ୍ନତି ହେବା ସହ ସବୁ ବାଧାବିଘ୍ନ ଦୂର ହୋଇଥାଏ ବୋଲି କୁହାଯାଏ।
- ଲାଫିଙ୍ଗ୍ ବୁଦ୍ଧ ଘରକୁ ଆଣି ଉତ୍ତର-ପୂର୍ବ କୋଣରେ ରଖନ୍ତୁ। ଲାଫିଙ୍ଗ୍ ବୁଦ୍ଧ ରଖିବା ଦ୍ୱାରା ଘରେ ଧନର ଅଭାବ ରୁହେ ନାହିଁ ବୋଲି କୁହାଯାଏ।



# ଶାହାରୁଖ୍ ସାଇନ୍ କଲେ ନୂଆ ଫିଲ୍ମ



ବଲିଉଡ୍ ବାଦଶାହ ଶାହରୁଖ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଡଙ୍କି' ରିଲିଜ୍ ହୋଇସାରିଛି। ଶାହାରୁଖ୍‌ଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି ଏହି ଫିଲ୍ମ। କିଙ୍ଗ୍ ଖାନ୍‌ଙ୍କର ଚଳିତ ବର୍ଷ ୩ଟି ବ୍ଲକ୍‌ବଷ୍ଟର୍ ଫିଲ୍ମ ରିଲିଜ୍ ହୋଇଛି । 'ଡଙ୍କି' ପୂର୍ବରୁ ଶାହାରୁଖ୍‌ଙ୍କ 'ପଠାନ୍' ଓ 'ଜୱାନ୍' ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ତେବେ 'ଡଙ୍କି' ପରେ ଶାହାରୁଖ୍‌ଙ୍କ କେଉଁ ଫିଲ୍ମ ଆସିବ, ସେ ଅପେକ୍ଷାରେ ତାଙ୍କ ପ୍ରଶଂସକମାନେ ଥିଲେ। ଏବେ ନିଜେ ଶାହାରୁଖ୍ ଏହା ଉପରୁ ପରଦା ଉଠାଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ (ପୂର୍ବର ଟ୍ୱିଟର)ରେ ଶାହାରୁଖ୍ ନିଜେ ଏହାର ଖୁଲାସା କରିଛନ୍ତି। ସେ ତାଙ୍କ ଆଗାମୀ ଫିଲ୍ମର ସୁଟିଂ ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ କରିବେ ବୋଲି କହିଛନ୍ତି। ଏହାବାଦ୍ ସିନେମାରେ ତାଙ୍କ ଭୂମିକାକୁ ନେଇ ଶାହାରୁଖ ବହୁ ରୋଚକ କଥା ସେୟାର୍ କରିଛନ୍ତି। ଏଥର ସେ ନିଜ ବୟସ ଅନୁସାରେ ଭୂମିକା ତୁଲାଇବେ, ଯାହା ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ସେ କହିଛନ୍ତି। ତେବେ 'ଡଙ୍କି' ପରେ ଶାହାରୁଖ୍‌ଙ୍କ ଏହି ନୂଆ ସିନେମା ବି ତାଙ୍କ ସଫଳତାକୁ ଦୋହରାଇବ ବୋଲି ଆଶା କରାଯାଉଛି।

## ସ୍ମାରକୀ ଜାତୀୟ ନାଟକ ମହୋତ୍ସବ

# ‘ମିଥ୍ୟାବାଦୀ ଜିନ୍ଦାବାଦ’ ନାଟକ ମଞ୍ଚସ୍ଥ

**ଭବାନୀପାଟଣା, ୨୪।୧୨(ସମିସ)**

ସ୍ମାରକୀ ନାଟ୍ୟ ସଂସ୍ଥା ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ - ୨୦୨୩ ଅନୁଷ୍ଠିତ ହୋଇଛି।

## ନାଟକ ମନୋରଞ୍ଜନଧର୍ମୀ ନ ହୋଇ ସମାଜଧର୍ମୀ ହେଉ

ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଭାସଚନ୍ଦ୍ର ମିଶ୍ର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ସାଂସ୍କୃତିକ ସଂଗଠକ ହରଜିନ୍ଦର ସିଂହ, ବିଶିଷ୍ଟ ଶିକ୍ଷାବିତ ଅଜୟ ମିଶ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଥିଲେ। ଏହି




ଅବସରରେ ମଞ୍ଚସ୍ଥ ହୋଇଥିଲା ନାଟକ ‘ମିଥ୍ୟାବାଦୀ ଜିନ୍ଦାବାଦ’। ଏହାକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନାରାୟଣ ମିଶ୍ର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ମନୋଜ ସାମନ୍ତରାୟ, ସୁକାନ୍ତ ମିର୍ଦ୍ଧା, ମନୋଜ ସୁତାର, ନିରଞ୍ଜନ ସ୍ୱାଇଁ, ସୁବ୍ରତ ପ୍ରଧାନ, କେଦାର ବିଶ୍ୱାଳ, ପ୍ରକାଶ କୁମାର ନାୟକ, ସ୍ମୃତି ରଞ୍ଜନ ସ୍ୱାଇଁ, ସ୍ମୃତି ଛୋଟରାୟ, ମୋହନ ମହାପାତ୍ର, ଋତୁପର୍ଣ୍ଣା ବାରିକ, ଲିପ୍ସା ରଞ୍ଜିତ, ଧର୍ମପଦ ବାଡୋଇ, ରାଜା ମଲ୍ଲିକ, ଗାୟତ୍ରୀ ବାରିକ, ଶ୍ରୀନିବାସ ରାଉତରାୟ, ସ୍ମୃତି ରଞ୍ଜନ ସ୍ୱାଇଁ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ କେଦାର ବିଶ୍ୱାଳ ଏବଂ ଭବତୋଷ ନାୟକ ଥିବାବେଳେ ଆଲୋକ ସଂଯୋଜନା ମନୋଜ ଖଟୁଆ କରିଥିଲେ। ନମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶ୍ୱର ତ୍ରିପାଠୀ, ସୁଶୀଲ ଆଚାର୍ଯ୍ୟ, ଶିବଶକ୍ତି ପୁରୋହିତ, ଶୁଭମ୍ ବେହେରା, ତଥାଗତ ମିଶ୍ର, ସୌମ୍ୟ ରଞ୍ଜନ ଜେନା, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ମାନସୀ ନାୟକ, ଦୀପକ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ଦୁଇ ବାଇକ୍ ଧକ୍କା: ଜଣେ ମୃତ, ଜଣେ ଗୁରୁତର

**ଜୁନାଗଡ଼, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବଣିଜରା ଛକଠାରେ ଏକ ଆପାଚି ଓ ଗ୍ଲାମର ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଦୁଇ ବାଇକ୍ ଚାଳକ ଗୁରୁତର ହୋଇଥିଲେ। ଦୁଇ ଯୁବକ ହେଲେ ଜୁନାଗଡ଼ ଥାନା ଚାରଭାଟି ଗ୍ରାମ ର ଉମାକାନ୍ତ ନାଏକ (୨୯) ଏବଂ କର୍ଲାକୋଟ ଗ୍ରାମର ତାପସ ଶବର (୨୫) ବୋଲି ଜଣାପଡ଼ିଛି। ଜୁନାଗଡ଼ ଡାକ୍ତରଖାନାରେ ଉମାକାନ୍ତ ନାଏକକୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ତାପସ ଶବରକୁ ପ୍ରାଥମିକ ଚିକିତ୍ସା କରିବା ସହ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## କାର୍ଣ୍ଣିଖୁଣ୍ଟିରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ

**କର୍ଲାମୁଣ୍ଡା/ପଲମ, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଯୋରାଡବରା ପଞ୍ଚାୟତସ୍ଥିତ କାର୍ଣ୍ଣିଖୁଣ୍ଟି ଗ୍ରାମରେ ରବିବାର ମହାରାଜ ମଧୁସୁଦନ ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଛି। ରବିବାର ଷୋଡ଼ଶ ଉପଚାର ପୂଜା ପୂର୍ବକ ୭୧୬ ଟି ଶ୍ଳୋକ ବା ୧୨ ଅଧ୍ୟାୟ ଗୀତାଯଜ୍ଞ ଆହୁତି ପ୍ରଦାନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୁରୀ ମଠର ପଣ୍ଡିତ୍ ପିତବାସ ମହାରାଜ, ଟିଟିଲାଗଡ଼ ରାମଜୀମଠର ପଣ୍ଡିତ ମାୟାଧର ଖର୍ସେଲ୍ ଯୋଗଦେଇ ଥିଲେ। ଭଜନ ଗାୟିକା ତୃଷା ବିଶି, ଭୀମଖୋଜର ତବଲିଷ୍ଟ ଗୁରୁଶ୍ରୀ ଶ୍ରୀକାନ୍ତ ସାହୁ, କେନ୍ଦୁବାହାଲିର ପୁରାଣ ଗାୟିକା ଚନ୍ଦ୍ରକାନ୍ତି ସାହୁ, ରସାନ୍ତ ଭୋଇ ପ୍ରମୁଖ ଭଜନ ପରିବେଷଣ କରିଥିଲେ।



## ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

**ଲାଞ୍ଜିଗଡ଼, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ଠାରୁ ମୁନିଗୁଡ଼ା ଯିବା ମୁଖ୍ୟ ରାସ୍ତାରେ ଦୁଇଟି ବାଇକ ମୁହାଁ ମୁହିଁ ଧକ୍କାରେ ଜଣକ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକଙ୍କ ନାମ ଅଯୋଧ ପ୍ରସାଦ (୨୨)। ବେଦାନ୍ତର ସହଯୋଗୀ କମ୍ପାନୀରେ ଅଯୋଧ ପ୍ରସାଦ ରିଗର ଭାବେ କାମ କରୁଥିବାବେଳେ ଏବଂ ତାର ସାଥୀ ସୁରଜ ଦେବ ବ୍ରାସ କଟର ଭାବେ କାମ କରୁଥିଲେ। ସେମାନେ ଉତ୍ତରପ୍ରଦେଶ ଦୁଦ୍ଧି ଥାନା ଅନ୍ତର୍ଗତ କଟାଉଲି ଗ୍ରାମର ବାସିନ୍ଦା ଅଟନ୍ତି। ସେମାନେ ବସନ୍ତପଡ଼ା ଗ୍ରାମରେ ରହୁଥିଲେ ଓ ରବିବାର ଛୁଟି ଥିବାରୁ ସନ୍ଧ୍ୟାରେ ଅଯୋଧ୍ୟା ଓ ସୁରଜ ସଉଦା କିଣିବାପାଇଁ ବସନ୍ତପଡ଼ାରୁ ଲାଞ୍ଜିଗଡ଼ ବାଇକରେ ଆସୁଥିବାବେଳେ ବତେଲିମା ପଞ୍ଚାୟତ ବୋରିଙ୍ଗ ପଦର ଗ୍ରାମର ଦୁଇଜଣ ସନ୍ତୋଷ ମାଝୀ (୨୫) ଓ ଚଇତୁ ମାଝୀ (୨୨) ଲାଞ୍ଜିଗଡ଼ ଠାରୁ ବସନ୍ତପଡ଼ା ରାସ୍ତାରେ ଯାଉଥିବାବେଳେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଲାଞ୍ଜିଗଡ଼ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକୋକା ପୁଲିସ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଡାକ୍ତଖାନା ପହଞ୍ଚାଇ ଥିଲେ। ସେଠାରେ ଡାକ୍ତର ଅଯୋଧାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣ ଅତ୍ୟଧିକ ଗୁରୁତର ହେବାରୁ ସନ୍ତୋଷ ମାଝୀଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଏବଂ ଚଇତୁ ମାଝୀଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଡାକ୍ତର ଭବାନୀ ଶଙ୍କର ଲେଙ୍କା ସୂଚନା ଦେଇଛନ୍ତି।

## ୟଙ୍ଗବ୍ଲଡ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**କେସିଙ୍ଗା, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ୟଙ୍ଗବ୍ଲଡ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି କମଲ କୁମାର ଜୈନ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ଏନ୍‌ଆଇ ଓ ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାହୁ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଟିଟିଲାଗଡ଼ର ଡ଼ ଯୁଗଳ କିଶୋର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଚେୟାରମ୍ୟାନ ରାମ କୁମାର ଜୈନ୍, ସମ୍ପାଦକ ଶିବ କୁମାର ବଂସଲ, ସ୍କୁଲ ଅଧକ୍ଷା ଦୀପ୍ତିରାଣୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ରଶ୍ମିତା ସାହୁ, ଅଶୋକ ରଥ, ଉଦିତ ହରପାଲ, ଖିରସିନ୍ଧୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ତିନିଦିନିଆ କର୍ମୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନୂଆପଡ଼ା, ୨୪।୧୨(ସମିସ):** ସ୍ଥାନୀୟ କାଞ୍ଚନ୍‌ବେନ ରସିକଲାଲ ଜ୍ଞାନଜ୍ୟୋତି ବିଦ୍ୟାଳୟରେ ବିଜେଡି କର୍ମୀ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ସମ୍ମାନିତ ଅତିଥିଭାବେ ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ରାଜେଶ କୁମାର ନିଗମ, ନୂଆପଡ଼ା ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା କୌଶଲ୍ୟା ଦୀପ, ଜିଲ୍ଲା ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ, ଜିଲ୍ଲାପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ଅବନୀ ରଞ୍ଜନ ଯୋଷୀ, ମୂରଲୀ ଭୋଇ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ସମ୍ପାଦକ ରବି ବାଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିବା ଦେବାଶିଷ ସ୍ୱାଇଁ, ସଞ୍ଜୀବ ପୃଷ୍ଟି ତାଙ୍କର ତିନି ଦିନିଆ ଅନୁଭୂତି ରଖିଥିଲେ। ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର କୋମନା, ନୂଆପଡ଼ା ଏବଂ ଦୁଇଟି ଏନ୍‌ଏସିର ସମସ୍ତ କର୍ମକର୍ତ୍ତାଙ୍କୁ ଜଣେ ଜଣେ ଯୋଦ୍ଧା ଭାବରେ ସମର ସଜ୍ଜା ପାଇଁ ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମକୁ ବିଧାୟକଙ୍କ ପ୍ରତିନିଧି ଜୟ ଢୋଲକିଆ ପରିଚାଳନା କରିଥିବାବେଳେ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଭିଡିଓ କଲ୍ ମାଧମରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଦେଓଗାଁ, ୨୪।୧୨ (ସମିସ):** ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ସଭାପତିତ୍ୱରେ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଓ ସମ୍ମାନିତ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ପ୍ରଦୀପ ଛତ୍ରିଆ ସଭା ପରିଚାଳନା କରିଥିଲେ। ଶିବିରରେ ଶାରୀରିକ ଅକ୍ଷମ ୯୫ ଜଣ, ଦୃଷ୍ଟିହୀନତା ୮୮ ଓ ମାନସିକ ଅନଗ୍ରସର ୨୨ ଜଣ ପ୍ରମାଣପତ୍ର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଶିବିରରେ ୪୩ ଜଣ ଶାରୀରିକ ଚିକିତ୍ସା ହୋଇଥିବାବେଳେ ୧୨ ଜଣ ଫିଜୋଥେରାପି ନେଇଥିଲେ। ଚାରି ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ଜଣକୁ ଆଶାବାଡି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀ, ଇଓ, ଜିଆରଏସ, ଅଙ୍ଗନବାଡି କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

## ଜାନୁୟାରୀ ୪ରୁ ସର୍ବଭାରତୀୟ ୱାଇଏମ୍‌ସି କପ୍

**ନୂଆପଡ଼ା, ୨୪।୧୨ (ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମରେ ଜାନୁୟାରୀ ୪ରୁ ସର୍ବ ଭାରତୀୟ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଆୟୋଜକ କ୍ଲବ୍ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସରୋଜ କୁମାର ସାହୁ ଅଧକ୍ଷତା କରିଥିଲେ। ଏଥିରେ ୮ ଟି ଦଳ ଭାଗ ନେବେ। ଚାମ୍ପିଅନ ଦଳକୁ ୮୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୫୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସଭାପତି ବାପି ଦାସ, ସମ୍ପାଦକ ପିଣ୍ଟୁ ବଗର୍ତ୍ତି, ଜିଲ୍ଲା କ୍ରିକେଟ ଆସୋସିଏସନ ସଭାପତି ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଅଧିଆ ବିଜୁସେତୁ ନିର୍ମାଣକାମକୁ ନେଇ ଅସନ୍ତୋଷ

**ନର୍ଲା, ୨୪।୧୨(ସମିସ):** ନବେ ଦଶକର ଶେଷ ଭାଗରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପ୍ରଥମ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ଭାବରେ ନର୍ଲା ବ୍ଲକର ତିନୋଟି ଜିଲ୍ଲା ପରିଷଦ ଜୋନ୍‌ରେ ନିର୍ବାଚିତ ହୋଇଥିଲେ ସ୍ୱର୍ଗତ ଅର୍ଜୁନ ଚାନ୍ଦ, କମଳିନୀ ଜାନୀ ଓ ହରେରାମ ନାଏକ। ପରେ ତତ୍କାଳୀନ ଜିଲ୍ଲା ପରିଷଦ ସଭ୍ୟ ସ୍ୱର୍ଗତ ଶ୍ରୀ ଚାନ୍ଦ ସେ ସମୟରେ କଳାହାଣ୍ଡି ଜିଲ୍ଲା ଯୋଜନା କମିଟି ଅଧକ୍ଷ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସମକାଳୀନ ଜିଲ୍ଲା ପରିଷଦ ସଭ୍ୟା କମଳିନୀ ଜାନୀ ଶ୍ରୀଚାନ୍ଦଙ୍କ ପରାମର୍ଶ ଅନୁଯାୟୀ ତାଙ୍କ ଜୋନ୍ ଅଞ୍ଚଳର ଅନେକ ରାସ୍ତା, ସେତୁ, ବିଦ୍ୟାଳୟ ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟର ପ୍ରସ୍ତାବ ଜିଲ୍ଲା ଯୋଜନା କମିଟି ନିକଟରେ ଜଣାଇଥିଲେ। ଦୀର୍ଘ ୩୫ ବର୍ଷ ପରେ ବର୍ତ୍ତମାନ ଉକ୍ତ ପ୍ରସ୍ତାବ ଗୁଡ଼ିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କ ଯୋଗୁଁ କାର୍ଯ୍ୟରେ ରୂପାନ୍ତରୀତ ହେଉଛି। ଯୋଡ଼ାବନ୍ଧ ନିକଟରେ ସାନ୍ଦୁଲ ନଦୀ ଉପରେ ନଦୀ ଉପରେ ପଞ୍ଚମ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୧୯୨ ମିଟର ଲମ୍ବର ପୋଲ ନିର୍ମାଣ ପାଇଁ ୬.୫୦ କୋଟିରୁ ଅଧିକ ଟଙ୍କା ଅନୁଦାନ ଦିଆଯାଇଛି। ଏଠାରେ ରାତି ଅଧିଆ କାମକୁ ନେଇ ଯୋଡ଼ାବନ୍ଧ ଓ ଡୁଙ୍ଗାପଟା ତଥା ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀମାନେ ବିଭାଗ ନିକଟରେ ଅଭିଯୋଗ କରିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟକ୍ଷେତ୍ରର ପରିଦର୍ଶନ କରି ଯନ୍ତ୍ରୀ ଓ ଠିକାଦାରଙ୍କୁ ତାଗିଦ୍ କରିଥିଲେ। ହେଲେ ଯନ୍ତ୍ରୀ କିମ୍ବା ଠିକାଦାରଙ୍କ ଉପରେ ତାହାର କୌଣସି ପ୍ରଭାବ ଦେଖାଯାଉ ନାହିଁ। ବର୍ତ୍ତମାନ ମଧ୍ୟ ରାତିରେ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିରେ କାମ ଚାଲିଥିବା ରାଜ୍ୟ ସରକାରଙ୍କ ଏଏଲଟିସି ସଭ୍ୟ ମେଦିନୀଧର ଜାନୀ, କୁଲତା ସମାଜର ଆଞ୍ଚଳିକ ସଭାପତି ଦେବରାଜ ଗଡ଼ତିଆ, ସମାଜସେବୀ ବରୁଣ ମହାନନ୍ଦ, ରାଜାରାମ ଗଡ଼ତିଆ, ବୃଷକେତୁ ଦାସ, ଜଗଦୀଶ ଗଡ଼ତିଆ, ଛନ୍ଦ ଚରଣ ନାଗ, ଖଗେଶ୍ୱର କୁମାର, ଉମାଶଙ୍କର ପଧାନ, ଅଶୋକ ପଧାନ, ସୁଦାମ କୁମାର ପ୍ରମୁଖ ମୁଖ୍ୟମନ୍ତ୍ରୀ ତଥା ୫-ଟି ଅଧକ୍ଷଙ୍କୁ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି।




## ଆନ୍ତଃରାଜ୍ୟ ଚନ୍ଦୁ ସାହାଣୀ ମେମୋରିଆଲ କ୍ରିକେଟ୍ ପ୍ରତିଯୋଗିତା

# ବଲାଙ୍ଗିରକୁ ହରାଇ ଭବାନୀପାଟଣା ବିଜୟୀ

**ଜୁନାଗଡ଼, ୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ଚାଲିଥିବା ଆନ୍ତଃରାଜ୍ୟ ଚନ୍ଦୁ ସାହାଣୀ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଅଷ୍ଟମ ଦିନ ବଲାଙ୍ଗିର ବନାମ ଭବାନୀପାଟଣା ମଧ୍ୟରେ ମ୍ୟାଚ୍ ହୋଇଥିଲା। ବଲାଙ୍ଗିର ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡ଼ କରିବାର ନିଷ୍ପତ୍ତି ନେଇଥିଲେ। ଭବାନୀପାଟଣା ଦଳ ପ୍ରଥମେ ବ୍ୟାଟିଂକରି ୩୦ ଓଭରରେରେ ୨୨୭/୯ ରନ୍ କରିଥିଲେ। ବଲାଙ୍ଗିର ୨୬.୪ ଓଭରରେରେ ସମସ୍ତ ୱିକେଟ ହରାଇ ୧୬୧ ରନ୍ ସଂଗ୍ରହ କରି ଥିଲା। ଫଳରେ ୬୬ ରନରେ ଭବାନୀପାଟଣା ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ମୁଖ୍ୟ ମୁଖ୍ୟ ଅତିଥି ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା, ସମ୍ମାନିତ ଅତିଥି ଭାବେ କାହ୍ନୁ ଚରଣ ବୈଠାରୁ, ହିମାଂଶୁ ଶେଖର ବରାଡ, ସରୋଜ ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହାମାୟା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ନୂଆପଡ଼ା, ୨୪।୧୨(ସମିସ):** ସ୍ଥାନୀୟ ମହାମାୟା ପବ୍ଲିକ୍ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସୁଶୀଳାଦେବୀ ଚେରିଟେବଲ ଟ୍ରଷ୍ଟର ସମ୍ପାଦକ ଟଙ୍କଧର ସାହୁଙ୍କ ଅଧକ୍ଷତାରେ ସତ୍ୟ ଭୁଷଣ ସାହୁ ମୁଖ୍ୟ ଅତିଥି, ଖଡ଼ିଆଳ କଲେଜ ଅଧାପକ ଚନ୍ଦ୍ରଶେଖର ଚନ୍ଦ୍ରକାର ମୁଖ୍ୟବକ୍ତା, ପବ୍ଲିକ ସ୍କୁଲର ଅଧକ୍ଷ ପ୍ରଫୁଲ୍ଲ କୁମାର ମହାନନ୍ଦ, ଅଧକ୍ଷ ସମରେନ୍ଦ୍ର ନାରାୟଣ ଦାସ, ଟ୍ରଷ୍ଟି ଜ୍ୟୋତିର୍ମୟୀ ସାହୁ, ବିଜୟ କୁମାର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ହାଇସ୍କୁଲ ଏବଂ କଲେଜର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରିୟଙ୍କା ପୁରୋହିତ, ମଧୁସ୍ମିତା ନାଏକ, ରାଧା ଚୌଧୁରୀ, ଶୀତଳ ଚୌହାନ ପ୍ରମୁଖ ପରିଚାଳନା କରିଥିଲେ। ଆଶିକ ରେହମାନ, ବରିଷ୍ଠ ଶିକ୍ଷକ ସୋନୁ ଗାନ୍ଧୀ, ଅଖିଳ ମିଶ୍ର, ଜୀତେନ୍ଦ୍ର କୁମାର ସାହୁ, ଅଖିଳ, ପ୍ରତ୍ୟୁଷ କୁମାର ସାହୁ, ସତ୍ୟନାରାୟଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



## ଗୋଟିଏ ନଳକୂପକୁ ୪୨ ପରିବାର

**ତୁରେକେଲା, ୨୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଉପାନ୍ତ ଢୋଲମାନ୍ଦଲ ପଞ୍ଚାୟତ ରମାଇଗଡ ଗାଁ ଜଙ୍ଗଲ ପାହାଡ ଭିତରେ ଅବସ୍ଥିତ। ଏଠାରେ ପାଣି ସମସ୍ୟା ଉତ୍କଟ ରହିଛି। ଏବେ ଶୀତ ଦିନରେ ସ୍ଥାନୀୟ ଅଧିବାସୀ ପାଣିକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ପ୍ରାୟ ୪୨ ଆଦିବାସୀ ପରିବାର ମାତ୍ର ଗୋଟିଏ ନଳକୂପରେ ଭରସା କରୁଛନ୍ତି। ପାଣି ଟିକେ ନେବାକୁ ହେଲେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଅନେକ ପରିବାର ଖୋଲା କୂଅ ପାଣି ବ୍ୟବହାର କରୁଛନ୍ତି। ଅନେକ ରୋଗଗ୍ରସ୍ତ ହେଉଥିବା ଗାଁ ଲୋକେ ଅଭିଯୋଗ କରୁଛନ୍ତି। ଅଭିଯୋଗ ପ୍ରତି ଅଧିକାରୀ କିମ୍ବା ଜନପ୍ରତିନିଧି ଦୃଷ୍ଟି ଦେଉ ନଥିବା ଗାଁଲୋକେ କହୁଛନ୍ତି। ଏନେଇ ଅସନ୍ତୋଷ ରହିଥିଲା ବେଳେ ତୁରେକେଲା ବ୍ଲକ୍ ଆର୍‌ଡବ୍ଲୁଏସଏସ ଯନ୍ତ୍ରୀ ମିନତୀ ମହାରଣା ଗାଁଲୋକେ ଜିଲ୍ଲା ପ୍ରଶାସନକୁ ଲିଖିତ ଜଣାଇଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଛନ୍ତି।



# ଦୁବାଇରେ ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କଲେ କଳାହାଣ୍ଡି ଝିଅ

## ପାଇଲେ ମର୍ଯ୍ୟାଦାଜନକ ନେଟ୍-ଜିରୋ ଇଣ୍ଡଷ୍ଟ୍ରି ଆୱାର୍ଡ

**କୋକସରା,୨୪।୧୨(ସମିସ)**

ବିଦେଶ ମାଟିରେ ପୁଣି ଚମକିଲେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲାର ଝିଅ ଡ. ସୁନିତି ପୁରୋହିତ। ଦୁବାଇରେ ଆୟୋଜିତ ହୋଇଥିବା "କପ-୨୮' ଶିଖର ସମ୍ମିଳନୀରେ ସେ' ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କରି ଷ୍ଟିଲମେକିଂ ସଂନ୍ଦର୍ଭ ପାଇଁ "ନେଟ୍-ଜିରୋ ଇଣ୍ଡଷ୍ଟ୍ରି' ଆୱାର୍ଡ ପ୍ରାପ୍ତ ହୋଇଛନ୍ତି। ଡ଼ ପୁରୋହିତ କାଉଡୋଲା ଗାଁର କୃଷ୍ଣଚନ୍ଦ୍ର ପୁରୋହିତ ଓ ପଙ୍କଜିନି ପୁରୋହିତଙ୍କ ଝିଅ। ଶ୍ରୀମତୀ ପୁରୋହିତ ବୁର୍ଲା ଇଞ୍ଜିନିୟରିଂ କଲେଜରେ



ମେଟାଲୋଜିକାଲ ପ୍ରଫେସର ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ସେଠାରୁ ପିଏଚ୍‌ଡି ପାଇଁ ଅଷ୍ଟ୍ରେଲିଆ ମେଲବୋର୍ଣ୍ଣ ସହରର ସୁଇନବର୍ଣ୍ଣ ଇନର୍ଭସିଟିଠାରେ ଟେକ୍ନୋଲୋଜିରେ ପିଏଚ୍‌ଡି କରିଛନ୍ତି। ସିଏସ୍ଆଇଆରଓ ରିସର୍ଚ୍ଚ ସେଣ୍ଟରରେ ବୈଜ୍ଞାନିକଭାବେ କାର୍ଯ୍ୟ କରୁଛନ୍ତି। ଦୁବାଇରେ ଦୁଇ ଶହ ରାଷ୍ଟ୍ରକୁ ନେଇ ନିକଟରେ ଶେଷ ହୋଇଥିବା "କପ୍-୨୮' ଶିଖର ସମ୍ମିଳନୀରେ ନିଜର ଗବେଷଣାନକ ଷ୍ଟିଲ ମେକିଂ ସଂନ୍ଦର୍ଭ ଯୋଗୁଁ ଅଷ୍ଟ୍ରେଲିଆର ପ୍ରତିନିଧିତ୍ୱ କରି ମର୍ଯ୍ୟାଦାଜନକ "ନେଟ୍-ଜିରୋ ଇଣ୍ଡଷ୍ଟ୍ରି' ଆୱାର୍ଡ ପ୍ରାପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତାରେ ଜନ୍ମମାଟି କାଉଡୋଲା ସମେତ କଳାହାଣ୍ଡି ଜିଲ୍ଲା ସାରା ଖୁସିର ଲହରୀ ଖେଳିଯାଇଛି।

## ପୂର୍ଣ୍ଣାହୁତି ସହ ଲକ୍ଷ୍ମୀପୂଜା ସମାପନ

**ଧର୍ମଗଡ଼,୨୪।୧୨ (ସମିସ) :** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଧଅଁରପୁର ପଞ୍ଚାୟତର ପାଇକପଡ଼ ଗ୍ରାମରେ ମହାଲକ୍ଷ୍ମୀ ଦଶ ଅବତାର ପୂଜା ଶୁକ୍ରବାର ପୂର୍ଣ୍ଣାହୁତି ସହ ସମାପନ ହୋଇଛି। ପୂଜାରେ କର୍ତ୍ତାଭାବେ ଗଙ୍ଗାଧର ମାଝୀ ଓ ତାଙ୍କ ଧର୍ମପତ୍ନୀ ଶୁକ ମାଝୀ ଦାୟିତ୍ୱ ତୁଲାଇଥିଲେ। ପୂଜକ ମଗନ ତିୱାରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟିର ସଭାପତି ଜୟପ୍ରକାଶ ବେହେରା, ସମ୍ପାଦକ ପବିତ୍ର ଭାଇଁଶଲ୍, କୋଷାଧ୍ୟକ୍ଷ ମୋହିତ କୁମାର ସୋରି, ଟିକେଶ୍ୱର ବେହେରା, ରାଜୀନ୍ଦ୍ର ସୋରି, ରଘୁନାଥ ଭଇଁସାଲ, ଦୟାନିଧି ଧାଙ୍ଗଡ଼ାମାଝୀ, କୁମ୍ ବେହେରା, ନନ୍ଦକିଶୋର ସୋରି,ଗୋବିନ୍ଦ ଭଇଁସାଲ, ନାକ ମାଝୀ,ନୀଳମଣି ବେହେରା, ରୂପଶିଂ ଭଇସାଲ, ପ୍ରଦୀପ ସୋରି, ମୁକେଶ ପାତ୍ର, କୃତୀ ଭଇଁସାଲ, ସମରତ ଭଇଁସାଲଙ୍କ ସମେତ ଲକ୍ଷ୍ମୀ ପୂଜା କମିଟିର ସଦସ୍ୟ ଓ ସଦସ୍ୟା ପରିଚାଳନା କରିଥିଲେ।

## କେନାଲରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଧର୍ମଗଡ଼/ବେହେରା,୨୪।୧୨(ସମିସ) :** ଧର୍ମଗଡ଼ ଥାନା ଅଧୀନସ୍ଥ ଘୁମର -ବୋଡେନ ରାସ୍ତା କେନାଲ କଡ଼ ଭିତରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ମୃତକ ଜଣକ ଅଏଲାଜୋର ଗ୍ରାମର ଡିଙ୍ଗର ହାତୀ (୪୫) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ମୃତକ ଡିଙ୍ଗର ହାତୀ ଶନିବାର ଅପରାହ୍ନରେ ଘୁମର ମଣ୍ଡିକୁ ନିଜ ଧାନ ବିକିବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ରବିବାର ପ୍ରାତଃ ସମୟରେ ତାଙ୍କ ମୃତଦେହ କେନାଲ କଡ଼ ନିକଟରେ ପଡି ରହିଥିବା ଦେଖିବାକୁ ଲୋକେ ପାଇଥିଲେ। ମୃତଦେହ ନିକଟରେ ବାଇକ୍ ପଡ଼ିରହିଥିବା ଜଣାପଡ଼ିଛି। ପରିବାର ଲୋକେ ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଧର୍ମଗଡ଼ ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ତଦନ୍ତ ପରେ ହିଁ ମୃତ୍ୟୁରକାରଣ ଜଣାପଡ଼ିବ ବୋଲି ଧର୍ମଗଡ଼ ପୁଲିସ ପ୍ରକାଶ କରିଛି।

## ବିକାଶ ଶିକ୍ଷାନୁଷ୍ଠାନରେ ଜାତୀୟ ଗଣିତ ଦିବସ

**ଭବାନୀପାଟଣା,୨୪।୧୨(ସମିସ):** ଭବାନୀପାଟଣା ବିକାଶ ଶିକ୍ଷାନୁଷ୍ଠାନର ସିଏଚ୍ଏସଇ ଓ ସିବିଏସ୍‌ଇ ବିଭାଗର ମିଳିତ ଆନୁକୂଲ୍ୟରେ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଦିବସ ଉପଲକ୍ଷେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ଏକାଡେମିକ ଇନ୍‌ଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗଣିତ ଅଧ୍ୟାପକ ଭିଟି ରାଓ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ଭବାନୀପାଟଣା,୨୪।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲାଜୀ ବିହାରର ଅଷ୍ଟ ବିଂଶତିତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି।ଏହି ଉତ୍ସବରେ କଳାହାଣ୍ଡି ସହ ବିଭାଗ ପ୍ରମୁଖ, ଶିକ୍ଷାବିକାଶ ସମିତି ଓଡ଼ିଶା ମନ୍ମଥମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜଗଠନରେ ଶିଶୁ ବିଦ୍ୟାମନ୍ଦିରର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କର ଜୁନାଗଡ଼ ରୋଡ ଶାଖା ଭବାନୀପାଟଣା ଲୋକନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭବାନୀପାଟଣା ସଂକୁଳ ପ୍ରମୁଖ, ଶିବିସ ଓଡ଼ିଶା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବରିଷ୍ଠ କାର୍ଯ୍ୟ କର୍ତ୍ତା ଓ ଅଶୋକ ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ କୃତୀ ଭାଇ ଭଉଣୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନବୀନ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନୂଆପଡ଼ା/ଖଡ଼ିଆଳ,୨୪।୧୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବୀନ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ଅଧ୍ୟକ୍ଷ୍ୟତା କରିଥିବାବେଳେ ଖଡ଼ିଆଳ ନିର୍ବାଚନମଣ୍ଡଳୀର ବିଜେଡି ନେତା ଲମ୍ବୋଦର ନିଆଲ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ସମାଜ ସେବୀ ବଜରଙ୍ଗ ଅଗ୍ରୱାଲ, ୱାର୍ଡ ନଂ ୮ର କାଉନସିଲର ସୁବିର ସିଂ ଦେଓ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ନୂଆ ଓ ନୂତନ ଓଡ଼ିଶା ଯୁବ ଓଡ଼ିଶାର ଉଦ୍ଦେଶ୍ୟ ଓ ଏହା ଛାତ୍ର ସମାଜ ପାଇଁ




କେତେ ଉପଯୋଗୀ ମୁଖ୍ୟଅତିଥି ନିଆଲ ନିଜ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ କଲ୍ପଶ୍ରୀ ଆଚାର୍ଯ୍ୟ, ଚେତନା ନାଏକ, ଜ୍ୟୋତ୍ସ୍ନା ସାହୁ, ମମତା ସାହୁ, ଇପସିତା ହୋତା, କ୍ରୀଡ଼ା ଶିକ୍ଷା ସୁଜିତ କୁମାର ପାତ୍ର, ଗିରିସୂତା ଛତ୍ରିଆ, ପନଙ୍ଗ ସିଂ ନିନା, ଲିଲି ସାହୁ, ଚକ୍ରଧର ଭୋଇ, ମଞ୍ଜୁଲତା ରାଉତ, ଜ୍ୟୋସ୍ନା ରାଣୀ ସେଠୀ, ସୁବାଶିନି ସେଠୀ ଏବଂ ଟଙ୍କଧର ଭରା ଶଗରିଆ ଓ କଲେଜର ସମସ୍ତ କର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୨୬ରୁ ବୁଢ଼ାଡଙ୍ଗର ଲୋକ ମହୋତ୍ସବ

**କେସିଙ୍ଗା, ୨୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ପ୍ରତିଷ୍ଠିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବୁଢ଼ାଡ଼ଙ୍ଗର ଲୋକ ମହୋତ୍ସବ ୨୬ ଓ୨୭ ତାରିଖ ଜଗନ୍ନାଥମନ୍ଦିର ପରିସରରେ ପାଳନ କରାଯିବ। ଏନେଇ ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ୬ ଜଣଙ୍କୁ ଉଲେକ୍ଷନୀୟ କାର୍ଯ୍ୟପାଇଁ ସମ୍ମାନିତ କରାଯିବ। ବୀର ବାଦ୍ୟ ଘୁମୁରା ପାଇଁ ସୁରୁ ବାରିକ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଲଳିତ ପଟ୍ଟନାୟକ, ନାଟକ ପାଇଁ ପ୍ରଦୀପ ଧଙ୍ଗଡାମାଝୀ, ସମାଜ ସେବା ପାଇଁ ଧର୍ମଗଡ଼ର ବିଶିଷ୍ଟ ସମାଜସେବୀ ଶ୍ୟାମସୁନ୍ଦର ଜାଲ, ସଂଚାର ପାଇଁ ବରଗଡ଼ ଜିଲ୍ଲା ପଦମପୁରର ରବିରତନ ସାହୁ ଓ ସାହିତ୍ୟ ପାଇଁ ବିଶିଷ୍ଟ ସାହିତ୍ୟିକ ଡିଲେଶ୍ୱର୍ ରଣାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଅକ୍ଷୟ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରମେଶ ଜେନା, ସୁରେଶ ମହାନନ୍ଦ, ଡ. ହରେକୃଷ୍ଣ ଧଳ ଓ ଅନୁଷ୍ଠାନର ଅମୀୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଭବାନୀପାଟଣା,୨୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲାର ୧୦୮ ଆମ୍ବୁଲାନ୍ସର କର୍ମଚାରୀମାନେ ରବିବାର ଜିଲ୍ଲାପାଳଙ୍କୁ ୬ ଦଫା ଦାବିପତ୍ର ଦେଇଛନ୍ତି। ଜିଲ୍ଲାରେ ୨୪ଘଣ୍ଟା ଆମ୍ବୁଲାନ୍ସ ସେବା ଯୋଗାଉଛନ୍ତି। ଜିଲ୍ଲାପାଳଙ୍କ ଜରିଆରେ ୬ ଦଫା ଦାବିପତ୍ର ମନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଭୁବନେଶ୍ୱରର ଏକ ଘରୋଇ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିବା ୧୦୮ ଆମ୍ବୁଲାନ୍ସରେ ବନ୍ୟା, ବାତ୍ୟା, କରୋନା ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ଘଟଣା ସମୟରେ ସେବା ପ୍ରଦାନ କରୁଛନ୍ତି; ହେଲେ ସେମାନଙ୍କ ଦାବି ପୂରଣ ହେଉନାହିଁ। ଯଦି ଆଗାମୀ ଦିନରେ କୌଣସି ପଦକ୍ଷେପ ନ ନିଆଯାଏଁ ତାହାହେଲେ କଳାବ୍ୟାଚ୍ ପିନ୍ଧି ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି କହିଛନ୍ତି।

## ୧୪ ବର୍ଷରୁ କମ୍ ଓଡ଼ିଶା ହକି ଦଳରେ ଅଭିନାଶ ମାଝୀ



**କେସିଙ୍ଗା,୨୪।୧୨(ସମିସ):** ମଧ୍ୟପ୍ରଦେଶର ଗ୍ୱାଲିଅରଠାରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରାଳୟ ଅଧୀନରେ ହେବାକୁ ଥିବା ଜାତୀୟ ହକି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୧୪ ବର୍ଷରୁ କମ୍ ଦଳରେ କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିନାସ ମାଝୀ (୧୩) ଓଡ଼ିଶା ଦଳରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ କଳାହାଣ୍ଡି ଜିଲ୍ଲାରୁ ଏକ ମାତ୍ର ଖେଳାଳି ଭାବରେ ଚୟନ ହୋଇ ଜିଲ୍ଲା ତଥା କେସିଙ୍ଗା ପାଇଁ ଗୌରବ ଆଣିଛନ୍ତି। ଅଭିନାଶ କେସିଙ୍ଗାରୁ ରାଉରକେଲା ଗ୍ରସ୍ତ କରିଛନ୍ତି। ରାଉରକେଲାରେ ତାଙ୍କ ପ୍ରଶିକ୍ଷଣ ହେବେ ଓ ରାଉରକେଲାରୁ ସେ ଓଡ଼ିଶା ଟିମ୍ ସହିତ ମଧ୍ୟପ୍ରଦେଶ ଯିବେ ବୋଲି କେସିଙ୍ଗା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ନବୀନ ନାଏକ ପ୍ରକାଶ କରିଛନ୍ତି।

## ମହାଲକ୍ଷ୍ମୀ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ

**କଲମପୁର,୨୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ମଣ୍ଡଳ ଗ୍ରାମଠାରେ ମାଁ ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର ହେଇଥିବାରୁ ମନ୍ଦିର ଭୂମି ପୂଜନ କାର୍ଯ୍ୟକ୍ରମ ହୋଇଯାଇଛି। ପୂଜକ ହୃଷିକେଶ ମୁଣ୍ଡ ପୂଜା ଦାୟିତ୍ୱ ତୁଲାଇ ଥିବାବେଳେ କର୍ତ୍ତାଭାବରେ ପ୍ରଦୀପ କୁମାର ବେହେରା ଓ ତାଙ୍କ ସହଧର୍ମୀଣୀ ସୁଜାତା ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯୁଗଳ କିଶୋର ଭୋଇ, ଅଲେଖ ଚନ୍ଦ୍ର ନାଏକ, ସୁଦର୍ଶନ ନାଏକ, ସମୀର କୁମାର ବେହେରା, ଧନସିଂ କୈବର୍ତ୍ତର୍ ପ୍ରମୁଖ ସହଯୋଗ କରିଥିଲେ।

## ଖଡ଼ିଆଳ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ପାଳିତ




**ଖଡ଼ିଆଳ,୨୪।୧୨(ସମିସ ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଏସ୍ ଶ୍ରୀନିବାସ ସଭାପତିତ୍ୱ କରିଥିବାବେଳେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ଡ. ସଞ୍ଜୟ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ, ଉପସଭାପତି ବିନୋଦ କୁମାର ଅଗ୍ରୱାଲ ଏବଂ ସମ୍ପାଦକ ସୁନୀଲ କୁମାର ପ୍ରଧାନ ମଞ୍ଚାସିନ ଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଳିତ

**ଭବାନୀପାଟଣା,୨୪।୧୨(ସମିସ):** ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ଗୀତା ଯଜ୍ଞ, ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା, ଜ୍ଞାନ ଯଜ୍ଞ ଓ ଅନ୍ନ ଯଜ୍ଞ ଆୟୋଜିତ ହୋଇଥିଲା। ଚିନ୍ମୟ ମିଶନ ଭବାନୀପାଟଣାର ସ୍ୱାମୀ ଅମେୟାନନ୍ଦ ମହାରାଜ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀମଦ୍ ଭାଗବତ ଗୀତା ସଂସାରର ଜ୍ଞାନର ଭଣ୍ଡାର ବୋଲି କହିଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ସମାଜସେବୀ ସୁଧାଂଶୁ ନେଗୀ, କଳାହାଣ୍ଡି ଲୋକସଭା ସଦସ୍ୟ ବସନ୍ତ ପଣ୍ଡା, ବ୍ରାହ୍ମଣ ସମାଜ କଳାହାଣ୍ଡିର ଉପସଭାପତି ଜନାର୍ଦ୍ଦନ ପଣ୍ଡା, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ନରେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ



ପଣ୍ଡା ଓ କଣ୍ଠଶିଳ୍ପୀ ମୀନା ରଥ, ନମିତା ମିଶ୍ର ଓ ରୋଜାଲିନ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଅରମାନ୍ ପୁରୋହିତ ପ୍ରଥମ, ଶାଶ୍ୱତ ହୋତା ଦ୍ୱିତୀୟ ଓ ଅଭିଶ୍ରୀ ଶତପଥୀ ତୃତୀୟ ସ୍ଥାନ ଓ ବରିଷ୍ଠ ବିଭାଗରେ ସୁପ୍ରିୟା ପଣ୍ଡା ପ୍ରଥମ, ସୁନୟନା ମୁଣ୍ଡ ଦ୍ୱିତୀୟ ଓ ମନୋରମା ପତି ତୃତୀୟ ପୁରସ୍କାର ବିଜେତା ହୋଇଥିଲେ। ନିରଞ୍ଜନ ଦାଶ ଯଜ୍ଞାଚାର୍ଯ୍ୟ, ମନୋରଞ୍ଜନ ଦାଶ ଆଚାର୍ଯ୍ୟ ଓ ଗଜେନ୍ଦ୍ର ପ୍ରସାଦ ପାଢ଼ୀ ବ୍ରହ୍ମା ହୋଇଥିଲେ। ହର୍ଷ ବର୍ଦ୍ଧନ ବେହେରା ଓ ତାଙ୍କ ଧର୍ମପତ୍ନୀ ଭାରତୀ ବେହେରା ଯଜ୍ଞର କର୍ତ୍ତା ହୋଇଥିଲେ। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ୍ ତଥା ଭବାନୀପାଟଣା ସହରର ପ୍ରାୟ ଆଠ ଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଠାକୁର, ପ୍ରଜ୍ଞା ବାହିନୀ ଜିଲ୍ଲା ସଂଜୋଜିକା ସ୍ନେହଲତା ଷଡ଼ଙ୍ଗୀ, ଜିଲ୍ଲା ଉପ ସଭାପତି ବିନୋଦ ଶର୍ମା, ସମ୍ପାଦକ ଉମେଶ ପଣ୍ଡା, କୋଷାଧ୍ୟକ୍ଷ କ୍ଷୀରୋଦ ନେଗୀ, ବରିଷ୍ଠ ଉପଦେଷ୍ଟା ପ୍ରଭାସ ଚନ୍ଦ୍ର ମିଶ୍ର, ଭାଗବତ ମହାପାତ୍ର, ନଗର ସମ୍ପାଦକ ଶେଷଦେବ ମିଶ୍ର ଓ ବ୍ରାହ୍ମଣ ସମାଜ, ପ୍ରଜ୍ଞା ବାହିନୀ ଓ ପର୍ଶୁରାମ ସେନାର ସଦସ୍ୟମାନେ ସହଯୋଗ କରିଥିଲେ।

## ଉତ୍ସବମୁଖର ଶରିଆଁ ମହାଲକ୍ଷ୍ମୀ ପୂଜା



**ନର୍ଲା,୨୪।୧୨ (ସମିସ) :** ନର୍ଲା ବ୍ଲକ୍ ଶରିଆଁ ଗ୍ରାମରେ ମା' ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ ଓ ଶରିଆଁ ଆନୁକୂଲ୍ୟରେ ପଞ୍ଚାୟତ ସମ୍ମୁଖ ପଡ଼ିଆରେ ଏକ ନୃତ୍ୟ ଧମାକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ସମ୍ମାନିତ ଅତିଥି, ନର୍ଲା ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବୈଦ୍ୟରାଜ୍ ସଦାନନ୍ଦ ପୁଟେଲ, ସମାଜସେବୀ ଜିତୁ ମିଶ୍ର, ଯୁବ ଲେଖକ ଡିଲେଶ୍ୱର ରଣା, ସମାଜସେବୀ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ହରିଶଙ୍କର ମାଝୀ, ଶରିଆଁ ସରପଞ୍ଚ ଓମ୍ ପ୍ରକାଶ ଛତ୍ରିଆ, ସମିତିସଭ୍ୟ ଭାସ୍କର ଭୋଇ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାଜସେବୀ ଜିତୁ ମିଶ୍ର ଏବଂ ସମାଜସେବୀ ମନୋଜ କୁମାର ପଟ୍ଟନାୟକଙ୍କ ସହିତ ସାମ୍ବାଦିକ ଅଜୟ ସେନାପତି, ସାମ୍ବାଦିକ ସୁମିତ କୁମାର ଶର୍ମା, ସୁନିଲ ଧ.ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ୯ ଜଣଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଚାରକ ଭାବେ ମନ୍ଦାକିନୀ ବାଣୁଆ, ଚିରଞ୍ଜିବୀ ଭୋଇ ଓ ହିମାଂଶୁ ମାଝୀ ଦାୟିତ୍ୱ ତୁଲାଇଥିଲେ। ଜୁରି ମେମ୍ବର ଭାବେ ନିର୍ମଳ ଭୋଇ, ସଞ୍ଜୟ ଧ. ମାଝୀ, ଅସୀମ ଭୋଇ ଓ ସୁନୀଲ ଭୋଇ ଉପସ୍ଥିତ ଥିଲେ। ସ୍ୱାଧୀନ କୁମାର ଭୋଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିବାବେଳେ ବିନୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଆଦିଶକ୍ତି ଡ୍ୟାନ୍ସ ଗ୍ରୁପ୍ ମାଟିଆ ପ୍ରଥମ, ଗୋପୀନାଥ ଶବର ଦ୍ୱିତୀୟ ଏବଂ ବଗାଡ୍ ଗ୍ରୁପ ତୃତୀୟ ପୁରସ୍କାର ପାଇଥିଲେ। ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଦୂର୍ବାଦଳ ଭୋଇ, ସମ୍ପାଦକ ମିଳନ କୁମାର ଭୋଇଙ୍କ ସମେତ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ସହଯୋଗ କରିଥିଲେ।

## ଜଟଗଡ଼ରେ ବ୍ୟଞ୍ଜନ ଦ୍ୱାଦଶୀ

**କୋମନା,୨୪।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଜଟଗଡର ବଟବୃକ୍ଷଠାରେ ପ୍ରଭୁ ରାଧାକୃଷ୍ଣଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ପାଳିତ ହୋଇଛି। ଏହି ପୂଜାରେ ପ୍ରଭୁଙ୍କ ଠାରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ, ମିଠା ଓ ପୀଠା ୧୫୬ ପ୍ରକାର ଭୋଗ ଲାଗି ହୋଇଥାଏ। ଏଥିରେ ପୂଜକ ଭାବରେ ଗଜପତି ବନଛୋରଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦନ ହୋଇଥିଲା। ଖଗେଶ୍ୱର ପ୍ରଧାନ, ଶିବ ବନଛୋର, ଜୟବଳ ନାଗ, ଶଙ୍କର ବନଛୋର, ପ୍ରଭାତ ପ୍ରଧାନ, ପଦ୍ମନ୍ ପ୍ରଧାନ, ଧ୍ରୁବବାଗ, ପବିତ୍ର ପ୍ରଧାନ, ଭୁବନେଶ୍ୱର ବନଛୋର, କେଶବ ବନଛୋର, ମଧୁସୂଦନ ବନଛୋର, କେଶବ ଚିନାଗୁନ, ଘନଶ୍ୟାମ ପ୍ରଧାନ, ଶରତଚନ୍ଦ୍ର ପ୍ରଧାନ, ପିତମନ ବେମାଲ, ଉଆଁସୁ ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ।

## ଡାଲଗୁମା ଓ ବଙ୍ଗୋମୁଣ୍ଡା-ମାଝୀଗୁଡ଼ା ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

**କୋକସରା,୨୪।୧୨(ସମିସ)**

ଧର୍ମଗଡ଼ ବିଧାୟକ ମୌଷଧୀ ବାଗଙ୍କ ଦ୍ୱାରା ରବିବାର କୋକସରା ବ୍ଲକ୍‌ର ଚିତାମୁଣ୍ଡା-ଡାଲଗୁମା ଓ ବଙ୍ଗୋମୁଣ୍ଡା-ମାଝିଗୁଡ଼ା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଭୟ ଗ୍ରାମବାସୀଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଥିବାବେଳେ ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଚିତାମୁଣ୍ଡାଠାରୁ ଧର୍ମଗଡ଼ ବ୍ଲକ୍ ବାଙ୍କିମୁଣ୍ଡା ରାସ୍ତା ଭାୟା ଡାଲଗୁମା ଦିର୍ଘ ବର୍ଷରୁ ଶୋଚନୀୟ ହୋଇ ରହିଥିଲା। କୋକସରା ଓ ଧର୍ମଗଡ଼ ବ୍ଲକ୍‌ର ଜନସାଧାରଣ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ବର୍ଷା ସମୟରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ପ୍ରାୟ



୧୦କିମି. ଦୂର ବୁଲି ଯିବାକୁ ପଡ଼ିଥାଏ। ଏନେଇ ଡାଲଗୁମା ସମେତ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାନିର୍ମାଣ କରିବା ପାଇଁ ଦୀର୍ଘ ବର୍ଷରୁ ଦାବିକରି ଆସୁଥିଲେ। ଆଜି ଧର୍ମଗଡ଼ ବିଧାୟକଙ୍କ ଦ୍ୱାରା ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଡାଲଗୁମାରେ ଶିଳାନ୍ୟାସ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କ ସମେତ ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟା ବୈଜୟନ୍ତୀ ପୁଝାରୀ, ଭୁବନେ ମାଝୀ, କେତୁରାମ ମାଝୀ, ଭକ୍ତି ପୋଡ଼, ସୁରେଶ୍ ନାଗ, ଦିଗାମ୍ବର ନାଗ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ବ୍ଲକ୍‌ର ବଙ୍ଗୋମୁଣ୍ଡା-ମାଝିଗୁଡ଼ା ରାସ୍ତାର ମଧ୍ୟ ଧର୍ମଗଡ଼ ବିଧାୟକଙ୍କ ଦ୍ୱାରା ଆଜି ଶିଳାନ୍ୟାସ ହୋଇଛି। ଚିତାମୁଣ୍ଡା-ଡାଲଗୁମା ରାସ୍ତା, ୫.୧୩୦ କିମି. ପାଇଁ ୩କୋଟି ୪୫ଲକ୍ଷ ୨୭ ହଜାର ୮୧୩ ଟଙ୍କା ବ୍ୟୟ ଅଟକଳ ରହିଥିବାବେଳେ ବଙ୍ଗୋମୁଣ୍ଡା-ମାଝିଗୁଡ଼ା ରାସ୍ତା, ୪.୨୦୦ କିମି. ପାଇଁ ୩କୋଟି ୨ଲକ୍ଷ ୩୬ ହଜାର ୫୧୯ ଟଙ୍କା ଅନୁଦାନ ରହିଥିବା ବିଭାଗ ପକ୍ଷରୁ ସୂଚନା ରହିଛି।



**ଡରାଉଛି କରୋନା**

## ୬୫୬ ସଂକ୍ରମିତ; ଜଣେ ମୃତ



**ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି):** କରୋନା ସଂକ୍ରମଣ ପୁଣି ଉପରମୁହାଁ ହେବାରେ ଲାଗିଛି। ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଛି। ପୁଣିଥରେ କେରଳ ଦେଶର ଚିନ୍ତା ବଢ଼ାଇ ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହି ରାଜ୍ୟରୁ ଦେଶର ଅଧାରୁ ଅଧିକ ମାମଲା ସାମ୍ନାକୁ ଆସିଛି। ସର୍ବାଧିକ ୪୨୫ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ ସଂକ୍ରମିତ ମଧ୍ୟ ପ୍ରାଣ ହରାଇଛନ୍ତି। ଗତ ୪ ଦିନରେ କେବଳ କେରଳରେ ୭ ଜଣ ରୋଗୀଙ୍କ ମୃତ୍ୟୁ ହେଲାଣି। ରାଜ୍ୟରେ ସର୍ବାଧିକ ରୋଗୀ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ସେହିପରି ଦିନକରେ ଦେଶରୁ ୬୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ସହିତ ଚିକିତ୍ସାଧୀନ ରୋଗୀସଂଖ୍ୟା ୩, ୭୪୨ରେ ପହଞ୍ଚି ଯାଇଛି। ଏ ପର୍ଯ୍ୟନ୍ତ ଦେଶରେ ୪.୫୦ କୋଟି କରୋନା ରୋଗୀ ଚିହ୍ନଟ ହେଲାଣି। ୫.୩୩ ଲକ୍ଷ ଲୋକଙ୍କର ମଧ୍ୟ ଜୀବନ ଗଲାଣି। ଅନ୍ୟପକ୍ଷରେ କେରଳ ପରେ କର୍ଣ୍ଣାଟକରୁ ସର୍ବାଧିକ କରୋନା ରୋଗୀ ଆସୁଛନ୍ତି। ୨୪ ଘଣ୍ଟାରେ ୧୦୪ ନୂଆ ମାମଲା ସାମ୍ନାକୁ ଆସିଛି। ସକ୍ରିୟ ରୋଗୀସଂଖ୍ୟା ମଧ୍ୟ ୨୭୨ରେ ପହଞ୍ଚି ଯାଇଛି। ଏହି ଅବଧିରେ ମହାରାଷ୍ଟ୍ରରୁ ୩୫, ଦିଲ୍ଲୀରୁ ୧୬, ଗୁଜରାଟରୁ ୧୧ ଜଣ ରୋଗୀ ମଧ୍ୟ ଚିହ୍ନଟ ହୋଇଛନ୍ତି।

## ୪ ଲକ୍ଷ କୋଟି ଋଣରେ ବୁଡ଼ିଛି ମଧ୍ୟପ୍ରଦେଶ

**ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନୂଆ ସରକାର ପାଇଁ ଆହ୍ୱାନ**

**ଭୋପାଳ,୨୪।୧୨(ଏଜେନ୍ସି):** ଗତ ବିଧାନସଭା ନିର୍ବାଚନରେ ମଧ୍ୟପ୍ରଦେଶରେ ବିଜେପିର ଅପ୍ରତ୍ୟାଶିତ ବିଜୟ ବିଭିନ୍ନ ମହଲକୁ ସ୍ତମ୍ଭୀଭୂତ କରିଦେଇଥିଲା। ଏଠାରେ କଂଗ୍ରେସ ଏବଂ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ବେଳେ ବିଜେପି ବାଜି ମାରିନେଇଥିଲା। ଏହି ବିଜୟ ପଛରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଭୂମିକା ଉଲ୍ଲେଖନୀୟ ରହିବା ସହିତ ତାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା 'ଲାଡଲି ବେହନା' ସମେତ ଅନ୍ୟ ସରକାରୀ ଯୋଜନା ଦଳୀୟ ବିଜୟ ପାଇଁ ବଡ଼ କାରଣ ହୋଇଥିବା କୁହାଯାଇଥିଲା। କିନ୍ତୁ ଏହିସବୁ କଲ୍ୟାଣକାରୀ ଯୋଜନା ପାଇଁ ଯେତିକି ଅର୍ଥ ବ୍ୟୟ କରାଯାଇଥିଲା ତାହା ଏବେକାର ମୋହନ ଯାଦବ ସରକାର ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଜେପି ଏଠାରେ କ୍ଷମତା ବଜାୟ ରଖିଥିଲେ ହେଁ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ଯାଦବ ସରକାର ପାଇଁ ବଡ଼ ଆହ୍ୱାନ ହୋଇଛି। କାରଣ ମଧ୍ୟପ୍ରଦେଶ ଏବେ ପର୍ଯ୍ୟାପ୍ତ ଋଣବୋଝରେ ଉବୁଟୁବୁ ହେଉଥିବା କୁହାଯାଇଛି। ବର୍ତ୍ତମାନ ମଧ୍ୟପ୍ରଦେଶର ମୋଟ ଋଣ ପରିମାଣ ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଥିବା କୁହାଯାଉଛି। ଶପଥ ନେବାର ଦୁଇ ସପ୍ତାହ ନପୂରୁଣୁ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ୨ ହଜାର କୋଟି ଟଙ୍କାର ଋଣ ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ରାଜକୋଷ ଶୂନ୍ୟ ହୋଇପଡ଼ିଥିବା ବେଳେ ପ୍ରଶାସନିକ ଖର୍ଚ୍ଚ ପାଇଁ ଏହି ଋଣ ଉଠାଇବାକୁ ମୁଖ୍ୟମନ୍ତ୍ରୀ ଯୋଜନା କରିଛନ୍ତି। ଏଭଳି ସ୍ଥଳେ ବିଜେପି ନିର୍ବାଚନ ସମୟରେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ତାହାକୁ କିଭଳି ପୂରଣ କରିବ ତାହା ଏବେ ବିଭିନ୍ନ ମହଲରେ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି।

● ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଜୋରଦାର

## ୨୪ ଘଣ୍ଟାରେ ୨୦୦ ପାଲେଷ୍ଟିନୀୟ ମୃତ



ତେଲ୍ ଆଭିଭ୍,୨୪।୧୨(ଏଜେନ୍ସି)

ହମାସ୍ ବିରୋଧରେ ଜାରି ରହିଥିବା ଇସ୍ରାଏଲ ଆକ୍ରମଣ ବେଳକୁ ବେଳ ଆହୁରି ଜୋରଦାର ହେବାରେ ଲାଗିଛି। ଶନିବାର ଇସ୍ରାଏଲ ସେନାର ଏୟାର ଷ୍ଟ୍ରାଇକ୍‌ରେ ଗୋଟିଏ ପରିବାରର ୭୬ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ବରିଷ୍ଠ ଜାତିସଂଘ ଅଧିକାରୀଙ୍କ ସମେତ ପତ୍ନୀ ଏବଂ ତାଙ୍କର ୫ ଶିଶୁ ସାମିଲ ରହିଥିଲେ। ଏହି ଘଟଣା ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରିଥିଲା ବେଳେ ଜାତିସଂଘ ସମେତ ବହୁ ରାଷ୍ଟ୍ରଙ୍କ ପକ୍ଷରୁ ଆକ୍ରମଣ ବନ୍ଦ କରିବାକୁ ଇସ୍ରାଏଲ ଉପରେ ଚାପ ପକାଯାଇଥିଲା। କିନ୍ତୁ ଇସ୍ରାଏଲ ସେନା କୌଣସି ବିଷୟକୁ ଭ୍ରୂକ୍ଷେପ ନ କରି ଆକ୍ରମଣ ଆହୁରି ଜୋରଦାର କରିଛି। ଏହି ଘଟଣା ପରେ ରବିବାର ଇସ୍ରାଏଲ ସେନାର ବୋମାମାଡ଼ରେ ଅନ୍ୟୂନ ୨୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। ବର୍ତ୍ତମାନ ଇସ୍ରାଏଲ ସେନା ପକ୍ଷରୁ କେନ୍ଦ୍ରୀୟ ଗାଜା ଏବଂ ଖାନ୍ ୟୁନୁସ୍ ସହରକୁ ନିଶାଣ କରି ଆକ୍ରମଣ କରାଯାଉଥିଲା ବେଳେ ଏଥିରେ ବହୁ ସଂଖ୍ୟାରେ ସାଧାରଣ ଲୋକଙ୍କ ମୃତ୍ୟୁ ହେବାରେ ଲାଗିଛି। ଅନ୍ୟପକ୍ଷରେ ଇସ୍ରାଏଲ ସେନା ଅତ୍ୟାଚାରର ଏକ ଭିଡିଓ ସାମ୍ନାକୁ ଆସିଛି। ଗତ ସପ୍ତାହରେ ସେନା କମଲ ଅଦୱାନ ଡାକ୍ତରଖାନାରେ ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ କବର ଖୋଳି ବୁଲ୍‌ଡୋଜର ମାଧ୍ୟମରେ ମୃତଦେହ ବାହାର କରାଯାଇଥିଲା। ମୃତଦେହ ଉପରେ ବୁଲଡୋଜର ଚଢ଼ାଇ ଦିଆଯାଇଥିଲା। ଏହି ସମୟରେ ଆତଙ୍କବାଦୀ ସନ୍ଦେହରେ ଅନେକ ଡାକ୍ତରଙ୍କ ଉପରେ ମଧ୍ୟ ଗୁଳିମାଡ଼ କରାଯାଇଥିଲା। ହ୍ୱିଲଚେୟାରରେ ବସିଥିବା ଜଣେ ରୋଗୀଙ୍କୁ ସେନା କୁକୁର ଝୁଣି ଦେଇଥିଲା। ସେନା ଏହି ଡାକ୍ତରଖାନାରେ ୮ ଦିନ ପର୍ଯ୍ୟନ୍ତ ଅଭିଯାନ ଚଲାଇ ଥିଲା। ଏହା ହମାସର 'କମାଣ୍ଡ ଆଣ୍ଡ କଣ୍ଟ୍ରୋଲ' ଥିବା ଦାବି କରାଯାଇଥିଲା।

● ଡିଏମ୍‌କେ ସାଂସଦ ମାରନ୍‌ଙ୍କ ମନ୍ତବ୍ୟକୁ ନେଇ ବିବାଦ

## 'ଟଏଲେଟ୍ ସଫା କରୁଛନ୍ତି ୟୁପି, ବିହାର ଲୋକ'



ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)

ତାମିଲନାଡୁରେ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ ଏବଂ ବିହାର ଭଳି ଉତ୍ତର ଭାରତର ଲୋକଙ୍କ ପ୍ରତି ଡିଏମକେ ସାଂସଦ ଦୟାନିଧି ମାରନ୍ ଦେଇଥିବା ମନ୍ତବ୍ୟକୁ ନେଇ ଏବେ ବିଭିନ୍ନ ମହଲରେ ବିବାଦ ଦେଖାଯିବା ସହିତ ରାଜନୀତିକ ବାକ୍‌ଯୁଦ୍ଧ ତୀବ୍ର ହୋଇଛି। ମାରନ୍‌ଙ୍କ ଏହି ମନ୍ତବ୍ୟ ହିନ୍ଦୁତ୍ୱ ଏବଂ ହିନ୍ଦୀ ଭାଷା ପ୍ରତି ଡିଏମକେ ଦଳର ରହିଥିବା ଘୃଣ୍ୟଭାବକୁ ଆହୁରି ସ୍ପଷ୍ଟ କରିଛି। ଯେଉଁମାନେ ତାମିଲ ଏବଂ ଇଂରାଜୀ ପଢୁଛନ୍ତି ସେମାନେ ବିଶ୍ୱସ୍ତରରେ ବଡ଼ ବଡ଼ କମ୍ପାନୀରେ କୋଟି କୋଟି ଟଙ୍କା ଦରମା ପାଇ ଅତି ଉଚ୍ଚ ସ୍ଥାନରେ ଚାକିରି ପାଉଛନ୍ତି। କିନ୍ତୁ ଯେଉଁମାନେ କେବଳ ହିନ୍ଦୀ ପଢୁଛନ୍ତି ସେମାନେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି ବୋଲି ମାରନ୍ କିଛି ମାସ ତଳେ ଏକ ସଭା କାର୍ଯ୍ୟକ୍ରମରେ କହୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରଘଟ ହେବା ପରେ ଏହି ବିବାଦ ତେଜିଛି। ଏହି ଭିଡିଓରେ ମାରନ୍ ଗୁଗଲ ସିଇଓ ସୁନ୍ଦର ପିଚାଇଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ପିଚାଇ ଜଣେ ତାମିଲ ଭାବେ ନିଜ ମାତୃଭାଷା ସହିତ ଇଂରାଜୀ ପଢିଛନ୍ତି। ସେ ହିନ୍ଦୀ ପଢି ନାହାନ୍ତି। ସେଥିପାଇଁ ଆଜି ସେ ଗୁଗୁଲ ଭଳି କମ୍ପାନୀର ମୁଖ୍ୟ ହୋଇ ବସିଛନ୍ତି। କିନ୍ତୁ ସେ ଯଦି ଇଂରାଜୀ ବଦଳରେ ହିନ୍ଦୀ ପଢିଥାନ୍ତେ ତେବେ ଗୁଗଲ ସିଇଓ ହେବା ବଦଳରେ ଜଣେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥାଆନ୍ତେ। କେବଳ ପିଚାଇ ନୁହନ୍ତି, ତାମିଲନାଡୁରେ ସବୁ ପିଲା ଇଂରାଜୀ ପଢୁଥିବା ଯୋଗୁଁ ଆଜି ଆଇଟି କ୍ଷେତ୍ରରେ ଅଧିକାଂଶ ପିଲା ପ୍ରତିଷ୍ଠାଲାଭ ପାଇଛନ୍ତି। ଏହିକ୍ରମରେ ତାମିଲନାଡୁରେ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ ଏବଂ ବିହାର ଶ୍ରମିକଙ୍କୁ ନେଇ ଉପହାସ କରିଛନ୍ତି। ସେ କହିଛନ୍ତି ଯେ, ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ କେବଳ ହିନ୍ଦୀ ପଢୁଥିବା ପିଲାମାନେ ତାମିଲନାଡୁରେ ଘର ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାର୍ଯ୍ୟ କରିବା ସହିତ ରାସ୍ତା ଏବଂ ପାଇଖାନା ସଫା କରୁଛନ୍ତି। କେବଳ ବିହାର କିମ୍ବା ଉତ୍ତରପ୍ରଦେଶ ନୁହେଁ, ହିନ୍ଦୀ ପଢୁଥିବା ଲୋକଙ୍କ ଅବସ୍ଥା ଏଭଳି ରହିଛି ବୋଲି ମାରନ୍ କହୁଥିବା ଏହି ଭିଡିଓରେ ଦେଖାଯାଇଛି। ଜଣେ ସାଂସଦ ଭାବେ ମାରନଙ୍କ ଏଭଳି ମନ୍ତବ୍ୟ ସାମ୍ନାକୁ ଆସିବା ପରେ ରାଜନୀତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବିଜେପି ଏବଂ ଡିଏମକେ ମୁହାଁମୁହିଁ ହୋଇଥିଲା ବେଳେ ଆରଜେଡି ପକ୍ଷରୁ ଡିଏମକେକୁ ତୀବ୍ର ନିନ୍ଦା କରାଯାଇଛି। ଏହାଛଡ଼ା ଉତ୍ତରପ୍ରଦେଶର ବହୁ ରାଜନୀତିକ ଦଳ ପକ୍ଷରୁ ମଧ୍ୟ ମାରନଙ୍କୁ ଭର୍ତ୍ସନା କରାଯାଇଛି। ଆରଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏହି ବିଷୟକୁ କଡ଼ା ନିନ୍ଦା କରିବା ସହିତ ସାଂସଦ ମାରନ୍ ଯଦି କୌଣସି ନିର୍ଦ୍ଦିଷ୍ଟ ସଫେଇ ଶ୍ରେଣୀଙ୍କୁ ନେଇ କିଛି କହିଥାଆନ୍ତେ ତେବେ ତାହା ଭିନ୍ନ ଦିଗକୁ ସୂଚିତ କରିଥାଆନ୍ତା ବୋଲି କହିଛନ୍ତି। କିନ୍ତୁ ତାଙ୍କର ବୟାନ ବିହାର ଏବଂ ଉତ୍ତରପ୍ରଦେଶ ଭଳି ରାଜ୍ୟବାସୀଙ୍କୁ ସୂଚାଉଛି। ସାରା ଦେଶରେ ଏହି ଦୁଇ ରାଜ୍ୟର ଶ୍ରମିକଙ୍କ ଚାହିଦା କେତେ ରହିଛି ତାହା ସମସ୍ତଙ୍କୁ ଜଣା। ଯଦି ସେମାନେ କାର୍ଯ୍ୟ କରିବା ଛାଡି ଦିଅନ୍ତି ତେବେ ଦେଶରେ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯିବ ବୋଲି ତେଜସ୍ୱୀ କହିଛନ୍ତି।

**● ବିଜେପି, ଆରଜେଡିର ତୀବ୍ର ନିନ୍ଦା**

## ବିଦ୍ରୋହୀଙ୍କ ଆକ୍ରମଣରେ ୨୦ ନିହତ

**ଗିଟେଗା, ୨୪।୧୨ (ଏଜେନ୍ସି):** ଆଫ୍ରିକୀୟ ଦେଶ ବୁରୁଣ୍ଡିରେ ଶନିବାର କଙ୍ଗୋର ଏକ ବିଦ୍ରୋହୀ ଗୋଷ୍ଠୀ ଆକ୍ରମଣ କରିଛି। ଏହି ଆକ୍ରମଣରେ ଅତିକମରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୨ ଶିଶୁ ଏବଂ ୨ ଜଣ ଗର୍ଭବତୀଙ୍କ ସମେତ ୩ ମହିଳା ସାମିଲ ଅଛନ୍ତି। ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିଦ୍ରୋହୀ ଗୋଷ୍ଠୀ ରେଡ୍-ତବାରା ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ତେବେ କୌଣସି ସାଧାରଣ ନାଗରିକଙ୍କୁ ହତ୍ୟା କରି ନ ଥିବା କହିଛି। ଜଣେ ପୁଲିସ ଯବାନ ଏବଂ ୯ ସୈନିକଙ୍କୁ ହତ୍ୟା କରାଯାଇଥିବା କୁହାଯାଇଛି।

## ଅଗ୍ନିକାଣ୍ଡରେ ୧୨ ଜୀବନ୍ତ ଦଗ୍ଧ

**ଜାକାର୍ତ୍ତା, ୨୪।୧୨ (ଏଜେନ୍ସି):** ଇଣ୍ଡୋନେସିଆରେ ଥିବା ଚୀନ୍‌ର ଏକ ନିକେଲ କାରଖାନାରେ ରବିବାର ସକାଳେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ କାରାଖାନାରେ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ଇଣ୍ଡୋନେସିଆର ୭ ଜଣ ଏବଂ ୫ ଜଣ ବିଦେଶୀ ନାଗରିକ ସାମିଲ ଅଛନ୍ତି। ୩୯ ଜଣ ମଧ୍ୟ ଆହତ ହୋଇଛନ୍ତି। କାରଖାନା ଅଧିକାରୀଙ୍କ ସୂଚନ ଅନୁଯାୟୀ ଭାଟି ମରାମତି କରୁଥିବା ସମୟରେ ନିଆଁ ଲାଗି ଯାଇଥିଲା। ଏବେ ମାମଲାର ତଦନ୍ତ ଜାରି ରହିଛି।

● କାଶ୍ମୀରରେ ଆତଙ୍କବାଦୀଙ୍କ ବର୍ବରତା

## ନମାଜ୍ ବେଳେ ପୂର୍ବତନ ପୁଲିସ ଅଧିକାରୀଙ୍କୁ ହତ୍ୟା

**ଶ୍ରୀନଗର,୨୪।୧୨(ଏଜେନ୍ସି):** ବିଗତ କିଛି ଦିନ ହେଲା କାଶ୍ମୀର ଉପତ୍ୟକାରେ ଅନୁପ୍ରବେଶ ଏବଂ ଆତଙ୍କବାଦ ବିରୋଧରେ ସେନାର ଜୋରଦାର ଅପରେସନ ଚାଲିଛି। ଆତଙ୍କବାଦୀଙ୍କ ଗୁଳିରେ ୫ ଜଣ ଯବାନ ସହିଦ ହେବା ପରେ ପୁଞ୍ଚ ସମେତ ରାଜୌରୀ, ବାରମୁଲ୍ଲା ଏବଂ ପୁଲୱାମା ଜିଲ୍ଲାରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ହେଲେ ଏହାମଧ୍ୟରେ ଆତଙ୍କବାଦୀମାନେ ବର୍ବରତାର ଚରମ ଛୁଇଁବା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ରବିବାର ସକାଳେ ବାରମୁଲ୍ଲା ଜିଲ୍ଲାରେ ଜମ୍ମୁ କାଶ୍ମୀର ପୁଲିସର ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ(ଏସ୍‌ଏସ୍‌ପି)ଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଛନ୍ତି। ମୃତକ ଏଠାକାର ପୂର୍ବତନ ବରିଷ୍ଠ ଏସପି ମହମ୍ମଦ ସଫି ବୋଲି ଜଣାପଡ଼ିଛି। ମହମ୍ମଦ ସଫି ଗନ୍ତମୁଲ୍ଲା ସହରସ୍ଥିତ ଏକ ମସଜିଦ୍‌ରେ ନମାଜ ପାଠ କରୁଥିଲା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। କିଛି ଦିନ ତଳେ ଜମ୍ମୁ କାଶ୍ମୀର ପୁଲିସ ଦ୍ୱାରା ଆତଙ୍କବାଦୀଙ୍କ ଏକ ଆକ୍ରମଣ ଯୋଜନାକୁ ପଣ୍ଡ କରିଦିଆଯାଇଥିଲା ବେଳେ ଏହାକୁ କେନ୍ଦ୍ର କରି ସଫିଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ୭୨ ବର୍ଷୀୟ ସଫିଙ୍କ ପତ୍ନୀ, ଦୁଇ ପୁଅ ଏବଂ ଜଣେ ଝିଅ ଅଛନ୍ତି। ଏହି ଘଟଣା ପରେ ସୁରକ୍ଷାବାହିନୀ ପକ୍ଷରୁ ସଂପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ତଲାସୀ ଆରମ୍ଭ କରାଯାଇଛି।

## ୫୬ ବର୍ଷରେ ସୁରାଙ୍କୁ ଦ୍ୱିତୀୟ ପତ୍ନୀ ବରିଲେ ଅର୍‌ବାଜ୍



ମୁମ୍ବଇ, ୨୪।୧୨ (ଏଜେନ୍ସି)

ବଲିଉଡ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ଅର୍‌ବାଜ ଖାନ ୫୬ ବର୍ଷ ବୟସରେ ଦ୍ୱିତୀୟ ବିବାହ କରିଛନ୍ତି। ସେ ରବିବାର ସନ୍ଧ୍ୟାରେ ମେକ୍‌ଅପ୍ ଆର୍ଟିଷ୍ଟ ସୁରା ଖାନ୍ (୪୧) ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅର୍‌ବାଜଙ୍କ ଭଉଣୀ ଅର୍ପିତା ଖାନ୍‌ଙ୍କ ଘରେ ଉଭୟଙ୍କ ନିକାହ କରିଛନ୍ତି। ଏହି ବିହାର ଉତ୍ସବରେ ସଲ୍‌ମାନ ଖାନ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଅନେକ ସେଲିବ୍ରିଟି ସାମିଲ ହୋଇଥିଲେ। ରବିନା ଟଣ୍ଡନ ଏହି ବିବାହର ଭିଡିଓ ସେୟାର କରିଛନ୍ତି। ସେ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଅର୍‌ବାଜଙ୍କ ପତ୍ନୀ ସୁରା ରବିନାଙ୍କ ମେକ୍‌ଅପ ଆର୍ଟିଷ୍ଟ। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଅରବାଜ ଖାନ୍ ୧୯୯୮ରେ ମାଲାଇକା ଆରୋରାଙ୍କୁ ବିବାହ କରିଥିଲେ। ୨୦୧୭ରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଥିଲା। ଉଭୟଙ୍କ ପୁଅ ଅରହାନ ମଧ୍ୟ ଏହି ବିବାହରେ ସାମିଲ ହୋଇଥିଲେ। ଏବେ ମଲାଇକା ଅଭିନେତା ଅର୍ଜୁନ କପୁରଙ୍କୁ ଡେଟ୍ କରୁଛନ୍ତି।

## ତୁର୍କୀର ୧୨ ସୈନିକଙ୍କ ମୃତ୍ୟୁ

**ଅଙ୍କାରା, ୨୪।୧୨ (ଏଜେନ୍ସି):** ଉତ୍ତର ଇରାକର କୁର୍ଦ୍ଦିଶ ଆତଙ୍କବାଦୀଙ୍କ ସହ ତୁର୍କୀ ସେନାର ଲଢ଼େଇ ଜାରି ରହିଛି। ଏହି ସଂଘର୍ଷରେ ତୁର୍କୀର ୧୨ ସୈନିକ ପ୍ରାଣ ହରାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ଶନିବାର ତୁର୍କୀ ଘାଟୀରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୧୩ ଆତଙ୍କବାଦୀ ମଧ୍ୟ ନିପାତ ହୋଇଛନ୍ତି।

## ଭାରତ ମହାସାଗରରେ ଫସିଛନ୍ତି ୧୮୫ ରୋହିଙ୍ଗ୍ୟା

**ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି):** ଭାରତ ମହାସାଗରରେ ୧୮୫ ରୋହିଙ୍ଗ୍ୟା ମୁସଲମାନ ଫସି ରହିଛନ୍ତି। ଶେଷ ଥର ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ନିକଟରେ ଏମାନଙ୍କ ବୋଟ୍ ଦେଖିବାକୁ ମିଳିଥିଲା। ଏହି ରୋହିଙ୍ଗ୍ୟାଙ୍କୁ ଉଦ୍ଧାର କରିବା ପାଇଁ ଶନିବାର ରାତିରେ ଜାତିସଂଘ ଅଧିକାରୀ ନିବେଦନ କରିଥିଲେ। ଏହି ବୋଟ୍‌ରେ ୮୮ ମହିଳାଙ୍କ ସମେତ ଅନେକ ଶିଶୁ ସାମିଲ ଅଛନ୍ତି। ଏମାନେ କେବେଠାରୁ ଫସି ରହିଛନ୍ତି, କେଉଁଠାରୁ ଆସିଛନ୍ତି ଏବଂ କେଉଁଠିକୁ ଯିବେ ତାହାର କୌଣସି ସୂଚନା ମିଳିପାରି ନାହିଁ। ତେବେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ୟୁନାଇଟେଡ ନେସନ୍ସ ହ୍ୟୁମାନ ରାଇଟ କାଉନସିଲ (ୟୁଏନଏଚଆରସି) ଅନୁଯାୟୀ ହଜାର ହଜାର ରୋହିଙ୍ଗ୍ୟା ମ୍ୟାଁମାର ଏବଂ ବାଂଲାଦେଶରୁ ବାହାରି ମାଲେସିଆ ଏବଂ ଇଣ୍ଡୋନେସିଆ ଯାଉଛନ୍ତି।

**ଫ୍ରାନ୍ସରେ ୩୦୩ ଭାରତୀୟ ଅଟକ ମାମଲା**

# କୋର୍ଟରେ ମାମଲାର ଶୁଣାଣି ଆରମ୍ଭ

ପ୍ୟାରିସ, ୨୪।୧୨ (ଏଜେନ୍ସି)

- ନିକାରାଗୁଆରୁ ଆମେରିକାରେ ପଶିବାକୁ ଚାହୁଁଥିଲେ
- ୨ ଦିନ ପର୍ଯ୍ୟନ୍ତ ପ୍ରଶ୍ନ ପଚାରିବେ ବିଚାରପତି
- କ୍ର୍ୟୁ ସଦସ୍ୟଙ୍କୁ କରାଯାଉଛି ପଚରାଉଚରା
- ସମସ୍ତଙ୍କୁ ଭେଟିଛନ୍ତି ଭାରତୀୟ ଅଧିକାରୀ
- ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଉଡ଼ିବନି ବିମାନ



ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରୁ ନିକାରାଗୁଆ ଯାଉଥିବା ଏକ ବିମାନକୁ ଶୁକ୍ରବାର ରାତିରେ ଫ୍ରାନ୍ସରେ ଅଟକାଇ ଦିଆଯାଇଥିଲା। ଏହି ବିମାନରେ ୩୦୩ ଭାରତୀୟ ଥିଲେ। ସମସ୍ତେ ମାନବ ଚାଲାଣର ଶିକାର ହେଉଥିବା ସନ୍ଦେହ କରାଯାଇଥିଲା। ଏବେ ସମସ୍ତେ ଫ୍ରାନ୍ସରେ ପୁଲିସ ହେପାଜତରେ ଅଛନ୍ତି। ସ୍ଥାନୀୟ କୋର୍ଟରେ ୪ ଜଣ ବିଚାରପତି ଏହି ମାମଲାର ଶୁଣାଣି ଆରମ୍ଭ କରିଛନ୍ତି। ଏହା ଦୁଇ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ବିଚାରପତି ଅଟକ ଭାରତୀୟଙ୍କୁ ପ୍ରଶ୍ନ ପଚାରିବେ। ପରେ ସମସ୍ତଙ୍କୁ ମୁକ୍ତ କିମ୍ବା ହେପାଜତ ସୀମା ବୃଦ୍ଧି ନେଇ ନିଷ୍ପତ୍ତି ଶୁଣାଇବେ। ରିପୋର୍ଟ ଅନୁଯାୟୀ ଏହି ୩୦୩ ଭାରତୀଙ୍କ ମଧ୍ୟରେ ୧୧ ନାବାଳକ ସାମିଲ ଅଛନ୍ତି। ବାପାମାଆ ଏମାନଙ୍କ ସାଙ୍ଗରେ ନାହାନ୍ତି। ଅଟକଙ୍କ ମଧ୍ୟରେ ଅଧିକାଂଶ ପଞ୍ଜାବ ଏବଂ ଗୁଜରାଟର ବାସିନ୍ଦା। ଏମାନେ ନିକାରଗୁଆ ଦେଇ ଆମେରିକାରେ ଅନୁପ୍ରବେଶ କରିଥାନ୍ତେ ବୋଲି ଅଭିଯୋଗ ହୋଇଛି। ଏହି ମାମଲାକୁ ନେଇ ଭାରତ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଫ୍ରାନ୍ସର ଆଣ୍ଟି ଅର୍ଗାନାଇଜ୍ଡ କ୍ରାଇମ ୟୁନିଟ ଜୁନାଲକୋ ଏହି ମାମଲାର ତଦନ୍ତ କରୁଛି।

ଫ୍ରାନ୍ସ ବିମାନବନ୍ଦରରେ ଭାରତୀୟଙ୍କ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶିଶୁଙ୍କ ପାଠପଢ଼ା ପାଇଁ ଅସ୍ଥାୟୀ ଶିକ୍ଷକ ନିଯୁକ୍ତ କରାଯାଇଛି। ପ୍ରତିଦିନ ଭାରତୀୟ ଅଧିକାରୀ ଏମାନଙ୍କୁ ସାକ୍ଷାତ କରୁଛନ୍ତି। ଫ୍ରାନ୍ସରେ ବିଦେଶୀ ନାଗରିକଙ୍କୁ ୪ ଦିନର ଅଧିକ ସମୟ ହେପାଜତରେ ରଖାଯାଇପାରିବ ନାହିଁ। ଏଥିପାଇଁ ବିଚାରପତିଙ୍କ ଅନୁମତି ନେବାକୁ ପଡ଼ିଥାଏ। ସେ ଏହି ହେପାଜତ ସୀମାକୁ ୮ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ତେବେ ଗୁରୁତର ମାମଲାରେ ୨୪ ଦିନ ପର୍ଯ୍ୟନ୍ତ ରଖାଯାଇପାରିବ। ସେହିପରି ଫ୍ରାନ୍ସରେ ବିମାନ ପରିଚାଳନା କରୁଥିବା ଘରୋଇ ଜେଟ୍‌ର କ୍ର୍ୟୁ ସଦସ୍ୟଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ଏହା ପରେ ସମସ୍ତଙ୍କୁ ଛାଡ଼ି ଦିଆଯାଇଥିଲା। ଏହି ବିମାନକୁ ଅଟକା ଯାଇଥିବା ନେଇ ପ୍ୟାରିସ୍ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ କରିପାରିବ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୋମାନିଆ ଚାର୍ଟାର କମ୍ପାନୀର ଏହି ବିମାନ ଦୁବାଇରୁ ଉଡ଼ାଣ ଆରମ୍ଭ କରିଥିଲା। ଇନ୍ଧନ ଏବଂ ଯାନ୍ତ୍ରିକ ମରାମତି ପାଇଁ ଫ୍ରାନ୍ସର ଭାଟ୍ରି ବିମାନବନ୍ଦରରେ ଏହା ଅବତରଣ କରିଥିଲା। ଏହାର କିଛି ସମୟ ପରେ ପୁଲିସ ବିମାନକୁ ନିଜ କବ୍‌ଜାକୁ ନେଇଥିଲା।




ସକାଳ
THE SAKALA

# ପଦ୍ମ-ପ୍ରତିବାଦ

ଅଲିମ୍ପିକ୍‌ରେ ଭାରତ ପାଇଁ ଗୌରବ ଆଣିଥିବା କୁସ୍ତି ଯୋଦ୍ଧା ବଜରଙ୍ଗ ପୁନିଆ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ 'ପଦ୍ମଶ୍ରୀ' ସମ୍ମାନ ଫେରାଇ ଦେଇଛନ୍ତି। ଅନ୍ୟତମ ଅଲିମ୍ପିକ ପଦକ ବିଜେତା ମହିଳା କୁସ୍ତି ଯୋଦ୍ଧା ସାକ୍ଷୀ ମଲ୍ଲିକଙ୍କ କୁସ୍ତି କ୍ରୀଡ଼ାରୁ ଅପ୍ରତ୍ୟାଶିତ ଅବସର ଘୋଷଣା ପରେ ପରେ ବଜରଙ୍ଗ 'ପଦ୍ମଶ୍ରୀ' ସମ୍ମାନ ଫେରାଇବା ଘଟଣା ଆନ୍ତର୍ଜାତିକ ସ୍ତରରେ ଭାରତର ଭାବମୂର୍ତ୍ତିକୁ ଦାରୁଣ ଆଘାତ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ କ୍ଷୋଭଭରା ପତ୍ର ସହିତ ସମ୍ମାନ ଫେରାଇବା ପାଇଁ ବଜରଙ୍ଗ ଆସୁଥିଲେ ହେଁ ପ୍ରଧାନମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯିବା ପାଇଁ ତାଙ୍କୁ ଅନୁମତି ମିଳିନଥିଲା। ତେଣୁ ବାଧ ହୋଇ ସେ ସେହି ପତ୍ର ସହିତ ସମ୍ମାନକୁ 'କର୍ତ୍ତବ୍ୟ ପଥ'ର ଫୁଟ୍‌ପାଥ ଉପରେ ରଖିଦେଇ ଚାଲି ଆସିଥିଲେ। ଏହାପରେ ସେ ସେହି ଚିଠିକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ପଦକ ଫେରାଇବାରେ ବଜରଙ୍ଗ ପୁନିଆ ପ୍ରଥମ ନୁହନ୍ତି, କିନ୍ତୁ ଯେଉଁ ପୃଷ୍ଠଭୂମି ତାଙ୍କୁ ପଦକ ଫେରାଇବାକୁ ବାଧ କଲା ତାହା ଚିନ୍ତାଜନକ ନିଶ୍ଚୟ।

ଆମ ଗଣତନ୍ତ୍ରରେ ସରକାରୀ ନିଷ୍ପତ୍ତି ଓ ଘୋଷଣାର ରାଜନୈତିକ, ଗୋଷ୍ଠୀଗତ ଓ ବ୍ୟକ୍ତିଗତ ପ୍ରତିବାଦ ସମ୍ବିଧାନ ସ୍ୱୀକୃତ। ଗଣତନ୍ତ୍ରର ଆଉ ଏକ ବ୍ୟତିକ୍ରମ ହେଉଛି ଯେଉଁ ଜନପ୍ରତିନିଧିମାନେ ଏକଦା ନୀତି ନିର୍ଦ୍ଧାରକ ଭାବେ ଜନତାଙ୍କ ପ୍ରତିବାଦର ସାମ୍ନା କରନ୍ତି ସେମାନେ ସମୟଚକ୍ରରେ ସେହି ପ୍ରତିବାଦକୁ ହିଁ ରାଜନୈତିକ ବିରୋଧର ଅସ୍ତ୍ର କରନ୍ତି। ଜନପ୍ରତିନିଧିଙ୍କ ପାଇଁ ଉଭୟ ସଂସଦ / ବିଧାନସଭା କିମ୍ବା ତା' ବାହାରେ ଆନ୍ଦୋଳନ ଓ ପ୍ରତିବାଦ କରିବାର ସୁଯୋଗ ଥିବା ବେଳେ ଜନତାଙ୍କ ପ୍ରତିବାଦ ଓ ବିକ୍ଷୋଭର ମଞ୍ଚ କେବଳ ରାଜରାସ୍ତା। ଅପରପକ୍ଷରେ ଅଭିନେତା, କ୍ରୀଡ଼ାବିତ୍, ଲେଖକ, ସାହିତ୍ୟିକ, ବୈଜ୍ଞାନିକ, ସାମ୍ବାଦିକ, ଅଧ୍ୟାପକ ଆଦି ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରତିବାଦ ପାଇଁ ଗଣମାଧ୍ୟମ ହିଁ ଏକମାତ୍ର ସାହାରା। କିନ୍ତୁ ଯେତେବେଳେ ସେମାନେ ହୃଦ୍‌ବୋଧ କରନ୍ତି ଯେ ଗଣମାଧ୍ୟମ ସେମାନଙ୍କ ପ୍ରତ୍ୟକ୍ଷ ସ୍ୱର କିମ୍ବା ପ୍ରତିବାଦକୁ ଯଥାର୍ଥ ନ୍ୟାୟ ଦେବାରେ ସମର୍ଥ ହେଉନାହିଁ, ସେମାନେ ପ୍ରତିବାଦର ଅସ୍ତ୍ର ସ୍ୱରୂପ ସ୍ୱେଚ୍ଛାକୃତ ଅବସର ଘୋଷଣାଠାରୁ ଆରମ୍ଭ କରି ସମ୍ମାନ, ଉପାଧି ଆଦି ଫେରସ୍ତ ଓ ପ୍ରତ୍ୟାଖ୍ୟାନ ପରି ଏକ ଅଭିନବ ଅଭିମାନ-ପନ୍ଥାକୁ ଶେଷ ବିକଳ୍ପ ରୂପେ ଆବୋରି ନେଇଥା'ନ୍ତି। କେତେକ ମହଲ ଏଭଳି ପ୍ରତିବାଦକୁ ନିରବ-ବିରୋଧ ବର୍ଗଭୁକ୍ତ କରନ୍ତି। କୁସ୍ତି ଯୋଦ୍ଧା ସାକ୍ଷୀ ମଲ୍ଲିକ ଓ ବଜରଙ୍ଗ ପୁନିଆଙ୍କ ନିଷ୍ପତ୍ତି ଓ ପଦକ୍ଷେପ ଏହି ଧରଣର ବୋଲି କହିବାରେ ଦ୍ୱିରୁକ୍ତି ବୋଧହୁଏ ହେବ ନାହିଁ।

ଗଣତାନ୍ତ୍ରିକ ଉପାୟରେ କ୍ରମାଗତ ପ୍ରତିବାଦ, ଧାରଣା, ଆବେଦନ, ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ମଧ୍ୟ କୁସ୍ତି ଯୋଦ୍ଧାମାନେ ଯେତେବେଳେ ସବୁସ୍ତରରୁ ହତାଶ ହୋଇପଡ଼ିଲେ ସେତେବେଳେ ସେମାନଙ୍କ ମନରେ ଏକ ଅସୁରକ୍ଷିତ ଓ ଅପାଂକ୍ତେୟ ଭାବନା ଆସିବା ସ୍ୱାଭାବିକ, ଯାହା ବଜରଙ୍ଗ ପୁନିଆ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ପତ୍ରରୁ ସୁସ୍ପଷ୍ଟ। ଏଭଳି ନିରବ ପ୍ରତିବାଦ କେତେ ପ୍ରଭାବଶାଳୀ ଓ ବ୍ୟବସ୍ଥାଗତ ପରିବର୍ତ୍ତନ ଆଣିବାର କେତେ ସାମର୍ଥ୍ୟ ରଖିଛି ଓ କେତେ ଯଥାର୍ଥ ତାହା ଅବଶ୍ୟ ତର୍କସାପେକ୍ଷ। କିନ୍ତୁ ପଦ୍ମଶ୍ରୀ ସମ୍ମାନ ଫେରାଇବା ପଛରେ ବଜରଙ୍ଗ ଯେଉଁ କାରଣ ଓ ଘଟଣାକ୍ରମର ଅବତାରଣା କରିଛନ୍ତି ତାହା ଯଦି ଅବାସ୍ତବ ବା କପୋଳକଳ୍ପିତ ହୋଇଥା'ନ୍ତା ତେବେ କେନ୍ଦ୍ର ସରକାର ପ୍ରତିକ୍ରିୟା ସ୍ୱରୂପ ତୁରନ୍ତ କୁସ୍ତି ମହାସଂଘକୁ ଭାଙ୍ଗି ଦେଇ ନଥା'ନ୍ତେ। ତେଣୁ ସାକ୍ଷୀ ମଲ୍ଲିକଙ୍କ ସ୍ୱେଚ୍ଛାକୃତ ଅବସର ଘୋଷଣା ହେଉ କିମ୍ବା ବଜରଙ୍ଗଙ୍କ ପଦ୍ମଶ୍ରୀ ସମ୍ମାନ ଫେରସ୍ତ ହେଉ କିମ୍ବା ଗୁଙ୍ଗା ପେହେଲବାନ୍ ନାମରେ ପରିଚିତ ବୀରେନ୍ଦ୍ର ସିଂହ ଯାଦବଙ୍କ ପଦ୍ମଶ୍ରୀ ଫେରାଇବା ନିଷ୍ପତ୍ତି ଘୋଷଣା - ଏ ସବୁ ପଛରେ କେଉଁଠି ନା କେଉଁଠି ରାଜନୈତିକ ନିଷ୍ପତ୍ତିଗତ ତ୍ରୁଟି ଓ କତିପୟ ଗୋଷ୍ଠୀ ପ୍ରତି ଅନୁଚିତ ଅନୁଗ୍ରହର ଆତିଶଯ୍ୟ ଯେ ଥିଲା ତାହା ସ୍ୱୀକାର କରିବାକୁ ପଡ଼ିବ।

୧୯୮୪ ମସିହାରେ ବିଶିଷ୍ଟ ସ୍ତମ୍ଭକାର, ସାମ୍ବାଦିକ ତଥା ରାଜ୍ୟସଭା ସାଂସଦ ଖୁସ୍‌ୱନ୍ତ ସିଂହଙ୍କ ପଦ୍ମଭୂଷଣ ସମ୍ମାନ ଫେରସ୍ତ ଘଟଣାରୁ ଆରମ୍ଭ କରି ବଜରଙ୍ଗ ପୁନିଆଙ୍କ ପଦ୍ମଶ୍ରୀ ଫେରାଇବା ପର୍ଯ୍ୟନ୍ତ ଘଟଣାବଳୀକୁ ଅନୁଧ୍ୟାନ କଲେ ଏହା ପଛରେ ବ୍ୟବସ୍ଥାଗତ ଅସନ୍ତୋଷ ତୁଳନାରେ ରାଜନୈତିକ ଅତିକ୍ରିୟାଜନିତ କ୍ଷୋଭ ଅଧିକ ଥିବା ଜଣାପଡ଼େ। ଏହି ତାଲିକା ଖୁବ୍ ଲମ୍ବା, ଯାହା ଏଠାରେ ଉଲ୍ଲେଖ ସମ୍ଭବ ନୁହେଁ। କିନ୍ତୁ ଉଦ୍‌ବେଗଜନକ ବିଷୟ ହେଲା ୨୦୧୫ ପରବର୍ତ୍ତୀ ସମୟରୁ ସମ୍ମାନ ଓ ଉପାଧି ଫେରସ୍ତର ଧାରା ଅଧିକ ତୀବ୍ର ହୋଇଥିବା ଦେଖାଯାଉଛି। ସେହିବର୍ଷ ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ୩୩ ଜଣ ଲେଖକ ଓ ବୁଦ୍ଧିଜୀବୀ ସାହିତ୍ୟ ଅକାଦମୀ ସମ୍ମାନ ଫେରାଇଥିବା ବେଳେ ଏକାଧିକ ଚଳଚ୍ଚିତ୍ର ତାରକା, ନିର୍ଦ୍ଦେଶକ ଓ ଲେଖକ ସେମାନଙ୍କୁ ପ୍ରଦତ୍ତ ସମ୍ମାନ ଓ ପୁରସ୍କାର ଫେରାଇ ଦେଇଥିଲେ। ଏ ସମସ୍ତ ଘଟଣା ପଛର ଆଧାର ଥିଲା ମୁକ୍ତ ଅଭିବ୍ୟକ୍ତିର କଣ୍ଠରୋଧ। ଏହି ଅଭିଯୋଗ ପଛର ସତ୍ୟତା ତର୍କସାପେକ୍ଷ ହେଲେ ହେଁ କେଉଁଠି ନା କେଉଁଠି ଶାସନ ବ୍ୟବସ୍ଥାରେ ନୈତିକ ବିସଙ୍ଗତି ଯେ ରହୁଛି ତାହା ଅନ୍ତତଃ ଭାରତୀୟ କୁସ୍ତି ଯୋଦ୍ଧାଙ୍କ ନ୍ୟାୟ ପାଇଁ ସଂଘର୍ଷ ଘଟଣାକ୍ରମରୁ ସ୍ପଷ୍ଟ ହେଉଛି।

ଏବେ ସମ୍ମାନ ଫେରାଇଥିବା ବା ଫେରାଉଥିବା ବ୍ୟକ୍ତିଙ୍କ ଦୃଷ୍ଟିକୋଣକୁ ବିଚାର କରାଯାଉ। ଆମ ଦେଶର ବିଧିବ୍ୟବସ୍ଥା ଅନୁସାରେ ପୁଙ୍ଖାନୁପୁଙ୍ଖ ତର୍ଜମା ଓ ସୁପାରିସ ଆଦି ପରେ ନାଗରିକ ସମ୍ମାନ ପାଇଁ ବ୍ୟକ୍ତିବିଶେଷଙ୍କୁ ମନୋନୀତ କରାଯାଇ ତାଲିକା ଘୋଷଣା କରାଯାଏ। ଯଦି ନୈତିକତା କିମ୍ବା ଅନ୍ୟ କୌଣସି କାରଣରୁ କାହାର କିଛି ଆପତ୍ତି ଥାଏ ତେବେ ସେ ନାମତାଲିକା ଘୋଷଣା ପରେ ସମ୍ମାନ ଗ୍ରହଣ କରିବାକୁ ନିଜର ଅସମ୍ମତି ପ୍ରକାଶ କରିପାରନ୍ତି ଏବଂ ତାହା ସରକାରଙ୍କୁ ଜଣାଇ ପାରନ୍ତି। ଏହାପରେ ତାଙ୍କ ନାମ ତାଲିକାରୁ ବାଦ୍ ଦିଆଯାଏ। ଏଭଳି ଅନେକ ରାଜନେତା, ବୁଦ୍ଧିଜୀବୀ, ଲେଖକ, ସାମାଜିକ କର୍ମୀ ମଧ୍ୟ ଅତୀତରେ ସମ୍ମାନ ଗ୍ରହଣ କରିବାକୁ ଅନିଚ୍ଛା ପୋଷଣ କରିଥିବାର ଉଦାହରଣ ରହିଛି। କିନ୍ତୁ ସମ୍ମାନ ଓ ପ୍ରମାଣପତ୍ର ପ୍ରଦାନ କରାଗଲା ପରେ ତାହା ସରକାରୀ ବିଜ୍ଞପ୍ତିରେ ରେକର୍ଡଭୁକ୍ତ ହୋଇ ସବୁଦିନ ପାଇଁ ରହିଯାଏ। ସମ୍ମାନ ଫେରାଇଲେ ମଧ୍ୟ ଉକ୍ତ ରେକର୍ଡରୁ ତାଙ୍କ ନାମ ବାଦ୍ ପଡ଼େ ନାହିଁ। କେବଳ କେତେକ ସ୍ୱତନ୍ତ୍ର ଘଟଣାରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଓ ଅନୁମତିକ୍ରମେ ରେକର୍ଡରୁ ନାମ ବାଦ୍ ଦେଇ ନୂଆ ବିଜ୍ଞପ୍ତି ପ୍ରକାଶ କରାଯାଇପାରେ। ଭାରତର ସ୍ୱାଧୀନତା ପରଠାରୁ ବଜରଙ୍ଗ ପୁନିଆଙ୍କ ପର୍ଯ୍ୟନ୍ତ ଯେଉଁମାନେ ସମ୍ମାନ ଫେରାଇଛନ୍ତି ସେମାନଙ୍କ ମଧ୍ୟରୁ କୌଣସି ଜଣେ ବି ସମ୍ମାନିତ ବ୍ୟକ୍ତିଙ୍କ ନାମ ରେକର୍ଡରୁ ବାଦ୍ ଦିଆଯାଇନାହିଁ। ଏହାଠାରୁ ବଳି ଉଦାର ବ୍ୟବସ୍ଥା ଆଉ କେଉଁଠି ଥାଇପାରେ?

ଉପରୋକ୍ତ ବିଧିବ୍ୟବସ୍ଥା ବିଷୟରେ ସମ୍ମାନ ପାଇଥିବା ଓ ଫେରାଉଥିବା ବ୍ୟକ୍ତିତ୍ୱମାନେ ଯେ ଜାଣି ନଥିବେ ତା' ନୁହେଁ। ତଥାପି ଏହାଦ୍ୱାରା ସେମାନେ ଦେଶର ସରକାରୀ କାର୍ଯ୍ୟଧାରା ବିରୋଧରେ ଏକ ପ୍ରତୀକାତ୍ମକ ପ୍ରତିବାଦ କରୁଛନ୍ତି ବୋଲି ଜଗତ ଜାଣୁଛି। ଏହାଦ୍ୱାରା ଦେଶ, ଦେଶବାସୀ ଓ ସରକାରଙ୍କ ସମ୍ମାନ ଓ ମର୍ଯ୍ୟାଦା ଯେ କ୍ଷୁଣ୍ଣ ହେଉଛି ତାହା ମଧ୍ୟ ଅନସ୍ୱୀକାର୍ଯ୍ୟ। ଯେଉଁ ଭାବନା ନେଇ ଦେଶ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିଥିଲା ତାହା ଫେରସ୍ତ କରିବା ଅର୍ଥ ଦେଶ ପ୍ରତି ଅସମ୍ମାନ। ସେହିପରି ସମ୍ମାନ ପ୍ରତ୍ୟାଖ୍ୟାନର କାରଣ ଯଦି ରାଜନୀତି ଆଧାରିତ ହୁଏ ତାହା ମଧ୍ୟ ଆମ ପବିତ୍ର ସମ୍ବିଧାନ ପ୍ରତି ଅପମାନ। ସମ୍ମାନ, ପୁରସ୍କାର ଓ ଉପାଧି ଚୟନରେ ପାତର-ଅନ୍ତର ଓ ପକ୍ଷପାତିତା ଥାଇପାରେ; କିନ୍ତୁ ବଜରଙ୍ଗଙ୍କ କହିବା ଭଳି 'ସମ୍ମାନ' କଦାପି ବୋଝ ହୋଇ ନ ପାରେ। ନ୍ୟାୟ ଓ ଅଧିକାରର ସଂଗ୍ରାମରେ 'ସମ୍ମାନ' ଓ 'ଉପାଧି' ଆଦି ପ୍ରତିବାଦର ପଶାପାଳିର ମୋହରା ନ ହୁଅନ୍ତୁ।

# ପରିବେଶ ସୁରକ୍ଷାର ଅନନ୍ୟ ଉଦ୍ୟମ

ଡକ୍ଟର ସମୀର କୁମାର ନନ୍ଦ
ଦେବଗଡ଼, ମୋ: ୯୪୩୭୨୧୮ ୯୧୭

ପରିବେଶ କହିଲେ ସାଧାରଣତଃ ଆମେ ରହୁଥିବା ଚାରିପାଖର ପ୍ରାକୃତିକ ଉପାଦାନ ଓ ବାତାବରଣକୁ ବୁଝାଏ। ଅର୍ଥାତ୍, ଆମ ଚାରିପାଖର ବୃକ୍ଷଲତା, ଜୀବଜନ୍ତୁ, ଜଳ, ମାଟି, ଆକାଶ ଓ ବାୟୁମଣ୍ଡଳ ପରିବେଶର ଅନ୍ତର୍ଭୁକ୍ତ। ବିଶ୍ୱ ସୃଷ୍ଟି ହେବା ଦିନଠାରୁ ପରିବେଶର ଏହି ଉପାଦାନଗୁଡ଼ିକ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା ରହି ଆସିଛି। ଏହି ନିର୍ଭରଶୀଳତା ଯେତେ ସୁଦୃଢ଼ ହେବ ଏବଂ ଏସବୁର ସନ୍ତୁଳନ ଯେତେ ଦୀର୍ଘସ୍ଥାୟୀ ହେବ ପରିବେଶ ସେତିକି ଜୀବ-ଅନୁକୂଳ ହେବ। ପରିବେଶର ସ୍ୱାସ୍ଥ୍ୟ ଯେତେ ଭଲ ରହିବ, ଜୀବଜଗତ ସେତେ ନିରାମୟ ହେବ। କିନ୍ତୁ ପରିତାପର ବିଷୟ ଯେ ପରିବେଶର ଏହି ସନ୍ତୁଳନ ଏବେ ବିଗିଡ଼ିବାରେ ଲାଗିଛି। ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଘଟି ବିଶ୍ୱ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିଯୋଗୁଁ ଅଦିନିଆ ବର୍ଷା, ମରୁଡ଼ି, ବନ୍ୟା, ବାତ୍ୟା ଆଦିକୁ ଏ ପୃଥିବୀ ଅଧିକରୁ ଅଧିକ ସାମ୍ନା କରୁଛି। ବିଡ଼ମ୍ବନା ଏହା ଯେ ଏ ସବୁ ବିଷୟରେ ସବୁଠାରୁ ଅଧିକ ଜାଣିଥିବା ପ୍ରାଣିଜଗତର ସବୁଠାରୁ ବୁଦ୍ଧିମାନ ମଣିଷ ହିଁ ଏହି ଅସ୍ୱାଭାବିକତା ସୃଷ୍ଟି କରୁଛି। ଏ ସବୁ ଭିତରୁ ଏବେ ସର୍ବାଧିକ ଘାତକ ହୋଇଛି ବିଶ୍ୱ ତାପମାତ୍ରାରେ ବୃଦ୍ଧି।

ନିକଟରେ ଏକ ଗବେଷଣାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇଁ ଦାୟୀ ୫ଟି ପ୍ରମୁଖ କାରଣକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ପ୍ରବାଳପ୍ରାଚୀର ନଷ୍ଟ ହେବା, ଲାବ୍ରାଡର ସାଗର ଓ ଉପମେରୁବୃତ୍ତ ସଞ୍ଚାଳନ, ଗ୍ରୀନଲ୍ୟାଣ୍ଡ, ପଶ୍ଚିମ ଆଣ୍ଟାର୍କଟିକା ବରଫ ଚାଦର ଓ ପାର୍ମାଫ୍ରଷ୍ଟ ତରଳିବା। ଗ୍ରୀନଲ୍ୟାଣ୍ଡ ବରଫ ତରଳିବା ପ୍ରକ୍ରିୟା ସମୁଦ୍ରପତ୍ତନ ବୃଦ୍ଧି କରି ସମଗ୍ର ବିଶ୍ୱର ଉପକୂଳବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଯେଉଁ ଆଶଙ୍କା କରୁଥିଲେ ତାହା କେତେକ ମାତ୍ରାରେ ସତ ସାବ୍ୟସ୍ତ ହେଲାଣି। ପର୍ମାଫ୍ରଷ୍ଟ ତରଳିବା ଦ୍ୱାରା ବରଫ ତଳେ ଜମାଟ ବାନ୍ଧିଥିବା ବିପୁଳ ପରିମାଣର ସବୁଜ ଗୃହ ବାଷ୍ପ ନିର୍ଗତ ହେବାର ଆଶଙ୍କା ରହିଛି। ଏହାଫଳରେ ବିଶ୍ୱ ତାପମାତ୍ରା ଆହୁରି ବୃଦ୍ଧି ପାଇବା ସହିତ ସମଗ୍ର ସାମୁଦ୍ରିକ ପରିବେଶର ଗୁରୁତର କ୍ଷତି ଘଟିବ। ଜଳର ଉତ୍ତାପ ବୃଦ୍ଧି ଓ ଅମ୍ଳୀକରଣ ଦ୍ୱାରା ସମୁଦ୍ରର ନର୍ସରୀ କୁହାଯାଉଥିବା ପ୍ରବାଳ ପ୍ରାଚୀରର ଅସ୍ତିତ୍ୱ ଗୁରୁତର ପ୍ରଭାବିତ ହେବ।

ଗତ କିଛିମାସ ହେଲା ଜଳବାୟୁ ସମ୍ପର୍କରେ କେବଳ ରେକର୍ଡ ଭଙ୍ଗର ତଥ୍ୟ ମିଳୁଛି। ୨୮ ଅଗଷ୍ଟରେ ପୁରୀର ତାପମାତ୍ରା ବିଗତ ୧୩୧ ବର୍ଷରେ ୨ ଥର ପାଇଁ ସର୍ବାଧିକ ରହିବାର ରେକର୍ଡ ଭାଙ୍ଗିଛି। ମୌସୁମୀ ଋତୁରେ ରାଜ୍ୟରେ ଗ୍ରୀଷ୍ମଋତୁର ଭ୍ରମ ସୃଷ୍ଟି ହେଉଛି। ଧାରା ଶ୍ରାବଣ କେବଳ ଆଇମା' କାହାଣୀରେ ରହିଯାଇଛି। ଗତ ଅଗଷ୍ଟ ମାସରେ ୧୨୩ ବର୍ଷର ସବୁଠାରୁ କମ୍ ବର୍ଷା ହୋଇଛି। ଇରାନରେ ୫୧ ଡିଗ୍ରୀ ତାପମାତ୍ରା ସହିତ ଅଭୂତପୂର୍ବ ଗ୍ରୀଷ୍ମ ଲହରୀ ଖେଳିଯାଇଛି। ବଣଜଙ୍ଗଲରେ ନିଆଁ ଲାଗିବା, କଳକାରଖାନାରୁ ନିର୍ଗତ ଧୂଆଁ ଓ ଧୂଳି, ବିକାଶ ଓ ନିର୍ମାଣ ନାଁରେ ଲକ୍ଷାଧିକ ଗଛ କାଟିବା, ବାଲି, ଚିପ୍ସ, କୋଇଲା ଓ ଲୁହା ପଥର ଆଦି ଖଣିଜ ସାମଗ୍ରୀକୁ ବିନା ଆବରଣରେ ପରିବହନ କରିବା ଆଦି ପ୍ରଦୂଷଣ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ପାଇଁ ଦାୟୀ।

ଅପରପକ୍ଷରେ ଏବେ ବି ଅନେକ ବ୍ୟକ୍ତିବିଶେଷ ଓ ସଂଗଠନ ଅଛନ୍ତି, ଯେଉଁମାନେ ପରିବେଶ ସୁରକ୍ଷା ପାଇଁ ନିଆରା ଢଙ୍ଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲା ବେଳେ ଏକ ବିରଳ ବ୍ୟତିକ୍ରମ ଭାବେ ମୌସୁମୀ ଆଗମନର ପୂର୍ବସଂକେତ ନେଇ ଦେବଗଡ଼ ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ କୁଣ୍ଢେଇଗୋଲା ଗ୍ରାମକୁ ଅନେକ ବିରଳ ପ୍ରଜାତିର ବିଦେଶୀ ପକ୍ଷୀ ଆସନ୍ତି। ସେଥିପାଇଁ ପ୍ରତିବର୍ଷ ପକ୍ଷୀଙ୍କ ଆଗମନକୁ ଉତ୍କଣ୍ଠାର ସହିତ ଗ୍ରାମବାସୀ ସ୍ୱାଗତ କରିବାକୁ ଅପେକ୍ଷା କରିଥା'ନ୍ତି। ପ୍ରତିବର୍ଷ ଜୁଲାଇ ମାସରେ ହଂସରାଳୀ ଓ ଗେଣ୍ଡାଳିଆ ପ୍ରଜାତିର ବହୁସଂଖ୍ୟକ ପକ୍ଷୀ ଗ୍ରାମକୁ ଆସି ଦୁଇଟି ବିରାଟ ତେନ୍ତୁଳି ଗଛରେ ବାସ କରନ୍ତି। ପକ୍ଷୀଙ୍କ ଆଗମନରେ ଗ୍ରାମରେ ଚାଷ କାମ ଆରମ୍ଭ ହୁଏ। ଯେଉଁବର୍ଷ ଯେତେ ଅଧିକ ପକ୍ଷୀ ଆସନ୍ତି ସେବର୍ଷ ସେତିକି ଭଲ ବର୍ଷା ହୁଏ ଓ ଅମଳ ମଧ୍ୟ ସେତିକି ଅଧିକ ହୁଏ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ସେଥିପାଇଁ ଗ୍ରାମବାସୀ ଓ ବନ ବିଭାଗ ପାଳି କରି ପକ୍ଷୀମାନଙ୍କୁ ସୁରକ୍ଷା ଦେଉଥା'ନ୍ତି। ଏହି ପକ୍ଷୀମାନେ ଜମିରେ ଥିବା ମାଛ, କୀଟପତଙ୍ଗ ଖାଇ ଯାଉଥିବାରୁ ଶସ୍ୟ ପୋକମାନଙ୍କ ଦ୍ୱାରା ନଷ୍ଟ ହୁଏ ନାହିଁ। ପକ୍ଷୀମାନେ ସେମାନଙ୍କ ରହଣି ସମୟରେ ଅଣ୍ଡା ଦିଅନ୍ତି। ଛୁଆମାନେ ଉଡ଼ିବା ଶିଖିବା ପରେ ସେମାନେ ଡିସେମ୍ବର ମାସ ଆଡ଼କୁ ଅନ୍ୟତ୍ର ଚାଲି ଯାଆନ୍ତି।



ସେହିପରି ବରଗଡ଼ ଜିଲ୍ଲାର ଆମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ବନ୍ୟପ୍ରାଣୀ ରେଞ୍ଜରେ ହୀରାକୁଦ ଜଳଭଣ୍ଡାର ପାଖରେ ଅବସ୍ଥିତ ଗୋବିନ୍ଦପୁର ଗ୍ରାମ ପକ୍ଷୀଗ୍ରାମ ଭାବରେ ପରିଚିତ। ହୀରାକୁଦ ଜଳଭଣ୍ଡାରକୁ ଆସୁଥିବା ଅତିଥିପକ୍ଷୀଙ୍କ ସୁରକ୍ଷା ପାଇଁ ଏହି ଗ୍ରାମ ଉଦାହରଣ ହୋଇ ରହିଛି। ପ୍ରତିବର୍ଷ ଅକ୍ଟୋବର ମାସରେ ହୀରାକୁଦକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ଶହେ ପ୍ରଜାତିର ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଜଳଭଣ୍ଡାର ଓ ସଂଲଗ୍ନ ଜଙ୍ଗଲରେ ପ୍ରାୟ ଛଅ ମାସ ରୁହନ୍ତି। ଏକଦା ପକ୍ଷୀ ଶିକାର ପାଇଁ ଅପବାଦ ମୁଣ୍ଡାଇଥିବା ଗୋବିନ୍ଦପୁର, ତାମଦେଇ ଓ ରାମେଖଲ ଗ୍ରାମକୁ ଏବେ 'ପକ୍ଷୀସୁରକ୍ଷା ଗ୍ରାମ' ଭାବରେ ଉଦାହରଣ ଦିଆଯାଉଛି। ଏହା ସମ୍ଭବ ହୋଇପାରିଛି କେବଳ ଗ୍ରାମବାସୀମାନଙ୍କ ଆନ୍ତରିକତା ଓ ପରିବେଶ ନିଷ୍ଠା ଯୋଗୁଁ। ଗ୍ରାମବାସୀଙ୍କୁ ଶପଥ ପାଠ କରାଇ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ପ୍ରୟାସ କରାଯାଇଛି। ଗ୍ରାମର ପ୍ରତ୍ୟେକ ଘର କାନ୍ଥରେ ଜଳଭଣ୍ଡାରକୁ ଆସୁଥିବା ପକ୍ଷୀ ଓ ଦେବ୍ରିଗଡ଼ ଜଙ୍ଗଲରେ ବାସ କରୁଥିବା ଜୀବଜନ୍ତୁମାନଙ୍କ ଚିତ୍ର ଅଙ୍କାଯାଇ ଜନସଚେତନତା ସୃଷ୍ଟି କରାଯିବା ସହିତ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକୃଷ୍ଟ କରାଯାଇପାରୁଛି। ଏହି ଗ୍ରାମରେ ପ୍ରବଳ ମାତ୍ରାରେ ଘରଚଟିଆ ପକ୍ଷୀ ମଧ୍ୟ ବାସ କରୁଥିବା ଦେଖାଯାଉଛି।

ପ୍ରକୃତି ଓ ମଣିଷ ମଧ୍ୟରେ ସୁସମ୍ପର୍କ ଗଢ଼ି ତୋଳିବାକୁ ନିଆରା ପ୍ରୟାସ କରୁଛନ୍ତି ଜଗତସିଂହପୁର ଜିଲ୍ଲା ନାଉଗାଁ, କେଉଁଝର ଜିଲ୍ଲାର ଘଷିପୁରା ଓ କେନ୍ଦ୍ରାପଡ଼ା ଜିଲ୍ଲାର ପାଟଚିଲା ଗ୍ରାମବାସୀ। ପରିବେଶର ସୁରକ୍ଷା ପାଇଁ ଗଛର ଆବଶ୍ୟକତା ଉପଲବ୍ଧି କରି ତିନିବର୍ଷ ତଳେ ସାଧୁ ଗୋସ୍ୱାମୀ ପୀଠରେ ବର ଓ ଓସ୍ତ ଗଛ ଲଗାଇ ଯତ୍ନ ନେଉଥିଲେ ଗ୍ରାମବାସୀ। ଗଛ ଦୁଇଟି ବଡ଼ ହୋଇଯିବାପରେ ହୋମ, ଯଜ୍ଞ, ଭୋଜିଭାତ କରାଯାଇ ଦୁଇ ଗଛକୁ ବିବାହ କରାଯାଇ ସମାଜକୁ ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ବାର୍ତ୍ତା ଦିଆଯାଇଛି।

ଏକଦା ସୁନ୍ଦରଗଡ଼ ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ପଞ୍ଚାୟତ ଅନ୍ତର୍ଗତ ସାଗର ପାଲି ଗ୍ରାମରେ ଥିବା କୁର୍ଲାଡୁଙ୍ଗୁରି ଲଣ୍ଡା ପାହାଡ଼ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଆଜି ସବୁଜ ଜଙ୍ଗଲରେ ପରିଣତ ହୋଇଯାଇଛି। ୨୦୪ ବର୍ଷ ପୂର୍ବେ ଗଢ଼ି ଉଠିଥିବା ଏହି ଗ୍ରାମରେ ୧୯୫୬ ମସିହାରେ ଗ୍ରାମ କମିଟି କରାଯାଇ ପାହାଡ଼ର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ଏହି ପଦକ୍ଷେପକୁ କାଠ ମାଫିଆମାନେ ଭ୍ରୂକ୍ଷେପ କରି ନ ଥିଲେ। ୧୯୭୫ ମସିହାରେ ଗ୍ରାମର ଯୁବକମାନେ ଚାରାରୋପଣ କରିବା ସହିତ ମୁଠିଭିକ୍ଷା କରି ଜଙ୍ଗଲକୁ ପାଳି କରି ଜଗି ରହିଲେ। ଏବେ ୧୨୧ ହେକ୍ଟର ପରିମିତ ସେହି ପାହାଡ଼ ଶାଳ, ପିଆଶାଳ, ମହୁଲ, ଚାର, ନିମ୍ବ ଓ ଅର୍ଜୁନ ଆଦି ଜଙ୍ଗଲଜାତୀୟ ବୃକ୍ଷ ସହିତ ହରିଡ଼ା, ବାହାଡ଼ା, ଅଁଳା, ବ୍ୟାସଙ୍ଗ, ଶତାବରୀ, ଭୂଇଁନିମ୍ବ ଓ ବଜ୍ରମୂଳି ପରି ଅନେକ ଔଷଧୀୟ ଗଛର ଭାରି ସବୁଜିମାରେ ପରିଣତ ହୋଇଛି କେବଳ ଗ୍ରାମବାସୀ ଓ ବନ ବିଭାଗର ପ୍ରଚେଷ୍ଟାରେ। କେବଳ ସେତିକି ନୁହେଁ ଏକଦା ଟାଙ୍ଗରା ଭୂଇଁ ଥିବା ସେହି ଲଣ୍ଡା ପାହାଡ଼ ଆଜି ବାର୍‌ହା, ହନୁ ମାଙ୍କଡ଼, ଠେକୁଆ, ଝିଙ୍କ, ବିଲୁଆ ଓ ଅନେକ ସରୀସୃପଙ୍କ ଚରାଭୂଇଁ ତଥା ନିର୍ଭୟ ବାସସ୍ଥଳୀ ହୋଇପାରିଛି।

ଗଂଜାମ ଜିଲ୍ଲା ଖଲ୍ଲିକୋଟ ବନ ବିଭାଗ ଅନ୍ତର୍ଗତ ଚିକିଟି ଓ ଆସ୍କା ଅନ୍ତର୍ଗତ ଭେଟନଇ ଗ୍ରାମବାସୀ ଓ ବନବିଭାଗର ମିଳିତ ଉଦ୍ୟମରେ ୨୦୦ କୃଷ୍ଣସାର ମୃଗ ସମେତ ୧୯୭୯ଟି ମୃଗଙ୍କ ସୁରକ୍ଷିତ ସ୍ଥଳି ପାଲଟି ଯାଇଛି। ଶିକାରୀ ଓ ବୁଲାକୁକୁରମାନଙ୍କ ଆକ୍ରମଣରୁ ଗ୍ରାମବାସୀ ଏହି ନିରୀହ ପ୍ରାଣୀମାନଙ୍କୁ ସୁରକ୍ଷା ଦେଇ ଏମାନଙ୍କ ବଂଶବୃଦ୍ଧି କରିବାକୁ ପଣ କରିଛନ୍ତି।

ରଜପର୍ବ ସମୟରେ ସାମୂହିକ ଦୋଳିଖେଳ ସହିତ ପରିବେଶ ସୁରକ୍ଷା ପାଇଁ ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ ଅନ୍ତର୍ଗତ ଢୋଲପଡ଼ା, କେନ୍ଦେଇଜୁରୀ, କଂସର ଓ ଦୁଧିଆନାଳୀ ପଞ୍ଚାୟତ ତଥା ବାରକୋଟ ବ୍ଲକର ଟୁସୁଳା ଓ ଠିଆନାଳ ପଞ୍ଚାୟତର ଲୋକେ ପାଳନ କରନ୍ତି କଣ୍ଢେଇ ବାହାଘର ଉତ୍ସବ। କଣ୍ଢେଇମାନଙ୍କ ବରପିତା ଓ କନ୍ୟାପିତା ସାଜି ଲୋକେ ବରଯାତ୍ରୀ, ହୋମ, ପୂଜାପାଠ ସହିତ ଭୋଜିଭାତ କରି ଏହି ଉତ୍ସବକୁ ଧୂମଧାମରେ ପାଳନ କରନ୍ତି। ଏହି ବିବାହ ସମୟରେ ସାମୂହିକ ଚାରାରୋପଣ କରାଯାଇ ସବୁଜିମା ସୃଷ୍ଟି କରିବା ପାଇଁ ଗ୍ରାମବାସୀ ଏହି ଅନନ୍ୟ ପରମ୍ପରାକୁ ପାଳନ କରନ୍ତି। ଏହି ସମୟରେ ବଳମ ଗ୍ରାମରେ ଲୋକେ କୁମାରୀ ବିବାହ ଉତ୍ସବ ଆୟୋଜନ କରିଥା'ନ୍ତି। ଏହି ସମୟରେ ସମବୟସର ଗୋଟିଏ କୁମାରୀ କନ୍ୟା ସହିତ ଅନ୍ୟ କୁମାରୀ କନ୍ୟାକୁ ବାହା କରାଇ ଦେଲେ ଭଲ ବର୍ଷା ଓ ଚାଷ ହୁଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି।

ଏସବୁ ଉଦାହରଣ ଦେଖିଲେ ହୃଦବୋଧ ହୁଏ ଯେ ଆଜି ମଧ୍ୟ ମାନବିକତା ବଞ୍ଚି ରହିଛି। ଏସବୁ ପ୍ରେରଣାଦାୟୀ ଉଦାହରଣୀୟ ପ୍ରଚେଷ୍ଟାର ପ୍ରଚାର ପ୍ରସାର ଅଧିକ ହୋଇପାରିଲେ ପରିବେଶ ସଚେତନତା, ଜୀବେ ଦୟା ଆଦି ମାନବୀୟ ଗୁଣର ଅଧିକ ପରିସ୍ଫୁଟନ ଘଟିବ ଏବଂ ପରିବେଶର ସନ୍ତୁଳନ ପୁଣି ସଜାଡ଼ି ହୋଇଯିବ। ପ୍ରକୃତି ହସିବ ଓ ଜୀବଜଗତ ସୁରକ୍ଷିତ ରହିବ।

# ଯେତେବେଳେ ମିଛ ମହାପାପ ନୁହେଁ!

ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

କୁହାଯାଏ, ପୁରୁଷଟିକୁ ମିଛ କହିବାକୁ ପଡ଼ନ୍ତା ନାହିଁ, ଯଦି ନାରୀଟି ତା'କୁ ନ ପଚାରନ୍ତା, ଆଜି ମୁଁ କେମିତି ଦିଶୁଚି..., ଏତେବେଳ ଯାକେ କୋଉଠି ଥିଲ..., ଆଉ, ଆଜି ଖାଇବା କେମିତି ଲାଗୁଚି..., ଇତ୍ୟାଦି। ଆମମାନଙ୍କ ମଧ୍ୟରୁ ପ୍ରାୟ ଅନେକ ସାମ୍ନା କରୁଥିବା ଏଭଳି ପ୍ରଶ୍ନଗୁଡ଼ିକର ଉତ୍ତରରେ ଅନେକବାର ମିଛ କହିଥିବା ଆପଣ ସ୍ୱୀକାର କରିବେ ନିଶ୍ଚୟ। କିନ୍ତୁ ଥରେ କେବେ ଭାବିଛନ୍ତି, ଆପଣଙ୍କ ଧର୍ମପତ୍ନୀ ଆପଣଙ୍କ ହାତ ତିଆରି ଇଟା ମାଟିର ସ୍ତୂପଟିକୁ 'ଘର' ରେ ରୂପାନ୍ତରିତ କରିବା ପାଇଁ କେତେ ମିଛ କହିଛନ୍ତି, କହୁଛନ୍ତି ଓ ଆଗକୁ ମଧ୍ୟ କହିବାକୁ ବାଧ ହେବେ...! ମଜାଦାର କଥା ଏମିତି ଯେ, ପ୍ରତିଦିନ ଏପରି ମିଛ କହିବାକୁ ପଡୁଥିଲେ ମଧ୍ୟ ଧର୍ମପତ୍ନୀମାନେ ସେସବୁକୁ ପରିବାରର ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ସୃଷ୍ଟି ପାଇଁ ମଙ୍ଗଳକର ବୋଲି କହିବାରେ ଅସୁବିଧା ନାହିଁ।

ସକାଳ ସଞ୍ଜରେ ଠାକୁରଙ୍କ ପାଖେ ଦୀପ ଜାଳି, 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି...' ପ୍ରାର୍ଥନା କରିବା ଯେତିକି ସହଜ, ସତ କହି ସମ୍ପର୍କରେ ଗଣ୍ଠି ପକେଇବା ସେତିକି କଷ୍ଟ। ବରଂ ଆମେ ମିଛେଇ ହେବା ଭଲ, ମିଛ କହି ପାପୀ ହେବାକୁ ବି ଆମେ ପ୍ରସ୍ତୁତ, କିନ୍ତୁ ଘର ପରିବାର ଆମର ଥାଉ ସୁରକ୍ଷିତ, - ଏଇ ଗୋଟିଏ ଭାବନା ମନରେ ଥାଏ ସବୁ ଗୃହିଣୀଙ୍କର। 'ଦୁହିତା - ଦୁଇକୁଳକୁ ହିତା, ନହେଲେ ପିତା...'- ଏ ଆପ୍ତ ବାକ୍ୟଟି ଶୁଣିଥିବେ ନିଶ୍ଚୟ। କିନ୍ତୁ କେବେ ଭାବିଛନ୍ତି ଦୁଇକୁଳକୁ ପିତା ହେଉଥିବା ଝିଅଟିଏର କଥା କହିବାରେ ବାଗ ରାଗ ନ ଥିବାରୁ ହିଁ ସେ ହୁଏ ଅଧିକ ବଦନାମ! ଝିଅଟିଏ ଶାଶୂଘରେ, ଶାଶୂ, ଯା', ନଣନ୍ଦଙ୍କୁ ଜଗି ରଖି ଚଳୁଥିଲା ବେଳେ କେତେ ସହସ୍ର ମିଛ ଯେ କହେ ତା'ର ଗଣନା ସୁଦ୍ଧା ଆପଣ କରିପାରିବେ ନାହିଁ। ଯିଏ ମିଛ କହିବାର କଳା ଜାଣେନା ବା ନିଷ୍ଠୁର ସତ କହିବାକୁ ଆଗଭର ହୁଏ, ସିଏ ପିତା ନହୋଇ କ'ଣ ମିଠା ହେବ କି! ନିଜେ ସତ କାଳେ ଭାରି ପିତା ପରା! ତେଣୁ ମିଛ କହି ମିଠା ହେବାକୁ ଝିଅଟି ଅଣ୍ଟା ଭିଡ଼େ। ଶାଶୂଙ୍କ ରୋଷେଇ ତା' ନିଜ ବୋଉଠାରୁ ବହୁତ ଭଲ, ସ୍ୱର୍ଗର ଅପସରା ବି ତା' ନଣନ୍ଦର ରୂପ ଦେଖି ଦଉଡ଼ି ଦେଇ ମରିବ, ଆଉ ତା' ନିଜ ମା' ପେଟର ଭଉଣୀଠାରୁ ତା' ଯା' ଯେ ଅଧିକ ସ୍ନେହୀ... - ଏଇ କଥା କହି ସେ ଯେ 'ଭଲ ବୋହୂ' ର ଆଖ୍ୟା ପାଇଛି ଏଥିରେ ବା ଦ୍ୱିମତ କାହିଁ! ଖାଲି କ'ଣ ସେତିକି? ନିଜକୁ ଭଲ ଲାଗୁଥିବା ଶାଢ଼ିଟି ଯା' ଙ୍କ ହାତକୁ ବଢ଼େଇ ଦେଇ - 'ଏଇଟି ତୁମେ ପସନ୍ଦ କରିଛ, ଆରଟି ମୁଁ ନେବି' କହି ଦେଇଦେଲା ପରେ ସେ ନିଜକୁ ବୁଝେଇ ନିଏ - 'ହଁ ମ! କ'ଣ ଏଇ ଗୋଟେ ଶାଢ଼ିରେ ଜୀବନ ସରି ଯାଉଚି...! ସେମିତି, ବାପ ଘରକୁ ବାହାରି ଥିଲା ବେଳେ ନଣନ୍ଦ ଆସି ପହଁଚି ଗଲେ ମନ କଷ୍ଟ ମନରେ ରଖି, ମୁହଁରେ ମିଛ ହସ ହସି ଅଭିନୟ କରିବାକୁ ହେବ, ଯେପରି କିଛି ହେଇନି। ଆଉ ବାପ ଘରେ ବି ଭାଉଜର ମନ ଜାଣି କହିବାକୁ ହେବ - ତା' ହାତରେ ପରା ବାପା, ବୋଉ ଓ ଭାଇଙ୍କ ଭାଗ୍ୟ ଡୋରି...। ଭାଉଜ ଯେବେ କହେ, 'ତୁମ ବୋଉ ଏମିତି କି ସେମିତି ...' ସଙ୍ଗେ ସଙ୍ଗେ ଭାଉଜର ଦୋଷ ନ ଦେଖେଇ ଝିଅଟି କହେ, 'ହଁ ଭାଉଜ! ଟିକେ ଚଳେଇ ନିଅ, ବୋଉ ତ ବୁଢ଼ୀ ହେଲାଣି, ତା' କଥା ଆଉ କାହିଁ ଧରୁଛ...'। ଭାଉଜଙ୍କ ଭାଇ ନାମରେ ବି ଥାଏ ଅନେକ ଅଭିଯୋଗ। ସେ ବୋଲି ଏପରି ମଣିଷଟିକୁ ସମ୍ଭାଳି ନେଲେ। ନହେଲେ...! ତା'କୁ ଶୁଣି ବି ହଜମ କରିବାକୁ ହୁଏ ଝିଅକୁ। ସେଥିରେ ଟିକେ ହେଳା ହେଲେ ଭୋଗିବାକୁ ପଡ଼ିବ ତା'ରି ବାପା, ବୋଉ ଓ ଭାଇଙ୍କୁ। କୋଉ ଝିଅ ବା ବାପା ବୋଉଙ୍କୁ ଦୁଃଖୀ ଦେଖିବାକୁ ଚାହେଁ!



ଖାଲି କ'ଣ ବାପ ଘର ଆଉ ଶାଶୂ ଘର? ନା... ନା...। ନିଜ ଘରେ ବି ଶାନ୍ତି ଶୃଙ୍ଖଳା ରଖିବା ପାଇଁ ଏଇ ମିଛ ହିଁ ସାଜେ ଜଣେ ଘରଣୀର ଅମୋଘ ଅସ୍ତ୍ର। 'ଏକଥା ଜାଣିଲେ ବାପା ରାଗିବେ', ବା 'ଏହା ଶୁଣି ବାପା ରାଗିଲେ' - ଏପରି କହି ପିଲାଙ୍କୁ ଆକଟ କରି କେତେ କେତେ କଥା ହାସଲ କରିବାକୁ ହୁଏ ତାହା ପୁରୁଷଟିଏ କଳ୍ପନା ସୁଦ୍ଧା କରି ପାରିବ ନାହିଁ। ପିଲାଏ ବା ସ୍ୱାମୀ ଆଙ୍କିଥିବା ଚିତ୍ର ହେଉ ବା ଉପହାର ଦେଇଥିବା ଚୁଡ଼ି, ଅବା ରାନ୍ଧି ଥିବା ତରକାରୀ ହେଉ, କେଉଁ ନାରୀ ଏତେ ନିର୍ଦ୍ଦୟ ହୋଇଛି ଯେ ତା'କୁ ଖରାପ ବୋଲି କହିବାକୁ ତା' ଜିଭ ଲେଉଟିବ। ଆଉ ନିଜ ପେଟ ଭୋକରେ ଆଉଟୁପାଉଟୁ ହେଉଥିଲା ବେଳେ 'ମତେ ଭୋକ ଲାଗୁନି' କହି ନିଜ ଖାଦ୍ୟ ପିଲା ବା ସ୍ୱାମୀଙ୍କୁ କେବେ ବଢ଼େଇ ଦେଇ ନଥିବ, ଏପରି ମହିଳାଟିଏ ତ ଏ ସୃଷ୍ଟିରେ ଅସମ୍ଭବ। କେବଳ ଘର ଭିତରେ ନୁହେଁ, ସାଙ୍ଗ ସାଥୀ, ସାହି ପଡ଼ିଶା, ଏପରିକି ଚାକର ବାକରଙ୍କ ମନ କିଣିବାକୁ ବି ଘରଣୀଟି ଅନେକ୍ ଛୋଟ ମୋଟ ମିଛ କହେ।

ସତ କହିବାକୁ ଗଲେ ଏହିପରି ଛୋଟ ଛୋଟ ମିଛକୁ ଆମେ ମହିଳାମାନେ ନାମ ଦେଇଚୁ 'ଘରକରଣା'। ଯୋଉ ଝିଅ ଏଇ ମିଛ କହିବାର କଳାଟିକୁ ଆପଣେଇ ପାରିଲା ତା' ଘର ସ୍ୱର୍ଗ। ନୋହିଲେ ନିତି ନିତି ଘରେ ମହାଭାରତ ହେବା ଟା ନିଶ୍ଚିତ। ହଁ, ଆଉ ଗୋଟିଏ ନିଷ୍ଠୁର ସତ୍ୟ ହେଉଛି ଯେ, କିଛି ମହିଳା ଅନ୍ୟକୁ ବଦନାମ କରିବା ପାଇଁ ଯା' ତା' ନାମରେ ମିଛ କହି ଘର ଭାଙ୍ଗନ୍ତି। ଅର୍ଥାତ୍ ଏହି ମହିଳାମାନେ ନିଜ ମନରେ ମନ୍ଦ ଭାବନା ରଖି ଏପରି ମିଛ କହିଥା'ନ୍ତି ନିଜ ସ୍ୱାର୍ଥ ହାସଲ କରିବା ନିମନ୍ତେ। ଆମ ଶାସ୍ତ୍ର ପୁରାଣ ଏପରି ମିଛକୁ ମହାପାପ ବୋଲି କହେ। ଏପରି ମିଛ କହୁଥିବା ମହିଳାମାନଙ୍କୁ ଆମେ ସାଧାରଣ ଲୋକେ କହୁ 'ଘରଭାଙ୍ଗି'। ତେବେ 'ଘରକରଣା'ରେ କୁହାଯାଉଥିବା ମିଛଗୁଡ଼ିକ କେବଳ ଅନ୍ୟକୁ ନିର୍ମଳ ଆନନ୍ଦ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। ସେଥିରେ କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥାଏ। 'ଘରକରଣା' ଜାଣିଲେ ହିଁ ଜଣେ ଭଲ ଘରଣୀ ସାଜେ। ନିର୍ମଳ ଆନନ୍ଦ ଦେଉଥିବା ଏଇ ମିଛଗୁଡ଼ିକ ଛଳନା ସତମାନଙ୍କଠାରୁ ଢେର୍ ଭଲ। ଧର୍ମପତ୍ନୀ ଯଦି ଏତେଗୁଡ଼ିଏ ମିଛ କହି ଆପଣଙ୍କ ଘର, ପିଲାଛୁଆ, ସମ୍ପର୍କୀୟ ଓ ଆପଣଙ୍କ ସମ୍ମାନକୁ ସମ୍ଭାଳିଛନ୍ତି, ସ୍ତ୍ରୀଟିକୁ ଥରେ ଅଧେ ଯଦି ମିଛରେ 'ତମେ ଭାରି ସୁନ୍ଦର୍', 'ତମ ହାତରନ୍ଧା ଖୁବ୍ ସ୍ୱାଦିଷ୍ଟ' ବୋଲି ଆପଣ କୁହନ୍ତି, ତେବେ କେଉଁ ବେଦ ଅଶୁଦ୍ଧ ହୋଇଯିବ?

ଶୁଣନ୍ତୁ, ଚମତ୍କାର କଥା ଟିଏ। ଥିଲେ ଜଣେ ସାଧୁ। ସେ ନିଜ ସତ କହିବା ଗୁଣ ଯୋଗୁଁ ଥିଲେ ବିଶେଷ ଭାବେ ପ୍ରସିଦ୍ଧ। କୌଣସି ପରିସ୍ଥିତିରେ ବି ସେ ମିଛ କୁହନ୍ତି ନାହିଁ ବୋଲି ସମସ୍ତେ ଜାଣନ୍ତି। ଦିନେ ଭୋର୍ ସମୟରେ ସେ ଧ୍ୟାନରେ ବସିବାକୁ ଯାଉଛନ୍ତି, ହଠାତ୍ ତାଙ୍କ କୁଡ଼ିଆ ଭିତରକୁ ପଶି ଆସିଲା ଚୋରଟିଏ। କହିଲା, 'ବାବା ମୁଁ ଜଣେ ଚୋର। କାଲି ଚୋରି କରିବା ପାଇଁ ରାଜଉଆସରେ ପଶିଥିଲି। ରାଜାଙ୍କ ସିପାହୀମାନେ ଜାଣିପାରି ମତେ ଗୋଡ଼େଇଛନ୍ତି। ମୋତେ ରକ୍ଷା କରନ୍ତୁ।' ଏହା ଶୁଣି ସାଧୁ ତା'କୁ ଆଶ୍ରମରେ ନିର୍ଭୟରେ ଆଶ୍ରୟ ନେବାକୁ ଅନୁମତି ପ୍ରଦାନ କଲେ। ଆଉ ନିଜ ଦୈନନ୍ଦିନ ପୂଜା ପାଠରେ ଲାଗି ପଡ଼ିଲେ। ଏତିକି ବେଳେ ଆସି ପହଞ୍ଚି ଗଲେ ସିପାହୀମାନେ। ପଚାରିଲେ, 'ବାବା, ଏଠିକି ଚୋରଟିଏ ଆସିଛି କି? ତତକ୍ଷଣାତ ସାଧୁ କହିଲେ, 'ନା ବାବା! ଏ ଆଶ୍ରମ ହେଉଛି ଗୃହତ୍ୟାଗୀ ସନ୍ନ୍ୟାସୀର। ଏଠି ଚୋରଟିଏର ବା କି କାମ?' ସମସ୍ତେ ଜାଣିଥିଲେ ସନ୍ନ୍ୟାସୀ ମିଛ କହନ୍ତି ନାହିଁ। ବାସ୍ ସିପାହୀମାନେ ଚାଲିଗଲେ। ଲୁଚିଥିବା ସ୍ଥାନରୁ ଚୋରଟି ବାହାରି ଆସିଲା। ସାଧୁଙ୍କ ପାଦ ଧରି କାନ୍ଦି କାନ୍ଦି କହିଲା, 'ମହାତ୍ମା ଆଜି ଆପଣ ଏ ଅଧମ ପାଇଁ ମିଛ କହିବାକୁ ବାଧ ହେଲେ।' ସାଧୁ ଲୋକଟିକୁ ଉଠାଇ କହିଲେ, 'ନା ପୁତ୍ର, ମୁଁ ମିଛ କହିନାହିଁ, ସତ କହିଚି। ତୁମ ଭିତରେ ଥିବା ଚୋରଟିର କିଛି ସମୟ ପୂର୍ବରୁ ମୃତ୍ୟୁ ଘଟିଛି।' କିଛିକ୍ଷଣ ମଧ୍ୟରେ ଲୋକଟି ମନରେ ହେଲା ବିରାଟ ପରିବର୍ତ୍ତନ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

କମୁଛି ଅଲିଭ୍ ରିଡ୍‌ଲେଙ୍କ କୃତ୍ରିମ ପ୍ରଜନନ

# ୭୦ % ଛୁଇଁପାରୁନି ଅଣ୍ଡାରୁ ଛୁଆ ଫୁଟିବା

ପୁରୀ, ୨୪।୧୨ (ହେମନ୍ତ ନାୟକ):

ଅଲିଭରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ଏବଂ ପ୍ରଜନନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି` ଏଥିପାଇଁ ସମୁଦ୍ରରେ ମାଛଧରା ଉପରେ ୬ମାସ କଟକଣା ଲଗାଯାଉଛି। ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା, ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ବ୍ୟାପକ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ଏହା ସତ୍ତ୍ୱେ ପୁରୀ ବନଖଣ୍ଡରେ ଅଣ୍ଡାରୁ ଛୁଆ ଫୁଟିବା ହାର ଅତ୍ୟନ୍ତ ନୈରାଜ୍ୟଜନକ ରହୁଛି। ପ୍ରତିବର୍ଷ ଅଣ୍ଡାରୁ କିପରି ଅଧିକ ସଂଖ୍ୟକ ଛୁଆ ଫୁଟିବ, ସେଥିଲାଗି ସ୍ୱେଚ୍ଛାସେବୀ ଏବଂ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ହେଲେ ଏହି ପ୍ରଶିକ୍ଷଣର ଫଳାଫଳ କିନ୍ତୁ ବାସ୍ତବରେ ପ୍ରତିଫଳିତ ହେଉନାହିଁ। ଗତ ୪ ବର୍ଷର ତଥ୍ୟ ଦେଖିଲେ, ପୁରୀ ବନଖଣ୍ଡ ଅଞ୍ଚଳରେ ଅଲିଭରିଡ୍‌ଲେଙ୍କ କୃତ୍ରିମ ପ୍ରଜନନ ୭୦ ପ୍ରତିଶତ ଛୁଇଁପାରୁନି।

ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ୨୦୧୯-୨୦ରେ ୪୮, ୬୪୬ଟି ଅଣ୍ଡା ସଂଗ୍ରହ କରାଯାଇ ହାଚେରିରେ ରଖାଯାଇଥିଲା। ସେଥିମଧ୍ୟରୁ ମାତ୍ର ୧୮, ୯୫୩ଟି ଛୁଆ ଫୁଟିଥିଲେ। ଅର୍ଥାତ୍ ଅଣ୍ଡାରୁ ଛୁଆ ଫୁଟିବା ହାର ରହିଥିଲା ମାତ୍ର ୩୭ ପ୍ରତିଶତ। ୨୦୨୦-୨୧ରେ ୮୫, ୬୨୬ ଅଣ୍ଡା ସଂଗ୍ରହ କରାଯାଇ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ସେଥିମଧ୍ୟରୁ ୫୯, ୪୭୭ଟି ଛୁଆ ଫୁଟିଥିଲେ।



ଫଳପ୍ରଦ ହେଉନି ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ

ଅର୍ଥାତ୍ ଅଣ୍ଡାରୁ ଛୁଆ ଫୁଟିବା ହାର ଥିଲା ୬୯ ପ୍ରତିଶତ। ୨୦୨୧-୨୨ରେ ୧, ୦୯, ୭୭୧ ଅଣ୍ଡା ସଂଗ୍ରହ କରାଯାଇ ହାଚେରିରେ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୭୦, ୪୯୬ ଛୁଆ ଫୁଟିଥିଲେ। ଅଣ୍ଡାରୁ ଛୁଆ ଫୁଟିବା ହାର ରହିଥିଲା ୬୪ପ୍ରତିଶତ। ତେବେ ଗତବର୍ଷ ତୁଳନାରେ ୨୦୨୨-୨୩ରେ ଅଣ୍ଡାଦାନ ସଂଖ୍ୟା ହ୍ରାସ ପାଇଥିଲା। ଅର୍ଥାତ୍ ଏଥର ୯୯, ୪୫୬ ଅଣ୍ଡା ସଂଗ୍ରହ କରାଯାଇ ହାଚେରିରେ ରଖାଯାଇଥିଲା। ସେଥିରୁ ୬୮, ୨୮୩ଟି ଛୁଆ ଫୁଟିଛନ୍ତି। ଛୁଆ ଫୁଟିବା ହାର ୬୮ ପ୍ରତିଶତ ରହିଛି। ଅର୍ଥାତ୍ ଗତ ୪ବର୍ଷରେ ଅଣ୍ଡାରୁ ଛୁଆ ଫୁଟିବା ହାର ୭୦ପ୍ରତିଶତ ଛୁଇଁପାରୁନି। ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ସ୍ୱେଚ୍ଛାସେବୀ ଏବଂ ବନ କର୍ମଚାରୀଙ୍କୁ ତାଲିମ୍ ଦିଆଯାଉଥିଲେ ହେଁ ଏହାର କାର୍ଯ୍ୟକାରିତା ଛୁଆ ଫୁଟିବାରେ ପ୍ରତିଫଳିତ ହେଉନାହିଁ।

ସୂଚନାଯୋଗ୍ୟ, ପ୍ରତିବର୍ଷ ନଭେମ୍ବରରୁ ବହୁସଂଖ୍ୟାରେ ଅଲିଭରିଡ୍‌ଲେ ଓଡ଼ିଶା ଉପକୂଳମୁହାଁ ହୋଇଥା'ନ୍ତି। କୂଳରୁ ୫ରୁ ୧୦କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କର ଅନ୍ୟତମ ପସନ୍ଦର ସ୍ଥାନ। ଡିସେମ୍ବରରେ ବହୁସଂଖ୍ୟାରେ ଅଲିଭ୍‌ରିଡଲେ ପୁରୀ ଉପକୂଳ ବିଶେଷକରି ଦେବୀମୁହାଣ ଇଲାକାକୁ ଆସିଥା'ନ୍ତି। କୋଣାର୍କଠାରୁ ଦେବୀନାସୀ ବେଳାଭୂମି ଅଞ୍ଚଳରେ ଏମାନେ ଅଧିକ ସଂଖ୍ୟାରେ ଅଣ୍ଡା ଦେଇଥା'ନ୍ତି।

ଗହୀରମଥା ଓ ଋଷିକୁଲ୍ୟା ମୁହାଣ ସଂଲଗ୍ନ ବେଳାଭୂମିରେ ଅଲିଭରିଡ୍‌ଲେ ସାମୂହିକ ଭାବେ ଅଣ୍ଡା ଦେଉଥିବା ବେଳେ ପୁରୀ ଜିଲ୍ଲା ଉପକୂଳ ବେଳାଭୂମିରେ ଏମାନେ ସ୍ଥାନେସ୍ଥାନେ ଅଣ୍ଡା ଦେଇଥା'ନ୍ତି। ଜାନୁଆରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇଥା'ନ୍ତି। ଅନ୍ଧାର ରାତିରେ ମାଈ ଅଲିଭରିଡ୍‌ଲେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। ପ୍ରାୟ ଦେଢ଼ଫୁଟ୍‌ର ଗାତ ଖୋଳି ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି। ଅଣ୍ଡା ଦେଲା ପରେ ତାହାକୁ ଘୋଡ଼ାଇ ଦେଇ ସମୁଦ୍ରକୁ ଫେରିଯାଆନ୍ତି। ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ପୁରୀ ଜିଲ୍ଲା ଉପକୂଳରେ ଅଲିଭରିଡ୍‌ଲେ ବେଳାଭୂମିର ସ୍ଥାନେସ୍ଥାନେ ଅଣ୍ଡା ଦେଉଥିବାରୁ ବନ ବିଭାଗ ପକ୍ଷରୁ କୃତ୍ରିମ ହାଚେରି (ଅସ୍ଥାୟୀ ପ୍ରଜନନ କେନ୍ଦ୍ର) କରାଯାଏ। କାରଣ ମାଈ କଇଁଛ ଅଣ୍ଡା ଦେଇ ସମୁଦ୍ରକୁ ପଳାଇବା ପରେ କୁକୁର, ବିଲୁଆ, ବାର୍‌ହା, ହେଟା ପ୍ରଭୃତି ଜୀବମାନେ ବାଲି ଖୋଳି ଅଣ୍ଡାଗୁଡ଼ିକୁ ଖାଇ ଦେଇଥା'ନ୍ତି। ତେଣୁ ଅଣ୍ଡାର ସୁରକ୍ଷା ପାଇଁ ହାଚେରି କରାଯାଇଥାଏ। ପ୍ରତ୍ୟହ ଅଣ୍ଡାଗୁଡ଼ିକୁ ବସା (କଇଁଛ ଅଣ୍ଡା ଦେଉଥିବା ସ୍ଥାନ)ରୁ ସଂଗ୍ରହ କରି ବନ ବିଭାଗ କର୍ମଚାରୀମାନେ ଆଣି ହାଚେରିରେ ରଖିଥାନ୍ତି। ଛୁଆ ଫୁଟିବା ପରେ ସେଗୁଡ଼ିକୁ ସମୁଦ୍ରକୁ ଛଡ଼ା ଯାଇଥାଏ। ଏଥର କୋଣାର୍କ ରେଞ୍ଜ୍‌ର ଚନ୍ଦ୍ରଭାଗା, ରାମଚଣ୍ଡୀ, କଅଁରପୁର, ଦଶଧାଡ଼ିଆ, ଅସ୍ତରଙ୍ଗ ରେଞ୍ଜର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗଙ୍ଗାଦେବୀ, ଆଇସିଲ୍ୟାଣ୍ଡ, ବାଲୁଖଣ୍ଡର ନୂଆନଇ ଓ ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ବାଲିହରଚଣ୍ଡୀ ଓ ଚାପମାଣିକଠାରେ ବନ ବିଭାଗ ପକ୍ଷରୁ ହାଚେରି ନିର୍ମାଣ କରାଯାଇଛି। କିନ୍ତୁ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ଅଲିଭ୍‌ରିଡ୍‌ଲେଙ୍କ କୃତ୍ରିମ ପ୍ରଜନନ ବେଶି ଫଳପ୍ରଦ ହୋଇପାରୁନି।

■ ପିକ୍‌ନିକ ବସ୍ ଓଭରଟେକକୁ ନେଇ ଗଣ୍ଡଗୋଳ

# ବସ୍ ଭଙ୍ଗାରୁଜା; ୬ ଆହତ

ବାରିପଦା, ୨୪।୧୨(ସମିସ): ବାରିପଦା ସହର ସନ୍ନିକଟ ଲଲୁଙ୍ଗକୁ ବଣଭୋଜି କରିବାକୁ ଆସିଥିବା ପିକନିକ ବସ ଓଭରଟେକ ସମୟରେ ସାଇଡ଼ ମାରିବାକୁ ନେଇ ତୁମୁଳକାଣ୍ଡ ଘଟିଛି। ସ୍ଥାନୀୟ ଲୋକଙ୍କ ସମେତ ଗଣ୍ଡଗୋଳରେ ଜଣେ ଗୁରୁତର ହେବା ସହ ୬ଜଣ ଆହତ ହୋଇଛନ୍ତି। ଗୁରୁତର ଜଣକ ବାଲେଶ୍ୱର ଜିଲ୍ଲାର ପ୍ରଦୀପ ପ୍ରଧାନ ବୋଲି ଜଣାପଡିଛି। ଗୁରୁତରଙ୍କୁ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱରର ଆଜିମାବାଦ ଅଞ୍ଚଳ ସ୍ଥିତ ଏକ ଶିକ୍ଷାନୁଷ୍ଠାନର ୪୨ଜଣ ଛାତ୍ର ବଣଭୋଜି କରିବା ନିମନ୍ତେ ରବିବାର ଲୁଲୁଙ୍ଗ ଆସିଥିଲେ। ପିକନିକ ସାରି ଫେରୁଥିବା ସମୟରେ ଧନପୁର ଛକ ନିକଟରେ ଅଟୋ ଓ ବାଇକ ଯୋଗ କିଛି ବ୍ୟକ୍ତି ଯାଉଥିବା ବେଳେ ବସ ଓଭରଟେକ କରିଥିଲା। ଏହି ସମୟରେ ସାଇଡ଼ ମାରିବାକୁ ନେଇ ସ୍ଥାନୀୟ ଲୋକଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ବସ ଭିତରେ ଜଣେ ସ୍ଥାନୀୟ ଲୋକ ରହିଯାଇଥିବା ବସଟି ପଳାଇ ଆସିଥିଲା; ଯାହାକୁ ନେଇ ସ୍ଥାନୀୟ ଲୋକେ ବସକୁ ପିଛା କରି ବାରିପଦା ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧା ନିକଟରେ ବସକୁ ଅଟକାଇ



ମାରଣାସ୍ତ୍ର ଧରି ଗଣ୍ଡଗୋଳ କରିଥିବା ବସ ଚାଳକ କହିଛନ୍ତି। ବସର କାଚ ଭଙ୍ଗାରୁଜା କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଣ୍ଡଗୋଳକୁ ନିୟନ୍ତ୍ରଣ କରି ବସକୁ ଜବତ କରି ଥାନାକୁ ଆଣିଛି। ସଦର ଥାନାରେ ସମସ୍ତଙ୍କୁ ଅଟକ ରଖି ପୁଲିସ ପଚରା ଉଚୁରା ଜାରି ରଖିଛି।

■ ବେଳାଭୂମିରେ ନିଆରା ବାଲୁକା କଳା

# ୨ ଟନ୍ ପିଆଜରେ ୧୦୦ ଫୁଟର ସାଣ୍ଟା କ୍ଲଜ୍

ପୁରୀ,୨୪।୧୨(ସମିସ): ସୋମବାର ବଡଦିନ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ବ୍ଲୁ ଫ୍ଲାଗ ବିଚ୍‌ରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ବିଶାଳ ସାଣ୍ଟା କ୍ଲଜ। ସ୍ୱତନ୍ତ୍ରତା ହେଉଛି ଏହାକୁ ସେ ପିଆଜରେ କରି ବିଶ୍ୱବାସୀଙ୍କୁ ବଡ଼ଦିନର ଅଭିନନ୍ଦନ ଜଣାଇଛନ୍ତି। ତେବେ ଏହି କଳାକୃତିରେ ସୁଦର୍ଶନ ସାଣ୍ଟାକ୍ଲଜର ଶୟନ ମୁଦ୍ରା ନିର୍ମାଣ କରିଛନ୍ତି। ଏଥିରେ ୨ ଟନ୍ ପିଆଜ ବ୍ୟବହାର ହୋଇଥିବା ବେଳେ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଇଛି। 'ଗିଫ୍ଟ ଏ ପ୍ଲାଣ୍ଟ, ଗ୍ରୀନ ଦ ଆର୍ଥ' ଉଲ୍ଲେଖ କରି ସଭିଙ୍କୁ ବଡ଼ ଦିନରେ ଏବଂ ନୂତନ ବର୍ଷ

**ପୁଣି ଏକ ରେକର୍ଡର ଅଧିକାରୀ ହେଲେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ**

ଆଗମନରେ ବୃକ୍ଷ ଉପହାର ଦେବାକୁ ବାର୍ତ୍ତା ଦେଇଛନ୍ତି ସୁଦର୍ଶନ। ପିଆଜରେ ସାନ୍ତା କ୍ଲଜ ପ୍ରସ୍ତୁତ ହୋଇଥିବା ବେଳେ ମେରୀ ଖ୍ରୀଷ୍ଟମାସ ଲେଖାଯାଇଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ବାଲୁକା କଳାକୁ ଦେଖି ଖୁସି ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନିଆରା ବାଲୁକା କଳା ପାଇଁ ୱାର୍ଲଡ ରେକର୍ଡସ ବୁକ ଅଫ୍ ଇଣ୍ଡିଆ ରେକର୍ଡ ହାସଲ କରିଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ୧୦୦ଫୁଟ ଲମ୍ବ, ୨୪ଫୁଟ ଉଚ୍ଚ ଏବଂ ୪୨ ଫୁଟ ଚଉଡା ବିଶିଷ୍ଟ ଏହି ବିରାଟ ସାନ୍ତା କ୍ଲଜ ନିର୍ମାଣ କରି ରେକର୍ଡ କରିଛନ୍ତି ସୁଦର୍ଶନ। ୱାର୍ଲ୍ଡ ରେକର୍ଡସ ବୁକ ଅଫ୍ ଇଣ୍ଡିଆର ମୁଖ୍ୟ ସମ୍ପାଦକ ଏହି ବାଲୁକା କଳାକୁ ଦେଖିବା ସହ ସୁଦର୍ଶନଙ୍କୁ ମେଡାଲ ଏବଂ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।





SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112



ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-351-E, ତା.18.12.2023ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ ଅଧୀନସ୍ଥ କି.ମି. 1/0-1 [ ସମ୍ବଲପୁର (SBP) - ତାଳଚେର ରୋଡ଼ (TLHD) ], କି.ମି.561/5-6 (ହାଓଡ଼ା-ତିଟିଲାଗଡ଼) ସ୍ଥିତ ରେଳବାଇ ଟ୍ରାକ୍ ପାର୍ଶ୍ୱରେ 33KV & 11KV ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗର ରୂପାନ୍ତରଣ ଏବଂ 33KV ପୁଟିବନ୍ଧ ଫିଡରରେ ଟାଙ୍ଗରପାଲି ରେଳବାଇ କ୍ରସିଙ୍ଗ ନିକଟରେ ପ୍ରଚଳିତ 33KV ଭୂତଳ କେବୁଲର ସ୍ଥାନାନ୍ତରଣ, ଜରପଡ଼ାଠାରେ କି.ମି.132/4-5 ଠାରେ ଭୂତଳ 33KV ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗର ରୂପାନ୍ତରଣ କାରଣରୁ 4 ଖଣ୍ଡ ଷ୍ଟ୍ରକ୍ଚର ସହିତ 33KV ଲାଇନ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 125.73 ଲକ୍ଷ, EMD (₹) : 2,12,900/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.01.2024 ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଯଥାର୍ଥ ଆକାଉଣ୍ଟେଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I), ଭୁବନେଶ୍ୱର

PR-105/CG/23-24


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପୂର୍ଣ୍ଣିମାରୁ ଦେବନିମନ୍ତ୍ରଣ...

ମହାପ୍ରଭୁଙ୍କୁ ପ୍ରଦାନ କରିବେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରିକ୍ରମା କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ନିମନ୍ତ୍ରଣ କରି ନିଜ ଗନ୍ତବ୍ୟସ୍ଥଳ ଉଦ୍ଦେଶ୍ୟରେ ଯାତ୍ରା କରିବେ।

ରାଜ୍ୟମଧ୍ୟରେ ବିଭିନ୍ନ ଜିଲ୍ଲାର ଧାର୍ମିକ ପୀଠ ଓ ଶ୍ରୀଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ ପାଇଁ ଗଠିତ ୧୩ଟି ଟିମ୍‌କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଟିମ୍‌ଟି ଚିଲିକା, ଖଲିକୋଟ, କୋଦଳା ଅଞ୍ଚଳକୁ ଯାତ୍ରା କରିବ । ୨ୟ ଟିମ୍ ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା, ୩ୟ ଟିମ୍ ଭୁବନେଶ୍ୱର, କଟକ, ଯାଜପୁର, ଭଦ୍ରକ, ୪ର୍ଥ ଦଳ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ୫ମ ଦଳ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ୬ଷ୍ଠ ଦଳ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ୭ମ ଦଳ କନ୍ଧମାଳ, ବୌଦ୍ଧ, ସୋନପୁର, ୮ମ ଦଳ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ୯ମ ଦଳ ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ୧୦ମ ଦଳ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ୧୧ତମ ଟିମ୍ ଗଞ୍ଜାମ, ଗଜପତି, ରାୟଗଡ଼ା, ଦ୍ୱାଦଶ ଟିମ୍ ଦାରୁକ୍ଷେତ୍ର ପୁରୀ,କାକଟପୁର, ଖୋର୍ଦ୍ଧା, ଜଗତସିଂହପୁର, ସାଲେପୁର ଓ ୧୩ତମ ଟିମ୍ ଦାରୁକ୍ଷେତ୍ର ଦଧିମାଛଗଡ଼ିଆ, ଅସ୍ତରଙ୍ଗ, ନିଆରି, ରାୟଚକ୍ରଧରପୁର ଓ ଢେଲାଙ୍ଗରେ ବିଭିନ୍ନ ଦେବାଦେବୀ ପୀଠ, ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ କରିବାକୁ ଯିବେ।

ଅନୁରୂପ ଭାବରେ ରାଜ୍ୟ ବାହାରେ ନୂଆଦିଲ୍ଲୀର ହଜଖାସ ଶ୍ରୀଜଗନ୍ନାଥ ମନ୍ଦିର, ମଥୁରା, ବୃନ୍ଦାବନ, ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିର, ଜଗନ୍ନାଥ ମନ୍ଦିର, ଭୀମାଶଙ୍କର ଜ୍ୟୋର୍ତିଲିଙ୍ଗ, ତ୍ରୟମ୍ବକେଶ୍ୱର ଜ୍ୟୋର୍ତିଲିଙ୍ଗ, ଘୃଣେଶ୍ୱର ଜ୍ୟୋତିର୍ଲିଙ୍ଗ, ତିରୁପତି ବାଲାଜୀ, ପଦ୍ମାବତୀ ମନ୍ଦିର, ତିରୁପତି ବିଶ୍ୱବିଦ୍ୟାଳୟ ଜଗନ୍ନାଥ ମନ୍ଦିର, କାଞ୍ଚିପୁରମ୍ କାମାକ୍ଷୀ ଦେବୀ ମନ୍ଦିର, ରାମେଶ୍ୱରମ୍, ମଦୁରାଇ ମିନାକ୍ଷୀ ମନ୍ଦିର, ଚେନ୍ନାଇ ଜଗନ୍ନାଥ ମନ୍ଦିର, ବଦ୍ରନାଥ, କେଦାରନାଥ, ଯୋଶୀମଠ, ଉତ୍ତରକାଶୀ ଜଗନ୍ନାଥ ମନ୍ଦିର, ଦ୍ୱାରକାରେ ଦ୍ୱାରକାଧୀଶ, କେଦାରନାଥ, ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ, ସୁରତ୍ ଓ ଜମାଲପୁର ଜଗନ୍ନାଥ ମନ୍ଦିର, କାଶୀ ବିଶ୍ୱନାଥ, ଅଯୋଧ୍ୟା ମନ୍ଦିର, ଚିତ୍ରକୂଟ, ବୈଷ୍ଣୋଦେବୀ, ଅମରନାଥ ମନ୍ଦିର, ରଘୁନାଥ ମନ୍ଦିର, ନେପାଳର ପଶୁପତିନାଥ, ଶକ୍ତିପୀଠ, ସିଂହାଚଳମ୍, ପଦ୍ମନାଭ ସ୍ୱାମୀ ମନ୍ଦିର, ସାବରୀମାଳା, ଗୁରୁନାରାୟଣ, ମହାକାଳେଶ୍ୱର, ଓଁକାରେଶ୍ୱର, ବଡ଼ଧାମ, କାଳିଘାଟ, ଦକ୍ଷିଣେଶ୍ୱର କାଳୀପୀଠ, ତାରାପୀଠ, ଚାମୁଣ୍ଡେଶ୍ୱରୀ ମନ୍ଦିର ସହ ଦେଶର ପ୍ରମୁଖ ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ ପାଇଁ ୧୭ଟି ଟିମ୍ ବିଭିନ୍ନ ଅଧିକାରୀ ଓ ସେବାୟତଙ୍କୁ ନେଇ ଗଠିତ ହୋଇଥିବା ସୂଚନା ମିଳିଛି ।

ଦିନକ ତଳେ ଶ୍ରୀମନ୍ଦିର ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ପରିଚାଳନା କମିଟିର ସଦସ୍ୟ ଅଶୋକ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, ମାଧବ ମହାପାତ୍ର, ଜଗନ୍ନାଥ କର ପ୍ରମୁଖ ଉଜ୍ଜୟିନୀରେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ପ୍ରକଳ୍ପର ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ନିମନ୍ତେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି।

### ଜାନୁଆରୀ ୧୫ ସୁଦ୍ଧା...

ହେବ। ଆସନ୍ତା ଜାନୁଆରୀ ମାସର ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଶ୍ୱବିଦ୍ୟାଳୟଟିକୁ ଉଦ୍‌ଘାଟନ କରିବେ ଶ୍ରୀ ପାଣ୍ଡିଆନ ସୂଚନା ଦେଇଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ସଚିବ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଧର୍ମେନ୍ଦ୍ରଙ୍କ ପାରିବାପଣିଆ...

ସମ୍ମିଳନୀରେ ଦଳର ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାକୁ ଉପକୂଳ ଓଡ଼ିଶା ସହ ସଂଯୋଗ କରୁଥିବା କଟକ-ସମ୍ବଲପୁର ଏନ୍‌ଏଚ୍-୫୫କୁ ଓଡ଼ିଶାର ଜୀବନ ରେଖା ବୋଲି କୁହାଯାଏ। ପ୍ରାୟ ଦେଢ଼ କୋଟି ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି; କିନ୍ତୁ ଏହି ଜୀବନ ରେଖା ଏବେ ପ୍ରତିଦିନ ରକ୍ତସ୍ନାନ କରୁଛି । ରାଜପଥ ପ୍ରତିଦିନ ମୁଣ୍ଡବଳି ନେଉଛି। ରାସ୍ତାରେ ପଡି ଲୋକଙ୍କ ଜୀବନ ଯାଉଛି, ଅନେକ ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇଯାଉଛନ୍ତି। ହଜାର ହଜାର ଲୋକଙ୍କ ପରିବାର ଉଜୁଡ଼ି ଯାଉଛି। ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏସବୁ କିଛି ଦେଖାଯାଉ ନାହିଁ। ତାଙ୍କ ନିଜ ଜିଲ୍ଲା ଅନୁଗୁଳ ଦେଇ ଯାଇଥିବା ଏହି ଜାତୀୟ ରାଜପଥ ଦେଶର ସବୁଠାରୁ ବିପଦଜ୍ଜନକ ରାସ୍ତାରେ ପରିଣତ ହୋଇଥିଲେ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ରହସ୍ୟମୟ ନିରବତା ସମସ୍ତଙ୍କୁ ଚକିତ କରିଛି ।

ଏହି ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ହଜାର ହଜାର ଛାତ୍ରଛାତ୍ରୀ ଏହି ବାଟ ଦେଇ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ୧୫/୨୦ ମିନିଟ୍ ରାସ୍ତା ଅତିକ୍ରମ କରିବା ଲାଗି ଘଣ୍ଟା ଘଣ୍ଟା ସମୟ ଲାଗୁଛି। ଏନ୍‌ଏଚ୍-୫୫ ଦେଇ ରୋଗୀଙ୍କୁ ନେଇ କଟକ ଏସ୍‌ସିବି, ଭୁବନେଶ୍ୱର ସ୍ଥିତ ଏମ୍ସ ସମେତ ବିଭିନ୍ନ ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ରାସ୍ତା ଖରାପ ପାଇଁ ଅତ୍ୟନ୍ତ ମନ୍ଥର ଗତିରେ ଯାଉଛି ଅବା ଭିଡ଼ ଭିତରେ ଫସି ଯାଉଛି। ଅନେକ ସମୟରେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଆମ୍ବୁଲାନ୍ସରେ ହିଁ ରୋଗୀର ପ୍ରାଣବାୟୁ ଉଡିଯାଉଛି। ପ୍ରତିଦିନ ହାରାହାରି ୨ଟି ମୁଣ୍ଡ ଗଡୁଥିବା ବେଳେ ୧୦/୧୫ ଜଣ ଆହତ ହେଉଛନ୍ତି। ଏତେ ସବୁ ଘଟଣା ଘଟିବା ପରେ ମଧ୍ୟ ଧର୍ମେନ୍ଦ୍ର ପ୍ରଧାନ ନିରବଦ୍ରଷ୍ଟା ସାଜିଛନ୍ତି ଆଉ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ନିଦାବିଷ୍ଟୁ ପରି ବସିଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷା ଛତାତଳେ ମୋଟା ଚମଡ଼ା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଭୃକ୍ଷେପ କରୁନାହାନ୍ତି । ନିକଟରେ ଅନୁଗୁଳ ଜିଲ୍ଲାରେ ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦେଖା ମିଳିନଥିଲା। ଜିଲ୍ଲାପାଳଙ୍କ ଅନୁରୋଧ ସତ୍ତ୍ୱେ ବୈଠକରେ ଯୋଗଦେବାକୁ ସେମାନେ ଜରୁରୀ ମଣୁନାହାନ୍ତି। ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଏନ୍‌ଏଚ୍-୫୫କୁ ଅବସ୍ଥା ସୁଧାରିବା ପାଇଁ କୌଣସି ଆନ୍ତରିକତା ପ୍ରକାଶ ନ ପାଇବା ଜନତାଙ୍କ ମଧ୍ୟରେ ଆକ୍ରୋଶ ଭରି ଦେଇଛି। ୧୫ ଦିନ ଭିତରେ ଏନ୍‌ଏଚ୍ ମରାମତି କାମ ଶେଷ ନ ହେଲେ ଏନ୍‌ଏଚ୍‌ଏଆଇ ବିରୋଧରେ ମାମଲା ରୁଜୁ ହେବ ବୋଲି ସଡ଼କ ସୁରକ୍ଷା କମିଟିରେ ଚେତାବନୀ ଦିଆଯିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନାହିଁ ବୋଲି ଶ୍ରୀ ଦାସ କହିଛନ୍ତି ।

ଅନ୍ୟପକ୍ଷରେ ବିଜେଡିର ମିଡିଆ ପେନାଲିଷ୍ଟ ସୋଫିଆ ଆଲାମ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଅପାରଗତାକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାରରେ ଏତେ ଦିନ ଧରି ମନ୍ତ୍ରୀ ଥାଇ ସୁଦ୍ଧା ଶ୍ରୀ ପ୍ରଧାନଙ୍କୁ ନିଜ ଅଞ୍ଚଳର ଲୋକଙ୍କ ଦୁଃଖ ଦେଖାଯାଉ ନାହିଁ। ଅକାରଣରେ ଉଜୁଡ଼ି ଯାଉଥିବା ପରିବାରର ଲୁହ ସେ ଦେଖିପାରୁ ନାହାନ୍ତି। ଯଦି ପ୍ରକୃତରେ ସେ ଲୋକଙ୍କ ସମସ୍ୟା ଦୂର ପାଇଁ ଯତ୍ନବାନ ଥାଆନ୍ତେ ତା ହେଲେ ଏନ୍‌ଏଚ୍-୫୫ ମରାମତି ଲାଗି ୭ ବର୍ଷ ସମୟ ଲାଗିନଥାନ୍ତା। ଡେରିରେ ହେଲେ ବି ଶ୍ରୀ ପ୍ରଧାନ ଲକ୍ଷ ଲକ୍ଷ ଲୋକଙ୍କୁ ମରଣମୁହଁରୁ ଉଦ୍ଧାର ପାଇଁ ପଦକ୍ଷେପ ନେବେ ଓ ରାଜପଥ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆମେ ଆଶା ରଖିଛୁ ବୋଲି ସୋଫିଆ କହିଛନ୍ତି ।

# ତୃଣମୂଳ ସ୍ତରରେ ସେବା ଯୋଗାଇବ 'ହେଲ୍‌ଥ ଓ ୱେଲ୍‌ନେସ୍ ସେଣ୍ଟର୍'

ଭୁବନେଶ୍ୱର, ୨୪।୧୨(ସମିସ): ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିବ ଗୁଣାତ୍ମକ ସ୍ୱାସ୍ଥ୍ୟସେବା। ଘର ପାଖରେ ଥିବା ଛୋଟ ଡାକ୍ତରଖାନାରେ ରୋଗୀଙ୍କୁ ବିଭିନ୍ନପ୍ରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ରାଜ୍ୟରେ ଥିବା ସବ୍-ସେଣ୍ଟର୍ ଏବଂ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସବ୍-ସେଣ୍ଟରଗୁଡ଼ିକରେ ହେଲଥ୍ ଆଣ୍ଡ ୱେଲନେସ୍ ସେଣ୍ଟର୍ ଖୋଲାଯାଇଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ)ମାନଙ୍କ ପାଇଁ ସଂଶୋଧିତ ମାର୍ଗଦର୍ଶିକା ଜାରି କରାଯାଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସବ୍-ସେଣ୍ଟର୍‌ସ୍ତରରେ ହେଲଥ୍ ଆଣ୍ଡ ୱେଲନେସ୍ ସେଣ୍ଟର (ଏଚ୍‌ଡବ୍ଲୁସି) ଖୋଲାଯାଇ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ଏଥିପାଇଁ ମଧ୍ୟସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କର୍ମୀ ଅବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ସିଏଚ୍‌ଓ), ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା ଓ ପୁରୁଷ), ଆଶାକର୍ମୀଙ୍କୁ ବିସ୍ତୃତ ପ୍ରାଥମିକ ସ୍ୱାସ୍ଥ୍ୟସେବା (ସିପିଏଚ୍‌ସି) ପ୍ରଦାନ ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ମୁଖ୍ୟତଃ ରୋଗୀଙ୍କୁ ପ୍ରତିଷେଧକ, କଷ୍ଟ ଉପଶମ, ପ୍ରୋତ୍ସାହନ, କ୍ୟୁରେଟିଭ୍ ଆଦି ସେବା ପ୍ରଦାନ କରିବେ। ଏସ୍‌ସି-ଏଚ୍‌ଡବ୍ଲୁସିଗୁଡ଼ିକ ମୁଖ୍ୟତଃ କ୍ଷେତ୍ରସ୍ତରୀୟ ଡାକ୍ତରଖାନା ଭାବେ ପରିଗଣିତ ହେବ। ଏହି କେନ୍ଦ୍ରଗୁଡ଼ିକରେ ବହିର୍ବିଭାଗ ରେଗୀ ସେବା (ଓପିଡି), ରୋଗ ଅନୁସନ୍ଧାନ ଓ ପ୍ରାଥମିକ ପରିଚାଳନା, ନିଦାନ, ଔଷଧ ବିତରଣ, ଟେଲି ପରାମର୍ଶ ସେବା, ଗୁଣବତ୍ତା ସୁନିଶ୍ଚିତକାରୀ ପଦକ୍ଷେପ, ରୋଗ ସର୍ବେକ୍ଷଣ, ବିଷାକ୍ତ ମେଡିକାଲ ବର୍ଜ୍ୟ ପରିଚାଳନା, ୱେଲନେସ୍ ଦାୟିତ୍ୱ ରହିବ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ ସମନ୍ୱୟ ରକ୍ଷା ଓ କାର୍ଯ୍ୟ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ଏସ୍‌ସି-ସିଏଚ୍‌ସିଗୁଡ଼ିକ ସକାଳ ୯ରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ସକାଳ ୯ରୁ ଦିନ ୧ଟା ପର୍ଯ୍ୟନ୍ତ ଓପିଡି ସେବା ଜାରି ରହିବ। ସେଠାକୁ ଆସୁଥିବା ରୋଗୀଙ୍କ ରୋଗ ଇତିହାସ ଅନୁଶୀଳନ, ଶାରୀରିକ ପରୀକ୍ଷା କରାଯିବା ସହ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯିବ। ରୋଗୀଙ୍କ ତଥ୍ୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ରେକର୍ଡ କରାଯିବ। ଏହି କେନ୍ଦ୍ରରେ ସବୁପ୍ରକାର ଜରୁରୀ ଔଷଧ ଉପଲବ୍ଧ ହେବ। ସ୍ୱାସ୍ଥ୍ୟ କର୍ମୀମାନେ ଆବଶ୍ୟକତା ଅନୁସାରେ କ୍ଷେତ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବେ। ସ୍ୱାସ୍ଥ୍ୟକର୍ମୀମାନେ ରୋଗୀଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇବେ। ପ୍ରତି ମାସରେ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀମାନଙ୍କ ବୈଠକ ଡକାଯାଇ କ୍ଷେତ୍ରସ୍ତରୀୟ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

# ଧାନର ଏମ୍‌ଏସ୍‌ପି ବୃଦ୍ଧି ଓ ବୋନସ୍ ଦେବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୨୪।୧୨(ସମିସ): ବହୁବାର ଦାବି ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ ଓ ଏମଏସପିର ଆଇନଗତ ଗ୍ୟାରେଣ୍ଟି ମିଳିଲା ନାହିଁ। ଫଳରେ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କିଷାନ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲା ଗସ୍ତକରି ମଣ୍ଡିରେ ଚାଷୀ ଓ ପ୍ରଶାସନ ସହିତ ଆଲୋଚନା କରି ଫେରିବା ପରେ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି ଯେ ସରକାର ଚାଷୀଙ୍କ ସମସ୍ତ ବଳକା ଧାନ ନିର୍ଦ୍ଧାରିତ ସମୟ ଓ ସର୍ବନିମ୍ନ ସହାୟକ ମୂଲ୍ୟରେ ୨୦୨୩ ଖରିଫ୍ ଧାନ ସଂଗ୍ରହ କରିବା ପାଇଁ ଚାଷୀଙ୍କ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଫଳ ଓଲଟା। ଧାନ ଅମଳର ଠିକ୍ ସମୟରେ ମଣ୍ଡି ଖୋଲାଯାଉ ନାହିଁ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ୧୫ ପ୍ରତିଶତରୁ ଅଧିକ ଧାନ ଚାଷୀ ଅଣ୍ଡର ରେଟ୍‌ରେ ବିକିବା ପରେ ମଣ୍ଡି ଖୋଲା ଯାଉଛି ବୋଲି ସେ କହିଛନ୍ତି। ପରିସଂଖ୍ୟାନ ଅନୁଯାୟୀ ପ୍ରତି କିଲୋ ଧାନ ଉତ୍ପାଦନରେ ଶ୍ରମ ସହିତ ଚାଷୀକୁ ବର୍ତ୍ତମାନ ୨୭ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କିନ୍ତୁ ଚାଷୀ ଏମ.ଏସ.ପି. ପାଉଛନ୍ତି ୨୧୮୩। ଏହି ମର୍ମରେ ଚାଷୀଙ୍କୁ ପ୍ରତି କ୍ୱିଣ୍ଟାଲରେ ୫୧୭ ଟଙ୍କା କ୍ଷତି ସହିବାକୁ ପଡୁଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କିଣାରେ ପ୍ରତି କ୍ୱିଣ୍ଟାଲ ପିଛା ଚାଷୀଙ୍କୁ ଅତ୍ୟନ୍ତ ପକ୍ଷେ ୬ଶହ ଟଙ୍କା ବୋନସ୍ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ମର୍ମରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହିତ ସବିଶେଷ ଆଲୋଚନା କ୍ରମେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି।


M-92

OFFICE OF THE DISTRICT FISHERIES OFFICER,BHADRAK, ODISHA

Email -dfo.bhadrak@gmail.com

Notice No.- 9396 // Dt. 21.12.2023

Tender Call Notice for Wall Painting at GP Level

Sealed Tender is hereby invited by the District Fisheries Officer, Bhadrak from the intending bidders/ reputed firms for Wall Painting on Fisheries programmes at 218 Gram Panchayat of Bhadrak District. The Tender documents must be submitted through registered post/ Speed Post service latest by dt.04.01.2024, 5.30 PM and the Tender will be opened on dt.05.01.2024 at 11.30 PM in the Office chamber of DFO, Bhadrak. The Tender should reach in Sealed cover with superscribing with "Tender for Wall Painting under IEC schemes of District Fisheries Officer, Bhadrak." The details of Tender Call Notice is available in the Bhadrak Web Portal i.e. Bhadrak.nic.in and it can be downloaded.

Sd/- P C Nayak,DISTRICT FISHERIES OFFICER BHADRAK.

OIPR - 06059/11/0001/2324



A-1014

GOVT OF ODISHA
OFFICE OF THE SUPERINTENDING ENGINEER, MINOR IRRIGATION DIVISION, JEYPORE.
AT/PO : JEYPORE, DIST : KORAPUT.
PHONE NO : 06854-291412, e-mail- mijeypore@yahoo.co.in

e-Procurement Notice

BID IDENTIFICATION NO. MIDJEY 05/2023-24

No. 1520 Date: 11.12.2023

The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage Rate bid in Double Cover System in ONLINE MODE Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Construction of Check Dams.
2. No of works : 04 Nos.
3. Estimated cost : Approximately Rs. 63.10 to 74.90 Lakhs .
4. Period of completion : 5 (Five) calendar months.
5. Date and time of availability of bid documents in the portal : from 10.00 Hours of 28.12.2023 to 17.00 Hours of 08.01.2024.
6. Last date/ time for receipt of bids in the portal : 17.00 Hours of 08.01.2024.
7. Date of opening of Bid : 11.00 Hours on 09.01.2024.
8. The bidders have to participate in ONLINE bidding only.
9. Name of the Officer inviting Bid : Superintending Engineer , Minor Irrigation Division, Jeypore

Further details can be seen from the e-procurement portal https://tendersodisha.gov.in

Sd/- Superintending Engineer MI Division, Jeypore

OIPR - 32374/11/0005/2324

ସ୍ୱସ୍ତି

ସକାଳ
THE SAKALA
www.sakalaepaper.com

# ଜ୍ୟୋତିଷ ଶାସ୍ତ୍ରରେ କାହିଁକି ୧୨ ରାଶି



**ଅଧିକାଂଶ ଲୋକଙ୍କର ସକାଳୁ ଉଠିବା ମାତ୍ରେ ନିଜର ରାଶିଫଳ ଦେଖିବାର ଅଭ୍ୟାସ ଅଛି । ଅବଶ୍ୟ ସମସ୍ତଙ୍କୁ ନିଜ ରାଶି ବାବଦରେ ଜାଣିବାର ଜିଜ୍ଞାସା ରହିବା ସ୍ୱାଭାବିକ କଥା । ତେବେ କେବେ ଭାବିଛନ୍ତି, ଜ୍ୟୋତିଷ ଶାସ୍ତ୍ରରେ ୧୨ଟି ରାଶି କାହିଁକି ଅଛି ।**

**ବୈଜ୍ଞାନିକ କାରଣ:** ଜ୍ୟୋତିର୍ବିଦଙ୍କ ମତରେ, ଜ୍ୟୋତିଷ ଶାସ୍ତ୍ରରେ ୧୨ଟି ରାଶି ରହିବା ପଛରେ ବୈଜ୍ଞାନିକ କାରଣ ଅଛି । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଆକାଶ ମଣ୍ଡଳରେ ୩୬୦ ଅଂଶ ଅଛି । ଏହାକୁ ୧୨ ରାଶି ଓ ୧୨ ନକ୍ଷତ୍ରରେ ଭାଗ କରାଯାଇଛି । ଗୋଟିଏ ରାଶିରେ ୩୦ ଅଂଶ ଅଛି । ତେବେ ଏହି ୧୨ ଭାଗରୁ ୧୨ଟି ରାଶିର ନିର୍ମାଣ ହୋଇଛି । ୧୨ ରାଶିର ନାମ ହେଉଛି, ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ।

**ତାରା ନାମରୁ ରାଶିର ନାଁ:** ତେବେ ଆକାଶକୁ ଯେଉଁ ୧୨ ଭାଗ କରାଯାଇଥିଲା ସେହି ୧୨ ଭାଗରୁ ୧୨ ସ୍ଥାନ ନିର୍ଦ୍ଧାରଣ କରାଯାଇଥିଲା । ସେହି ଆଧାରରେ ୧୨ ରାଶିର ନାମକରଣ କରାଯାଇଥିବା କୁହାଯାଏ । ଆକାଶର ୧୨ଟି ଭାଗରେ ଥିବା ଏହି ତାରାମାନେ ଧାର୍ମିକ ଦୃଷ୍ଟିରୁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ । ଏହି କାରଣ ଯୋଗୁଁ ଏହି ତାରାଙ୍କ ନାମରୁ ୧୨ ରାଶିର ନାଁ ପଡ଼ିଛି । ସେହିପରି ଏହି ତାରା କୌଣସି ନା କୌଣସି ଗ୍ରହ ଅନ୍ତର୍ଗତ । ସେଥିପାଇଁ ପ୍ରତ୍ୟେକ ରାଶିର ସ୍ୱାମୀ ଗ୍ରହ ଅଛନ୍ତି । ତା'ସହ ୧୨ ରାଶିର ୧୨ ପ୍ରତୀକ ଚିହ୍ନ ବି ଅଛି ।

| ରାଶି | ସ୍ୱାମୀ ଗ୍ରହ |
|---|---|
| ମେଷ | ମଙ୍ଗଳ |
| ବୃଷ | ଶୁକ୍ର |
| ମିଥୁନ | ବୁଧ |
| କର୍କଟ | ଚନ୍ଦ୍ର |
| ସିଂହ | ସୂର୍ଯ୍ୟ |
| କନ୍ୟା | ବୁଧ |
| ତୁଳା | ଶୁକ୍ର |
| ବିଛା | ମଙ୍ଗଳ |
| ଧନୁ | ବୃହସ୍ପତି |
| ମକର | ଶନି |
| କୁମ୍ଭ | ଶନି |
| ମୀନ | ବୃହସ୍ପତି |

**ବିଭିନ୍ନ ରାଶିର ସ୍ୱଭାବ:** ପ୍ରତ୍ୟେକ ରାଶିର ସ୍ୱଭାବ ବା ଗୁଣ ଭିନ୍ନ ହୋଇଥିବାରୁ ଲୋକଙ୍କ ସ୍ୱଭାବ ମଧ୍ୟ ସେହିଭଳି ଅଲଗା ହୋଇଥାଏ । ମେଷ ରାଶି ବ୍ୟକ୍ତିବିଶେଷ ଆବେଗପୂର୍ଣ୍ଣ ହୋଇଥିବା ବେଳେ ସେମାନେ ଶକ୍ତିବାନ ହୋଇଥାନ୍ତି । ସେହିପରି ଏହି ରାଶିର ଲୋକମାନେ ସାହସୀ ହୋଇଥିବାରୁ କାହାକୁ ଭୟ କରନ୍ତି ନାହିଁ । ବୃଷ ରାଶି କାମୁକ ସ୍ୱଭାବର ହୋଇଥିବା ବେଳେ ସେମାନଙ୍କର ମନୋବଳ ଦୃଢ଼ ହୋଇଥାଏ । ମିଥୁନ ରାଶି ଲୋକେ ଜିଜ୍ଞାସୁ ହୋଇଥିବା ବେଳେ କର୍କଟ ରାଶିର ଲୋକେ ଦୟାଳୁ, ଭାବୁକ ହୋଇଥାନ୍ତି । ଏହାବାଦ୍ ଦାନ ଆଦି କରିବାର ଗୁଣ ମଧ୍ୟ ସେମାନଙ୍କଠାରେ ଦେଖିବାକୁ ମିଳେ । ଅନ୍ୟପଟେ ସିଂହ ରାଶି ବ୍ୟକ୍ତି ବିଶେଷ ଉଦାରବାଦୀ ଓ ଆଶାବାଦୀ ହୋଇଥାନ୍ତି । ସେହିପରି କନ୍ୟା ରାଶିର ଲୋକେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହନ୍ତି । ତେବେ ତୁଳା ରାଶିର ଲୋକେ ଚତୁର ଓ ରୋମାଣ୍ଟିକ ହୋଇଥାନ୍ତି । କଳାତ୍ମକ କାର୍ଯ୍ୟ ପ୍ରତି ସେମାନଙ୍କର ରୁଚି ରହିଥାଏ । ଅନ୍ୟପଟେ ବିଛା ରାଶିବ୍ୟକ୍ତିବିଶେଷଙ୍କର ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ରହିଥାଏ । ତା'ସହ ସେମାନେ କୌଣସି କଥାକୁ ଖୋଲାଖୋଲି କହି ନ ଥାନ୍ତି । କେବଳ ସେତିକି ନୁହେଁ, ସେମାନେ ଶକ୍ତିବାନ୍ । ଯେଉଁମାନଙ୍କର ଧନୁ ରାଶି ସେମାନେ, ଦାର୍ଶନିକ, ଉତ୍ସାହୀ ହୋଇଥିବା ବେଳେ ବୁଲାବୁଲି କରିବାକୁ ବେଶି ପସନ୍ଦ କରନ୍ତି । ମକର ରାଶିର ଲୋକମାନେ ପରିଶ୍ରମୀ ହୋଇଥାନ୍ତି । ସେମାନେ ଶୃଙ୍ଖଳିତ ଜୀବନକୁ ଗୁରୁତ୍ୱ ଦେଉଥିବା ବେଳେ କୁମ୍ଭ ରାଶିର ଲୋକଙ୍କ ସ୍ୱଭାବ ଶାନ୍ତ ହୋଇଥାଏ । ମୀନ ରାଶି ବ୍ୟକ୍ତିବିଶେଷ ସହାନୁଭୂତି ସମ୍ପନ୍ନ, କଳାତ୍ମକ ହୋଇଥାନ୍ତି । ତା'ସହ ସେମାନେ ସ୍ୱପ୍ନ ଦେଖିବାକୁ ବେଶି ଭଲପାଆନ୍ତି ।

# ଦକ୍ଷିଣ ଦିଗକୁ ମୁଣ୍ଡକରି ଶୋଇବା ଶୁଭ

**ସୁନିଦ୍ରା ଶରୀରକୁ ଶକ୍ତି ଯୋଗାଏ ଓ ମନକୁ ପ୍ରସନ୍ନ ରଖେ । ତେବେ ଶୋଇବାର ଦିଗ ଉପରେ ବି ସୁନିଦ୍ରା ନିର୍ଭର କରେ । ଜ୍ୟୋତିଷ ତଥା ବାସ୍ତୁ ଅନୁସାରେ, ଦକ୍ଷିଣ ଦିଗକୁ ମୁଣ୍ଡକରି ଶୋଇବା ଭଲ । ଏହାର କାରଣ ସମ୍ପର୍କରେ ଜାଣିବା...**



- ଦକ୍ଷିଣ ତଥା ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ଧନ ଓ ସୁଖ ପ୍ରାପ୍ତି ହୋଇଥାଏ ।
- ଏହା ଜୀବନରେ ସୁଖ ଓ ଖୁସି ଆଣିବାରେ ସାହାଯ୍ୟ କରେ ।
- ଏହା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ ।
- ସେହିପରି ପୂର୍ବ ଦିଗକୁ ମଧ୍ୟ ମୁଣ୍ଡକରି ଶୋଇବାକୁ ଶୁଭ ବୋଲି କୁହାଯାଏ ।
- ବାସ୍ତୁ ଅନୁସାରେ, ଛାତ୍ରଛାତ୍ରୀ ପୂର୍ବ ଦିଗକୁ ମୁଣ୍ଡ କରି ଶୋଇଲେ ସେମାନଙ୍କର ଧ୍ୟାନ, ସ୍ମୃତି ଏବଂ ମାନସିକ ସ୍ୱଷ୍ଟତାରେ ସୁଧାର ଆସେ ।

## ଗୀତାବାଣୀ

ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।
ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ॥୨୪॥



ଯେଉଁ ଯଜ୍ଞରେ ଅର୍ପଣ ଅର୍ଥାତ୍ ସ୍ରୁକ୍, ସ୍ରୁବାଦି ଅର୍ପଣପାତ୍ର ମଧ୍ୟ ବ୍ରହ୍ମ, ହବ୍ୟ ପଦାର୍ଥ ଅର୍ଥାତ୍ ତିଳ, ଯବ, ଘିଅ ଆଦି ମଧ୍ୟ ବ୍ରହ୍ମ ଏବଂ ବ୍ରହ୍ମସ୍ୱରୂପ କର୍ତ୍ତାଙ୍କ ଦ୍ୱାରା ବ୍ରହ୍ମରୂପକ ଅଗ୍ନିରେ ଆହୁତି ପ୍ରଦାନରୂପକ କ୍ରିୟା ମଧ୍ୟ ବ୍ରହ୍ମ (ଏପରି ଯଜ୍ଞାନୁଷ୍ଠାନରତ), ଯେଉଁ ମନୁଷ୍ୟଙ୍କର ବ୍ରହ୍ମରେ ହିଁ କର୍ମ-ସମାଧି ହୋଇଛି, ତାଙ୍କ ଦ୍ୱାରା ପ୍ରାପ୍ତବ୍ୟ ଫଳ ମଧ୍ୟ ବ୍ରହ୍ମ ।

(ଚତୁର୍ଥୋଽଧ୍ୟାୟ – ଶ୍ଳୋକ - ୨୪)

# ବାଟଓଷା

**ପୌଷ କୃଷ୍ଣ ଦ୍ୱିତୀୟାରେ ପାଳନ କରାଯାଏ 'ଦାଣ୍ଡପହଁରା' ବା ବାଟଓଷା । ଏହି ଓଷା ସତ୍ୟ, ଧର୍ମ ଓ ନ୍ୟାୟର ଦେବତା ଯମରାଜଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ । ଏହା ବାଟ ବା ଦାଣ୍ଡରେ ପାଳନ କରାଯାଉଥିବାରୁ ଏହାର ନାମକରଣ ଏଭଳି କରାଯାଇଛି । ପଶ୍ଚୁ ପୂର୍ଣ୍ଣିମାର ତିନି ଦିନ, ସାତ ଦିନ ବା ନଅ ଦିନ ପରେ ଏହା ପଡ଼ିଥାଏ । ଏଥର ଡିସେମ୍ବର ୨୮ ରେ ଏହା ପଡୁଛି ।**



ଯମଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ଏହି ଓଷାକୁ ପାଳନ କରାଯାଏ । ସନ୍ତାନଙ୍କ ଦୀର୍ଘ ଜୀବନ କାମନା କରି ମାଆମାନେ ଏହାକୁ ପାଳନ କରନ୍ତି । ଓଷା ମଣ୍ଡପର ଚତୁଃପାର୍ଶ୍ୱକୁ ବଜ୍ରମୂଳିରେ ପହଁରା କରିବା ପରେ ସେଥିରେ ସନ୍ତାନକୁ ଝଡ଼ାଯାଏ । ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୋଶଳ ଦେଶର ରାଜା ସୁଦର୍ଶନ ଏବଂ ରାଣୀ ଲୀଳାବତୀଙ୍କ ପୁତ୍ର ସନ୍ତାନ ନ ଥିବାରୁ ମନସ୍ତାପରେ ଥିଲେ । ତେବେ ବ୍ରାହ୍ମଣ ଓ ଜ୍ୟୋତିଷ ଦାଣ୍ଡପହଁରା ବା ବାଟଓଷା କରି ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ରପ୍ରାପ୍ତି ହେବ ବୋଲି ପରାମର୍ଶ ଦେଇଥିଲେ । କିଛିଦିନ ପରେ ଓଷା କରିଥିବା ରାଜ୍ୟର ଗୃହିଣୀମାନଙ୍କଠାରୁ ପ୍ରସାଦ ପାଇ ରାଣୀ ବୀରସେନ ନାମକ ପୁତ୍ରସନ୍ତାନ ପ୍ରାପ୍ତ କରିଥିଲେ । କିନ୍ତୁ ପୁତ୍ର ପ୍ରାପ୍ତି ପରେ ରାଣୀ ଆଉ ବାଟଓଷା କଲେ ନାହିଁ । ଫଳରେ ଯମ ବୀରସେନଙ୍କୁ ଅପହରଣ କରି ନେଇଥିଲେ । ଏହାପରେ ବୀରସେନଙ୍କୁ ମାରି ରୋଷେଇ କରି ଖାଇବାକୁ ଦେବାକୁ ମା'ଙ୍କୁ କହିଥିଲେ । ତେବେ ଯମ ଗାଧୋଇ ଯିବା ସମୟରେ ଯମଙ୍କ ମାତା ବୀରସେନଙ୍କୁ ନାକରେ କାଠି ପୂରାଇ ଛିଙ୍କିବା ପାଇଁ କହିଥିଲେ । ବୀରସେନ ମଧ୍ୟ ସେଭଳି କରିଥିଲେ । ଶେଷରେ ଯମଦେବ ବୀରସେନଙ୍କୁ ନ ମାରି ବାଟଓଷା ନ କଲେ ପୁନର୍ବାର ନେଇଯିବେ ବୋଲି ବୀରସେନଙ୍କ ମାତାଙ୍କୁ କହି ଘରେ ଛାଡ଼ି ଦେଲେ । ଏହାପରେ ରାଣୀ ରାଜଗୃହରେ ଯମଦେବଙ୍କ ବାଟଓଷା କରି ଦାଣ୍ଡପହଁରି ପୁତ୍ରର ଦୀର୍ଘ ଜୀବନ କାମନା କରିଥିଲେ ।

## ପ୍ରଶ୍ନୋତ୍ତର

୧. ଇଚ୍ଛାମୃତ୍ୟୁ ଲାଭ କରିବା ପାଇଁ ଭୀଷ୍ମଙ୍କୁ କିଏ ବର ଦେଇଥିଲେ?
୨. କାହା ଆଶୀର୍ବାଦରେ ଗଙ୍ଗାଙ୍କ ନାମ ଭାଗିରଥୀ ହେଲା?
୩. କାହାର ଅନ୍ୟ ଏକ ନାମ ସ୍କନ୍ଦ?
୪. କେଉଁ ପର୍ଯ୍ୟାୟରେ ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ବାହାରି ଥିଲେ?
୫. ସମୁଦ୍ରରେ ସେତୁବନ୍ଧ ନିର୍ମାଣ ପାଇଁ ଶ୍ରୀରାମଙ୍କୁ କିଏ ପରାମର୍ଶ ଦେଇଥିଲେ?

**ଉତ୍ତର** (୧) ଶାନ୍ତନୁ (୨) ବ୍ରହ୍ମା (୩) କାର୍ତ୍ତିକେୟ (୪) ଅଷ୍ଟମ (୫) ବିଭୀଷଣ

# ପୂଜା-ପାଠର ନିୟମ



**ହିନ୍ଦୁ ଧର୍ମରେ ସକାଳ ଓ ସନ୍ଧ୍ୟା ପୂଜାର ନିୟମ ଅଛି । ପୂଜା ପାଠ କରିବା ଯେତିକି ଜରୁରି, ସେତିକି ଜରୁରି ପୂଜାର ନିୟମ ପାଳନ କରିବା । ପୂଜାପାଠକୁ ନେଇ ହିନ୍ଦୁଶାସ୍ତ୍ରରେ ଅନେକ ନିୟମ ରହିଛି । ସେହିପରି ଏହି ନିୟମ ପାଳନ ନ କରିବା ଦ୍ୱାରା ପୂଜା ସଫଳ ହୋଇ ନ ଥାଏ ।**

- ପୂଜା କରିବା ପୂର୍ବରୁ ପ୍ରଥମେ ପ୍ରଭୁ ଗଣେଶଙ୍କୁ ପ୍ରଣାମ କରିବା ଜରୁରି । ଏଭଳି ନ କରିବା ଦ୍ୱାରା ପୂଜା ଅଧୁରା ଓ ଅସଫଳ ହୋଇଥାଏ । ସେଥିପାଇଁ ଦେବୀ ଦେବତାଙ୍କ ପୂଜା ପୂର୍ବରୁ ଗଣେଶଙ୍କୁ ପ୍ରଣାମ କରିବା ଦରକାର ।
- ଅନେକ ସମୟରେ ଲୋକେ ଦୁଇ ହାତ ଯୋଡ଼ି ପ୍ରଣାମ କରି ନ ଥାନ୍ତି । ଗୋଟିଏ ହାତରେ ପ୍ରଣାମ କରୁଥିବା ଦେଖାଯାଏ । ତେବେ ପୂଜା ସମୟରେ ଗୋଟିଏ ହାତରେ ପ୍ରଣାମ କରିବା ଅନୁଚିତ । ମଥାରେ ସବୁବେଳେ ତିଳକ ଲଗାଇ ପୂଜା କରିବା ଦରକାର ।
- ଦୀପକୁ ସର୍ବଦା ଭଗବାନଙ୍କ ଡାହାଣ ପାର୍ଶ୍ୱରେ ରଖିବା ଦରକାର । ପୂଜା ପରେ ଶଙ୍ଖ ଓ ଘଣ୍ଟି ବଜାଇବା ଉଚିତ । ଏହା ଦ୍ୱାରା ସାଧକର ମନ ଓ ଘର ପବିତ୍ର ହୁଏ ।
- ସେହିପରି ସନ୍ଧ୍ୟାରେ ଫୁଲ ଛିଡ଼ାଇବା ଅନୁଚିତ । ପୂଜା ସମୟରେ ଦୀପ ନ ଜଳାଇଲେ ପୂଜାର ଫଳ ମିଳି ନ ଥାଏ । ସେଥିପାଇଁ ସୂର୍ଯ୍ୟ ଦେବଙ୍କ ପୂଜା ସକାଳେ କରିବା ଦରକାର ।
- ଘରେ ଠାକୁର ଘର ପୂର୍ବ ଦିଗରେ ହେବା ଶୁଭ । ଏହି ଦିଗରେ ମନ୍ଦିର ରହିବା ଦ୍ୱାରା ଧନ ଓ ସମ୍ପତ୍ତିର ଆଗମନ ହୁଏ ।

# ପଞ୍ଚଗବ୍ୟର ଧାର୍ମିକ ମହତ୍ତ୍ୱ



ହିନ୍ଦୁ ଧର୍ମରେ ଗୋମାତାଙ୍କୁ ପୂଜା କରାଯାଏ । ତେବେ କେବଳ ଗାଇ ନୁହେଁ, ଗାଇ ସହ ଜଡ଼ିତ ପାଞ୍ଚଟି ଜିନିଷର ମହତ୍ତ୍ୱ ହିନ୍ଦୁଧର୍ମରେ ଯଥେଷ୍ଟ ବେଶି । ଦୁଗ୍ଧ, ଦହି, ଘିଅ, ଗୋମୂତ୍ର ଓ ଗୋବର ମହତ୍ତ୍ୱ ଅଧିକ । ଏହି ପାଞ୍ଚଟି ଜିନିଷର ସମ୍ମିଶ୍ରଣକୁ 'ପଞ୍ଚଗବ୍ୟ' କୁହାଯାଏ । ପଞ୍ଚଗବ୍ୟ ବିନା ହିନ୍ଦୁ ଧର୍ମରେ କୌଣସି ମାଙ୍ଗଳିକ କାର୍ଯ୍ୟ ପୂରା ହୋଇ ନ ଥାଏ । ଗାଁରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଯେକୌଣସି ଶୁଭକାର୍ଯ୍ୟରେ ଏହା ନିହାତି ଲୋଡ଼ା ପଡ଼େ । ଗୃହ ଶୁଦ୍ଧରୁ ଆରମ୍ଭ କରି ଶରୀର ଶୁଦ୍ଧ ପର୍ଯ୍ୟନ୍ତ ପଞ୍ଚଗବ୍ୟର ପ୍ରୟୋଗ କରାଯାଏ । ସେହିପରି ପଞ୍ଚଗବ୍ୟ ଦ୍ୱାରା ବିଭିନ୍ନ ରୋଗର ଉପଚାର ମଧ୍ୟ କରାଯାଏ । ଏହା ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ ।

ପୂଜାପାଠରେ ପଞ୍ଚାମୃତ ପାଇଁ କ୍ଷୀରକୁ ଉପଯୋଗ କରାଯାଉଥିବା ବେଳେ କ୍ଷୀର ଭଳି ଦହି ମଧ୍ୟ ଶିବଲିଙ୍ଗରେ ଚଢ଼ାଯାଏ । ସେହିପରି ଘିଅକୁ ଦୀପରେ ବ୍ୟବହାର କରାଯାଏ । ଏହା ଯଜ୍ଞରେ ମଧ୍ୟ ଉପଯୋଗ ହୁଏ । ଅନ୍ୟପକ୍ଷରେ ଗୋମୂତ୍ରକୁ ଛିଞ୍ଚି ଘରକୁ ପବିତ୍ର କରାଯାଏ । ଏହାବାଦ୍ ଧାର୍ମିକ ଅନୁଷ୍ଠାନରେ ଗୋବରକୁ ପବିତ୍ର ବୋଲି ବିବେଚନା କରାଯାଏ । ପୂଜା ସ୍ଥାନକୁ ଗୋବରରେ ଲିପାଯାଏ ।

# ଧୈର୍ଯ୍ୟରୁ ସଫଳତା ପ୍ରାପ୍ତି

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଧୈର୍ଯ୍ୟ ଧାରଣକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**



ଏକଦା ଗୌତମ ବୁଦ୍ଧଙ୍କୁ ଗୋଟିଏ ସଭାରେ ଉପଦେଶ ଦେବାର ଥିଲା । ସେହି ସଭାରେ ୧୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ ଏବଂ ସେମାନେ ସମସ୍ତେ ଗୌତମ ବୁଦ୍ଧଙ୍କ ଅପେକ୍ଷାରେ ଥିଲେ । ବୁଦ୍ଧ ଆସିଲେ କିନ୍ତୁ କିଛି ନ କହି ଚାଲିଗଲେ । ବୁଦ୍ଧଙ୍କ ଏଭଳି ବ୍ୟବହାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ଯଦିଓ ହେଲେ, ତଥାପି କେହି ତାଙ୍କୁ କିଛି ପଚାରିଲେ ନାହିଁ । ପୁଣି ତା'ପରଦିନ ସଭା ହେଲା ଓ ଉପସ୍ଥିତ ଲୋକଙ୍କ ସଂଖ୍ୟା ୮୦ରେ ପହଞ୍ଚିଲା । ସେଦିନ ମଧ୍ୟ ପୂର୍ବଦିନ ଭଳି ବୁଦ୍ଧ ସଭାରେ କାହାକୁ କିଛି ନ କହି ଚାଲିଗଲେ । ପୁଣିଥରେ ବୁଦ୍ଧଙ୍କ ଏହି ବ୍ୟବହାର ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବା ବେଳେ କେହି ତାଙ୍କୁ କିଛି ନ କହି ଚୁପ୍ ରହିଲେ । ତା'ପରଦିନ ପୁଣି ସଭାର ଆୟୋଜନ ହେଲା ଏବଂ ସେହି ସଭାରେ ମଧ୍ୟ ଲୋକଙ୍କ ସଂଖ୍ୟା ପୂର୍ବ ତୁଳନାରେ କମି ୫୦ରେ ପହଞ୍ଚିଲା । ପୁଣି ସଭାକୁ ବୁଦ୍ଧ ଆସି କିଛି ନ କହି ଚାଲିଗଲେ । ଏହାପରଦିନ ଆଉ ଥରେ ସଭା ଆୟୋଜନ ହେଲା ଏବଂ ସଭାରେ ଲୋକଙ୍କ ସଂଖ୍ୟା ଥିଲା ୩୦ । ସେଦିନ ବି ବୁଦ୍ଧ କିଛି ନ କହି ହସି ଦେଇ ଚାଲିଗଲେ ।

ତେବେ ଏ କଥା ପଡ଼ି ଲାଗୁଥିବ ଯେ, ଯଦି ବୁଦ୍ଧଙ୍କର କିଛି କହିବାର ନ ଥିଲା, ତେବେ ବାରମ୍ବାର ସଭା ଆୟୋଜନ କାହିଁକି ହେଉଥିଲା ଏବଂ ସେ ସଭାକୁ ଆସୁଥିଲେ କ'ଣ ପାଇଁ? ଠିକ୍‌ସେହିପରି ସଭାରେ ଉପସ୍ଥିତ ଥିବା ଲୋକଙ୍କୁ ମଧ୍ୟ ନିତିଦିନ ଏଭଳି ଦୃଶ୍ୟ ଦେଖି ବିରକ୍ତି ଲାଗୁଥିଲା କିନ୍ତୁ ସେମାନେ ବୁଦ୍ଧଙ୍କୁ କିଛି କହିପାରୁ ନ ଥିଲେ । ତେବେ ଉତ୍ତର ଜାଣିବା ପାଇଁ ଲୋକଙ୍କୁ ଧୈର୍ଯ୍ୟ ଧରିବାର ଆବଶ୍ୟକତା ଥିଲା । ପୁଣି ଆଉ ଥରେ ସଭା ଆୟୋଜନ ହେଲା ଏବଂ ଉପସ୍ଥିତ ଲୋକଙ୍କ ସଂଖ୍ୟା ଥିଲା ମାତ୍ର ୧୫ । ଅବଶ୍ୟ ଆଜି କିନ୍ତୁ ଗୌତମ ବୁଦ୍ଧ ତାଙ୍କ ସ୍ଥାନ ଗ୍ରହଣ କରି ଲୋକଙ୍କୁ ଉପଦେଶ ଦେବା ପାଇଁ ବସିଲେ ।

ବୁଦ୍ଧ ଯେଉଁ ୧୫ ଜଣଙ୍କୁ ଉପଦେଶ ଦେଲେ ସେମାନେ ବୁଦ୍ଧଙ୍କର ଶିଷ୍ୟ ପାଲଟିଗଲେ । ସେମାନେ ବୁଦ୍ଧଙ୍କ ଜ୍ଞାନକୁ ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାର କଲେ । ଦିନେ ସେମାନେ ବୁଦ୍ଧଙ୍କୁ ପ୍ରଶ୍ନ କଲେ, 'ସଭା ଆୟୋଜନ ହେବା ସତ୍ତ୍ୱେ ଆପଣ କ'ଣ ପାଇଁ କିଛି ଦିନ ପର୍ଯ୍ୟନ୍ତ ପଦୁଟିଏ କଥା ନ କହି ଚାଲି ଯାଉଥିଲେ ।'

ବୁଦ୍ଧ କହିଲେ, "ମୁଁ ସେହି ଲୋକମାନଙ୍କ ସନ୍ଧାନରେ ଥିଲି, ଯେଉଁମାନେ ମୋ ଉପଦେଶକୁ ଚାରିଆଡ଼େ ପ୍ରଚାର କରିବେ । ପ୍ରଥମ ଦିନରେ ଉପସ୍ଥିତ ଥିବା ୧୦୦ ଜଣ ଲୋକ କେବଳ ସଭାରେ କ'ଣ ହେଉଛି, ତାହା ଦେଖିବାକୁ ଆସିଥିଲେ । କିନ୍ତୁ ମୁଁ ସେଭଳି ଲୋକଙ୍କୁ ଖୋଜୁ ନ ଥିଲି । ମୁଁ ଜାଣିବାକୁ ଚାହୁଁଥିଲି, ସେମାନେ କିଏ ଯେଉଁମାନେ ମୋ ଉପଦେଶକୁ ଶୁଣିବାକୁ ଓ ଜାଣିବାକୁ ଚାହୁଁଛନ୍ତି । ଯେଉଁମାନଙ୍କ ପାଖରେ ଧୈର୍ଯ୍ୟ ଥିଲା ସେମାନଙ୍କୁ ମୁକ୍ତି ମାର୍ଗ ମିଳିଲା । ଯେଉଁମାନେ ବ୍ୟସ୍ତ ରହିଲେ, ସେମାନେ ଆଜି ଘରେ ବସିଲେ ।'

ବୁଦ୍ଧ ପୁଣି କହିଲେ, 'ଧୈର୍ଯ୍ୟ ନ ଥିବା ଲୋକେ କେବେ ବି ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ । ଧୈର୍ଯ୍ୟ ଧରିବାର କ୍ଷମତା ଯେଉଁମାନଙ୍କର ଅଛି, ସେମାନେ ଜୀବନରେ କିଛି ବି କରିବାକୁ ସକ୍ଷମ । ବିନା ଧୈର୍ଯ୍ୟରେ ସଫଳତା ପ୍ରାପ୍ତି ସମ୍ଭବ ନୁହେଁ ।'

# କରଜରୁ ମୁକ୍ତି ଦିଏ ମଙ୍ଗଳବାରର ଦାନ

**ହିନ୍ଦୁ ଧର୍ମରେ ପ୍ରତ୍ୟେକ ଦିନ କୌଣସି ଦେବଦେବୀଙ୍କୁ ସମର୍ପିତ । ଏହି କ୍ରମରେ ମଙ୍ଗଳବାର ହେଉଛି ହନୁମାନଙ୍କ ଦିନ । ହନୁମାନଙ୍କୁ ସ୍ମରଣ କରି ମଙ୍ଗଳବାର ଯଦି କିଛି ଉପାୟ କରାଯାଏ, ତେବେ ଋଣ ବୋଝରୁ ମୁକ୍ତି ମିଳିଥାଏ ।**



- କରଜରୁ ମୁକ୍ତି ପାଇବା ପାଇଁ ମଙ୍ଗଳବାର ଦାନ କରିବା ଦରକାର । ମଙ୍ଗଳବାର ଦିନ ଧନ, ଅନ୍ନ, ବସ୍ତ୍ର ଆଦି ଦାନ କରିବା ଦ୍ୱାରା ଋଣରୁ ଶୀଘ୍ର ମୁକ୍ତି ମିଳିଥାଏ । ତେବେ ଦାନ କରିବା ସମୟରେ ହନୁମାନଙ୍କୁ ଅବଶ୍ୟ ସ୍ମରଣ କରିବା ଉଚିତ ।
- ସେହିପରି କରଜରୁ ମୁକ୍ତି ପାଇଁ ମଙ୍ଗଳବାରରେ 'ଓଁ ହନୁମତେ ନମଃ' ମନ୍ତ୍ରକୁ ୧୦୮ ଥର ଜପ କରନ୍ତୁ । ଏହା ଦ୍ୱାରା ଧନ ଅଭାବ ରହେ ନାହିଁ ଏବଂ ଲକ୍ଷ୍ମୀ ବାସ କରନ୍ତି ।
- ମଙ୍ଗଳବାର ଦିନ ହନୁମାନଙ୍କ ସାମ୍ନାରେ ବସି ତାଙ୍କର ଧ୍ୟାନ କରି ହନୁମାନ ସ୍ତୋତ୍ର ପାଠ କରିବା ଦରକାର ।
- ମଙ୍ଗଳବାରରେ ହନୁମାନଙ୍କୁ ୧୧ଟି ଅଶ୍ୱତ୍ଥ ପତ୍ରରେ ଶ୍ରୀରାମ ଲେଖି ହନୁମାନଙ୍କୁ ଅର୍ପଣ କରନ୍ତୁ । ଏହା ଦ୍ୱାରା ଋଣ ଭାର କମ୍ ହୁଏ ।
- ଏହିଦିନ ଲକ୍ଷ୍ମୀପୂଜା କଲେ ବି କରଜରୁ ମୁକ୍ତି ମିଳିଥାଏ । ଏହା ସହ ଧନ ବି ବୃଦ୍ଧି ହୁଏ ।

# ବଡ଼ଖମାର ମଠରେ ବ୍ୟଞ୍ଜନ ଦ୍ୱାଦଶୀ

**• ୨୫୧ ପ୍ରକାର ଭୋଗ ଅର୍ପଣ**



**ସୁବଲୟା, ୨୪।୧୨ (ସମିସ):** ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ବଡ଼ଖମାରସ୍ଥିତ ବରାହପଦର ମଠରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ମଠାଧୀଶ ନୃତ୍ୟଗୋପାଳ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୁରୀ ମହନ୍ତ ଗୋବିନ୍ଦ ଦାସ ଶାସ୍ତ୍ରୀ ଯୋଗଦେଇ ଥିବାବେଳେ ଅଞ୍ଚଳର ବିଭିନ୍ନ ମଠର ସାଧୁସନ୍ଥ ତଥା ଆଖପାଖ ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଅବସରରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହ ତାଙ୍କଠାରେ ୨୫୧ ପ୍ରକାରର ବିବିଧ ବ୍ୟଞ୍ଜନାଦି ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତଜନଙ୍କ ଭଜନ, ସଙ୍କୀର୍ତ୍ତନରେ ମଠ ପରିସର ଉଚ୍ଛୁଳି ଉଠିଥିଲା। ଏଥିରେ ରାମକୃଷ୍ଣ ପୁରୋହିତ ଓ ସାରଙ୍ଗଧର ଦାସ ପୂଜାକାର୍ଯ୍ୟ ତୁଲାଇଥିବା ବେଳେ ସମ୍ପାଦକ କଳାକାହ୍ନୁ ମହାପାତ୍ର, ଶ୍ରବଣ ଅଗ୍ରୱାଲ, ସହଦେବ ପଧାନ, ଲବ ପଧାନ, ଘାସିରାମ ବାରିକ, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସୁବଳୟା, ଚନ୍ଦଲୀ, ବାଗବର, ଟିଠିପାଲି, ଦେଉଳଝରି ଓ ଭଙ୍ଗାମୁଣ୍ଡା ଆଦି ସ୍ଥାନରେ ଥିବା ରାଧାକୃଷ୍ଣ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି।

## ଜାତୀୟ ଉପଭୋକ୍ତା ଦିବସ ପାଳିତ

# 'ଖାଉଟିମାନେ ସର୍ବଦା ସଚେତନ ରହିବା ଆବଶ୍ୟକ'

**ବୌଦ୍ଧ, ୨୪।୧୨ (ସମିସ)**

ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପ୍ରଭାସିନୀ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇଥିଲେ।




ମୁଖ୍ୟଅତିଥି ଶ୍ରୀମତୀ ଦାସ ଏହି ଅବସରରେ ଖାଉଟିମାନେ ସବୁବେଳେ ସଚେତନ ରହିବା ଆବଶ୍ୟକ ଏବଂ ଉପଭୋକ୍ତା ମାନେ ଜିନିଷ କିଣିବାବେଳେ ସଚେତନ ହୋଇ ମାପଯନ୍ତ୍ର ଠିକ୍ ରହୁଛି କି ନାହିଁ ତାହା ପରଖିବାକୁ ପରାମର୍ଶ ଦେଇଥିଲେ। ଖାଉଟିମାନେ ଠକାମୀର ଶିକାରହେଲେ ଜିଲ୍ଲାରେ ଥିବା ଖାଉଟି ଅଦାଲତର ଆଶ୍ରୟ ନେଇପାରିବେ ବୋଲି ମଧ୍ୟ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ଏନଏସି ଅଧ୍ୟକ୍ଷ ଶ୍ରୀ ମିଶ୍ର ଏହି ଅବସରରେ ଅଧିକାରୀମାନେ ଠିକ୍‌ଭାବେ ତଦାରଖ କଲେ ଖାଉଟିମାନେ ଠକାମିର ଶିକାର ହେବେ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଦାମୋଦର ସାହୁ ଓ ଡେପୁଟି କଲେକ୍ଟର ରଞ୍ଜନ କୁମାର ପରିଡ଼ାଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶା, ଏସଏଚଜି ଗ୍ରୁପ ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଜଣେ ମୃତ

**ହରଭଙ୍ଗା, ୨୪।୧୨ (ସମିସ):** ପୁରୁଣାକଟକ ଥାନା ଖୋର୍ଦ୍ଧା -ବଲାଙ୍ଗିର ୫୭ନଂ ଜାତୀୟ ରାଜପଥ ଡିଗୀଶିରା ନିକଟରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ରୁଗୁଡ଼ିପାଲି ଗ୍ରାମର ରାମଚନ୍ଦ୍ର ଦାସ ଫୁଲବାଣୀ ଡାକ୍ତରଖାନା ଅଭିମୁଖେ ବାଇକ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଆଇଚର ଟ୍ରକ ସହିତ ଧକ୍କା ହୋଇଥିଲେ। ଫଳରେ ଦୁର୍ଘଟଣା ସ୍ଥଳରେ ହିଁ ରାମଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଆଇଚର ଟ୍ରକ ଡ୍ରାଇଭର ପୁରୁଣାକଟକ ଥାନାରେ ଆତ୍ମସମର୍ପଣ କରିଥିବାବେଳେ ଅଗ୍ନିଶମ ବାହିନୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇ ଥିଲା। ପୁରୁଣାକଟକ ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବାଇକ ଜବତ ସହିତ ତଦନ୍ତ କରିଛି।

## ଘଣ୍ଟାପଡ଼ାରେ ଟ୍ରକ୍ ଓ ଡମ୍ପର ଦୁର୍ଘଟଣାଗ୍ରସ୍ତ

**କନ୍ଧମାଳ, ୨୪।୧୨ (ସମିସ):** କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ମଙ୍ଗଳା ଛକ ନିକଟରେ ଏକ ଟ୍ରକ ରାସ୍ତା ତଳକୁ ଖସି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଟ୍ରକ ଚାଳକ ଓ ହେଲପର ସୌଭାଗ୍ୟକ୍ରମେ ରକ୍ଷା ପାଇଯାଇଛନ୍ତି। ଶନିବାର ରାତିରେ ଏକ ଟ୍ରକ ୪୧ନଂ ରାଜ୍ୟ ରାଜପଥ ଦେଇ ଖୁଣ୍ଟିଗୋରା ପଟରୁ କନ୍ଧମାଳ ଦିଗକୁ ଯାଉଥିଲା। ଘନ କୁହୁଡି ଯୋଗୁଁ ରାସ୍ତା ଦେଖା ନ ଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡିଟି ରାସ୍ତା ତଳକୁ ଖସି ଯାଇଥିଲେ ହେଁ ସୌଭାଗ୍ୟକ୍ରମେ ଦୁର୍ଘଟଣାରେ ଟ୍ରକ ଚାଳକ ଓ ହେଲପର ଉଭୟ ରକ୍ଷା ପାଇଯାଇଛନ୍ତି। ସେହିପରି ଉକ୍ତ ସ୍ଥାନରେ ଗୋଟିଏ ଡମ୍ପରକୁ ପଛରୁ ଅନ୍ୟ ଏକ ଡମ୍ପର ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ସୌଭାଗ୍ୟ ବଶତଃ ସମସ୍ତେ ରକ୍ଷା ପାଇଯାଇଛନ୍ତି। ଚିପ୍ସ ବୋଝେଇ ଦୁଇଟି ଡମ୍ପର କନ୍ଧମାଳ ପଟରୁ ଖୁଣ୍ଟିଗୋରା ଦିଗକୁ ଆଗପଛ ହୋଇ ଯାଉଥିଲେ। ପ୍ରାୟ ଭୋର ୪ଟା ସମୟ ଆଗରେ ଯାଉଥିବା ଡମ୍ପର ଉକ୍ତ ଟ୍ରକକୁ ଦେଖି ହଠାତ ଅଟକିଯିବାରୁ ପଛରେ ଆସୁଥିବା ଡମ୍ପରଟି ଧକ୍କା ଦେଇଥିଲା। ଉଭୟ ଦୁର୍ଘଟଣା ନେଇ ଘଣ୍ଟାପଡ଼ା ପୁଲିସ ତଦନ୍ତ କରୁଥିବା ଜଣାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଜହ୍ନାପଙ୍କ, ୨୪।୧୨ (ସମିସ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନରହରି ପ୍ରଧାନଙ୍କ ୮୪ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ୧୯୬୩ ମସିହାରେ ମନମୁଣ୍ଡା ଉଚ୍ଚବାହାଲି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ପଦମନପୁର, ଜହ୍ନାପଙ୍କ, ମକୁନ୍ଦପୁର, ଚନ୍ଦ୍ରପୁର, ବକପାଲି, ତେଲିବନ୍ଧ, ସୁବର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଜୀବନ ଅତିବାହିତ କରିଥିବା ବେଳେ ୧୯୯୭ ମସିହାରେ ପଲସପାଟ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇ ଥିବା ବେଳେ ବଡ଼ ପୁଅ ଶିବ କୁମାର ପ୍ରଧାନ ମୁଖାଗ୍ନି ଦେଇ ଥିଲେ।

# ଖଣ୍ଡହତାରେ 'ସିୟା' ପରିବାରର ବାର୍ଷିକ ଉତ୍ସବ



**ସୁବଲୟା, ୨୪।୧୨ (ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ଇନ୍ଦିରା ଗାନ୍ଧୀ ହାଇସ୍କୁଲ ପଡ଼ିଆରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିୟା' ପରିବାରର ନବମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଯଜ୍ଞେଶ୍ୱର ବିଶି, ଦ୍ୱିତୀକୃଷ୍ଣ ପଣ୍ଡା, ଯୋଗେନ୍ଦ୍ର ପଣ୍ଡା, ଜଗବନ୍ଧୁ ବେରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ କୋଶଲି କବିତା ଆସର ଆୟୋଜିତ ହୋଇଥିଲା। ଏଥିରେ କବି ଲକ୍ଷ୍ମୀ ନାରାୟଣ ସାହୁ ଓ ସନ୍ତୋଷିନୀ ନନ୍ଦ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୩୦ରୁ ଉର୍ଦ୍ଧ କବି ନିଜସ୍ୱ କବିତା ପାଠ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉଚ୍ଚ ଶିକ୍ଷା ପରାମର୍ଶ ଦାତା ତଥା ଅନୁଷ୍ଠାନ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ରଥ, ସମାଜସେବୀ ପ୍ରେମାନନ୍ଦ ଜଟି, ଶିକ୍ଷାବିତ ବିଜୟ କୁମାର ପ୍ରଧାନ, ରେଆ ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଦେହୁରୀ, ଜିଲ୍ଲା ଶିଶୁ ମଙ୍ଗଳ ସଦସ୍ୟ ରାଜିବ, ଖଣ୍ଡହତା କଲେଜ ଅଧ୍ୟକ୍ଷ ଜଗବନ୍ଧୁ ବେରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନ କାର୍ଯ୍ୟକାରୀ ସଦସ୍ୟ ସୁଶାନ୍ତ ଭୋଇ ପରିଚାଳନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୁଦାମ ଗାଇଗରିଆ, ସମ୍ପାଦକ ଦିଲ୍ଲୀପ ପ୍ରଧାନ, ପ୍ରମୋଦ ପଣ୍ଡା, ପ୍ରଶାନ୍ତ ମାଝି, ଗୋବିନ୍ଦ ପ୍ରଧାନ, ବାସୁଦେବ ବେହେରା, ପିଣ୍ଟୁ ପଣ୍ଡା ଓ ଭରଦ୍ୱାଜ କର୍ମୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାଷା ସଂସ୍କୃତି ସ୍ୱାଭିମାନ ଯାତ୍ରାକୁ ସ୍ୱାଗତ



**ସୋନପୁର, ୨୪।୧୨ (ସମିସ):** ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ୍ ପକ୍ଷରୁ ଭାଷା ସଂସ୍କୃତି ସ୍ୱାଭିମାନ ଯାତ୍ରା ରବିବାର ସନ୍ଧ୍ୟାରେ ସୋନପୁରଠାରେ ପହଞ୍ଚିବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଯାତ୍ରାରେ ସାମିଲ ଥିବା ସିନେ ଅଭିନେତା ମନୋଜ ମିଶ୍ର, ସଂସ୍କୃତି ଗବେଷକ ସପନ ମିଶ୍ର, ବରିଷ୍ଠ ସାମ୍ବାଦିକ ବୀରେନ୍ଦ୍ର ଶତପଥୀ, ସିପୁନ ଖମାରୀ ପ୍ରମୁଖଙ୍କୁ ବ୍ଲକ ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଆଜି ଯାଏଁ ଆମ ଅଞ୍ଚଳର ଭାଷାକୁ ସ୍ୱୀକୃତି ମିଳିନାହିଁ ବୋଲି ଯାତ୍ରାରେ ସାମିଲ ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅଞ୍ଚଳର ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ସହ ରାଜ୍ୟର ଦ୍ୱିତୀୟ ଭାଷା ମାନ୍ୟତା ମିଳିବା ଦାବି ନେଇ ଆମର ଯାତ୍ରା ଜାରି ରହିବ ବୋଲି ସିନେ ଅଭିନେତା ମନୋଜ ମିଶ୍ର କହିଛନ୍ତି। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର, ଅଦ୍ୱୈତ ପଣ୍ଡା, ଦିଲ୍ଲୀପ ପାତ୍ର, ଶେଷଦେବ ମେହେର, ବେଣୁଧର ପ୍ରଧାନ, ଗଣପତି ବାଘ, ବିଘ୍ନରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ଯାତ୍ରା ଗତ ୨୨ ତାରିଖରୁ ବରଗଡ଼ ଜିଲ୍ଲା ନୃସିଂହନାଥ ମନ୍ଦିରରୁ ବାହାରି ପଶ୍ଚିମ ଓଡ଼ିଶାର ଦଶଟି ଜିଲ୍ଲା ପରିକ୍ରମା କରି ଆସନ୍ତା ୨୯ ତାରିଖ ଦିନ ସୁନ୍ଦରଗଡ଼ର ସମଲେଶ୍ୱରୀ ମନ୍ଦିରଠାରେ ଶେଷ ହେବ।

# ଶ୍ରୀନିବାସ ରାମାନୁଜନ ଗ୍ଲୋବାଲ ସ୍କୁଲ୍‌ର ବାର୍ଷିକ ଉତ୍ସବ



**ମନମୁଣ୍ଡା, ୨୪।୧୨ (ସମିସ):** ମନମୁଣ୍ଡାସ୍ଥିତ ଶ୍ରୀନିବାସ ରାମାନୁଜନ ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଶୁଭେନ୍ଦ୍ର ପ୍ରସାଦ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ଅନିଲ ଗଙ୍ଗଦେବ ମୁଖ୍ୟଅତିଥି ଏବଂ ମନମୁଣ୍ଡା ସିଆରସିସି ପ୍ରଜିନା ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁରୁ ଶିଷ୍ୟ ପରମ୍ପରା, ଛାତ୍ରମାନଙ୍କ କର୍ତ୍ତବ୍ୟ, ଶୃଙ୍ଖଳା ଜ୍ଞାନ, ଚରିତ୍ର ଗଠନ ଇତ୍ୟାଦିରେ ସ୍କୁଲର ଅବଦାନ ଓ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ର ବାର୍ଷିକ ବିବରଣୀ ପଠନ କରିବା ସହ ସଭା ପରିଚାଳନା କରିଥିଲେ। ସଭା ପରେ ପ୍ରତ୍ୟେକ ଶ୍ରେଣୀର ୧୨୦ ଜଣ ଛାତ୍ରଛାତ୍ରୀ ୩୦ଟି ଦଳଗତ ନୃତ୍ୟ ପରିବେଷଣ କରିଥିବାବେଳେ କେତେକ ଛାତ୍ରଛାତ୍ରୀ ଗୀତ ଗାଇଥିଲେ। ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ସୁବାସ ଦେହୁରୀ, ପଞ୍ଚାନନ ସାହୁ, ଲକ୍ଷ୍ମୀ ଟପୋ, ପିଙ୍କି ଦାସ, ସରିତା ମେହେର, ଅନିତା ମହାକୁଡ, ନମିତା ଦେହୁରୀ, ପ୍ରିୟଙ୍କା ମୁନି, ମେନକା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

**ସାହାଜପାଲ, ୨୪।୧୨ (ସମିସ):** ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ସଂଗ୍ରାମପୁରରେ ଦୁଇଦିନ ଧରି 'ଆସ ଖେଳ ଖେଳିବା' ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଛାତ୍ରଛାତ୍ରୀ ଗଣେଶ ମନ୍ଦିରଠାରୁ କ୍ରୀଡ଼ା ଜ୍ୟୋତି ଆଣି ଖେଳ ପଡ଼ିଆରେ ସ୍ଥାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କରୁଣାକର ଘଟୁଆଳ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ବିରେନ୍ଦ୍ର ମେଣ୍ଡିଲି, କପିଳେନ୍ଦ୍ର ଭୋଇ, ପ୍ରମୋଦ କୁମାର ମେହେର ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୁରୁନାଥ ମେହେର, ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ମହାକୁଡ଼ ଉପସ୍ଥିତ ରହି ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମ ସତ୍ୟଜିତ ବେହେରା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଉପଦେଷ୍ଟା ଚେତାରାମ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବୌଦ୍ଧ ଜିଲ୍ଲା କଲ୍‌ଚରାଲ ଏକାଡେମୀର ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

**ବୌଦ୍ଧ, ୨୪।୧୨ (ସମିସ):** ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ବାର୍ଷିକୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ହରିହର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଧ୍ରୁବଚରଣ ଘିବେଲା, କୋଷାଧ୍ୟକ୍ଷ ରାଧାମୋହନ ମାହାଣା, ସଦସ୍ୟ ଟଙ୍କଧର ସାହୁ, ସତ୍ୟନାରାୟଣ ଦେହୁରୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏକାଡେମୀର ବାର୍ଷିକ ଉତ୍ସବ ଆସନ୍ତା ଜାନୁଆରୀ ୨୧ରେ କରାଯିବାକୁ ସ୍ଥିର କରାଯାଇଥିଲା। ଉତ୍ସବରେ ଏକାଡେମୀର ବିଭିନ୍ନ ପୁରସ୍କାର ବିଷୟରେ ଆଲୋଚନା କରାଯାଇଛି। ସୋନପୁର ଅଧ୍ୟାପକ ସୌରଭ ଖମାରୀଙ୍କୁ ପ୍ରଫୁଲ୍ଲ ମହାକୁଳ ପୁରସ୍କାର, ଭୁବନ ଢେଙ୍କାନାଳର ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ବିବେକାନନ୍ଦ ପଟ୍ଟନାୟକ ପୁରସ୍କାର, ବୌଦ୍ଧ ବିଳାସପୁରର ଚୁନୀ ବଗର୍ତ୍ତିଙ୍କୁ ଭିକାରୀ ନାୟକ କଳା ପୁରସ୍କାର, ଲମ୍ବସରୀ ବଂଶୀଧର କର୍ମୀଙ୍କୁ ଭକ୍ତି ସାହିତ୍ୟ ପୁରସ୍କାର, ସୋନପୁର ବିଏମପୁର ସନ୍ତୋଷ କୁମାର ଅଦାବରଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ଅରୁଣ ମେଣ୍ଡଲିଙ୍କୁ ଅଭିଷେକ ପ୍ରଧାନ ଯୁବ ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିରିକୃତ ହୋଇଥିବା ଜଣାପଡ଼ିଛି।

# ମହାନଦୀ ନେତ୍ର ଚିକିତ୍ସାଳୟର ବାର୍ଷିକ ଉତ୍ସବ

**ବୀରମହାରାଜପୁର, ୨୪।୧୨ (ସମିସ):** ସ୍ଥାନୀୟ ମହାନଦୀ ନେତ୍ର ଚିକିତ୍ସାଳୟର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବୀରମହାରାଜପୁର ବିଧାୟକ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ପୂର୍ବତନ ରାଜ୍ୟ ସୂଚନା କମିଶନର



ଜଗଦାନନ୍ଦ ଯୋଗଦେଇ ଆଗାମୀ ୨୦୩୬ ରେ ଶିଶୁ ଅପେକ୍ଷା ବୟସ୍କଙ୍କ ସଂଖ୍ୟା ଅଧିକ ଥିବ, ମହାନଦୀ ନେତ୍ର ଚିକିତ୍ସାଳୟ ପାଇଁ ବୀରମହାରାଜପୁରର ଗୁରୁତ୍ୱ ଆହୁରି ବଢ଼ିବ ବୋଲି କହିଥିଲେ। ପଦ୍ମଶ୍ରୀ ସାବରମତୀ, ସମାଜସେବୀ ଜଗଦିଶ ପ୍ରଧାନ, ଆଇ. ଓ ସି ଏଲ ଡିଜିଏମ ପି. କେ. ପଣ୍ଡା, ରାଜ୍ୟ ମିଲର ଆସୋସିଏସନ ସଭାପତି ମହେଶ କୁମାର ବଂଶଲ, ଡ଼. ପ୍ରମୋଦ କୁମାର ଗୁରୁ, ୟୁ.ଏସ.ଏ.ଯୋଗ ଦେଇଥିଲେ। ଡ. ମାନସି ନାୟକ ସଭା ସଞ୍ଚାଳନ କରିଥିବାବେଳେ ଡ. ବିଭୁ ପ୍ରସାଦ ବଳିୟାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ମହେଶ୍ୱରୀ ସେନା ବୀରମହାରାଜପୁର, ମହାନଦୀ ସେବା ସଂଗଠନ ବିନିକା, ହେଲଥ ଟୁ ଅଦର, ବିନିକା, ବୁଢ଼ାରଜା ୟୁଥ ଆସୋସିଏସନ, ସୋନପୁର, ଲେପ୍ରା ସୋସାଇଟି ବ୍ରାଣ୍ଡ ଆମ୍ବାସଡର ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଆଶାକର୍ମୀଙ୍କୁ ପ୍ରାକୃତିକ ଚିକିତ୍ସା ତାଲିମ

**ବୌଦ୍ଧ, ୨୪।୧୨ (ସମିସ):** ବୌଦ୍ଧ ସଦର ବ୍ଲକ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆଶା କର୍ମୀ ମାନଙ୍କ ପ୍ରାକୃତିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୮୦ ଆଶା କର୍ମୀଙ୍କ ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ଅବସରରେ ସେମାନଙ୍କୁ ପ୍ରାକୃତିକ ଚିକିତ୍ସା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଛି। ଡା. ରତିକାନ୍ତ ନନ୍ଦ ତାଲିମ ପ୍ରଦାନ କରୁଥିବା ବେଳେ ପ୍ରାକୃତିକ ଚିକିତ୍ସା ସମ୍ବନ୍ଧିତ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାକୃତିକ ଚିକିତ୍ସକ ଡ଼ା ନିରାକାର ବେହେରା ଯୋଗ ଦେଇ ଆଶାମାନଙ୍କୁ ପ୍ରାକୃତିକ ଚିକିତ୍ସା, ଜଳ ଚିକିତ୍ସା, ଆୟୁର୍ବେଦ, ଯୋଗ, ପ୍ରାଣାୟମ ମାଧ୍ୟମରେ କିପରି ନିଜେ ସୁସ୍ଥ ରହିବେ ଓ ଅନ୍ୟମାନଙ୍କୁ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇପାରିବେ ସେ ସମ୍ପର୍କରେ ତାଲିମ ଦେଇଥିଲେ। ସେହିପରି ନିଜେ ଜଣେ ଆଶା ଦିଦି ହୋଇ ମଧ୍ୟ ବୈଦ୍ୟ ଭାବେ କାର୍ଯ୍ୟ ତୁଲାଇ ପାରିବେ ବୋଲି ଡା. ବେହେରା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମାଜସେବୀ ବିଦ୍ୟାଧର ସ୍ୱାଇଁ, କୃତିବାସ ପଲିଆ, ସୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# କନ୍ଧମାଳ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ

**କନ୍ଧମାଳ, ୨୪।୧୨ (ସମିସ) :** କନ୍ଧମାଳ ବ୍ଲକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ରବିବାର ବ୍ଲକ ଶ୍ରୀରାମ ମନ୍ଦିରଠାରେ ଗୀତା ଜୟନ୍ତୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସନ୍ତୋଷ କୁମାର ବିଶିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କନ୍ଧମାଳ ବ୍ରହ୍ମ ସମାଜର ସମସ୍ତ ସଦସ୍ୟ ମାନଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା ଓ ଗୋପାଳ ସହସ୍ର ନାମ



ପାଠ କରାଯାଇଥିଲା। ଅନ୍ତଃମୁଖୀ ମହାଯଜ୍ଞରେ ସନ୍ତୋଷ କୁମାର ମହାପାତ୍ର ଓ ପତ୍ନୀ ସନ୍ତୋଷିନୀ ପାଢ଼ୀ ଯଜ୍ଞ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ପଣ୍ଡିତ ସନତ କୁମାର ମିଶ୍ର ଭଗବତ ଗୀତା ପାଠ କରିଥିବାବେଳେ ବାଳକୃଷ୍ଣ ମିଶ୍ର ଯଜ୍ଞ କାର୍ଯ୍ୟରେ ପୌରୋହିତ୍ୟ କରିଥିଲେ। ବ୍ରାହ୍ମଣ ସମାଜର ବସନ୍ତ ମିଶ୍ର, ସଭାପତି ରଘୁନାଥ ମହାପାତ୍ର, ସମ୍ପାଦକ ସନ୍ତୋଷ ବିଶି, ସନତ ମିଶ୍ର, ଆନନ୍ଦ ଚନ୍ଦ୍ର ପାଢ଼ୀ, ଭାଗ୍ୟ ମିଶ୍ର, ରଘୁନାଥ ପାଣିଗ୍ରାହୀ, ସହଦେବ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ଅନନ୍ତ ମିଶ୍ର, ସୁରେନ୍ଦ୍ର କର, ଘନଶ୍ୟାମ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ସମେତ ବହୁ ମହିଳା ଓ ପୁରୁଷ ସଦସ୍ୟ /ସଦସ୍ୟା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ମାହେଶ୍ୱରୀ ଗୋଶାଳା ପରିଦର୍ଶନକଲେ ଜିଲ୍ଲାପାଳ

**ବୌଦ୍ଧ, ୨୪।୧୨ (ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ଅନ୍ତର୍ଗତ ଦନ୍ତାପାଲିସ୍ଥିତ ମାହେଶ୍ୱରୀ ଗୋଶାଳା ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ। ବୌଦ୍ଧ ସହରରେ ବୁଲୁଥିବା ୧୫୦ ଗାଇଗୋରୁଙ୍କୁ ଥଇଥାନ କରି ଦୀର୍ଘ ଚାରି ବର୍ଷ ହେଲା ପ୍ରତିପାଳନ କରି ଆସୁଛନ୍ତି ମାହେଶ୍ୱରୀ ଗୋଶାଳା କର୍ମକର୍ତ୍ତା। ଜିଲ୍ଲାପାଳ ପରିଦର୍ଶନ ସମୟରେ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରା, ପ୍ରାଣୀ



ନିରୀକ୍ଷକ ଅଶୋକ ସତପଥି, ମାହେଶ୍ୱରୀ ଗୋଶାଳା ଅଧ୍ୟକ୍ଷ ନିର୍ଗୁଣ ମହାକୁଡ, ଉପାଧ୍ୟକ୍ଷ ହୃଷୀକେଶ କ୍ଷେତୀ, ସମ୍ପାଦକ କୃତିବାସ ପଲିଆ, କୋଷାଧ୍ୟକ୍ଷ ଉଦ୍ଧବ କଳତା ପ୍ରମୁଖ ଉପସ୍ଥିତ ଥିଲେ। ଗୋଶାଳାର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସମସ୍ତ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରିବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ସେହିପରି ସରକାରୀ ଅନୁଦାନରେ ଏଠାରେ ନିର୍ମାଣାଧୀନ ଗୋଶାଳାର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରି ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିବା ସହ ଗୋରୁଙ୍କ ପାଇଁ ଘାସ ଚାଷ କରିବାକୁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

# ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଅମୃତେଶ୍ୱରୀଙ୍କ କୃତିତ୍ୱ

**ସୁବଲୟା, ୨୪।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତୀରନ୍ଦାଜ ତରଫରୁ କୃତିତ୍ୱ ଅର୍ଜନ କରିଥିବା ବୀରମହାରାଜପୁରସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ବିଦ୍ୟାଳୟରର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆମ୍ମି ଅମୃତେଶ୍ୱରୀ ଖମାରୀ ରାଜ୍ୟ ସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାରବାଟି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ୯ ବର୍ଷରୁ କମ୍ ବାଲ୍ ବିଭାଗରେ ରିକର୍ଭ ରାଉଣ୍ଡ କୁ କୋଚ୍ ନେସନାଲ ମେଡଲିଷ୍ଟ ଗୋଲାପ ନାଏକ ଓ ଟିମ୍ ମ୍ୟାନେଜର ଲକ୍ଷ୍ମଣ ମହାନ୍ତି ଆର୍ଚର୍ ଅମ୍ମି ଅମୃତେଶ୍ୱରୀ ଖମାରୀ ସହ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ପ୍ରଥମ ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାର ଅମ୍ମି ଅମୃତେଶ୍ୱରୀ ଖମାରୀ ଦ୍ୱିତୀୟ ଓ ତୃତୀୟ ପୁରସ୍କାର କଟକ ଜିଲ୍ଲାକୁ ଯାଇଛି। ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ଆନ୍ଧ୍ର ପ୍ରଦେଶ ର ବିଜୟୱାଡା ଠାରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୃତି ପ୍ରତିଯୋଗୀଙ୍କୁ ବୌଦ୍ଧ ତୀରନ୍ଦାଜ ସଂଘ ଓ ବୌଦ୍ଧ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଭବ୍ୟ ସ୍ୱାଗତ ଜଣାଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ତୀରନ୍ଦାଜ ସଂଘର ସମସ୍ତ କର୍ମକର୍ତ୍ତା ଓ ଜନସାଧାରଣଙ୍କ ଭିତରେ ଖୁସିର ଲହରୀ ଖେଳି ଯାଇଛି।



# ଭାରୀଯାନ କଟକଣା ନିୟମ କୋହଳ କରୁଛି ପୁଲିସ !

**ବଲାଙ୍ଗିର, ୨୪।୧୨(ସମିସ)**

ବଲାଙ୍ଗିର ସହରରେ ଭାରୀଯାନ ଚଳାଚଳ, ଦୁର୍ଘଟଣା ଓ ଆନ୍ଦୋଳନ ବର୍ତ୍ତମାନ ସମୟରେ ଏକ ବିବାଦୀୟ ପ୍ରସଙ୍ଗ ହୋଇରହିଛି। ସହର ଭିତରେ ୨୪ ଘଣ୍ଟା ବଡ ଟ୍ରକ ଚଳାଚଳ ହେଉଥିବା ବେଳେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଯେକୌଣସି ଦୁର୍ଘଟଣା ଘଟିଲେ ଆନ୍ଦୋଳନ, ଟ୍ରକ ଜଳାପୋଡା ହେଉଥିବା ଦେଖିବାକୁ ମିଳିଛି। ତେବେ ଏଥିରେ କାହିଁକି ରୋକ୍ ଲାଗୁନାହିଁ ? ଅନ୍ୟ ରାଜ୍ୟ କିମ୍ବା ଜିଲ୍ଲା ଗାଡି ପାଇଁ ଗୋଟିଏ ନିୟମ ଓ ନିଜ ଜିଲ୍ଲା ପାଇଁ ଆଉ ଏକ ନିୟମ। ସ୍ଥାନୀୟ ଗାଡିକୁ ସବୁବେଳେ ଅନୁମତି ଅଥଚ ଅନ୍ୟ ଜିଲ୍ଲା ପାଇଁ କଟକଣା। ପୁଲିସ ଗୋଟିଏ ପଟେ କଟକଣା କଥା କହୁଥିବା ବେଳେ ଅନ୍ୟପଟେ ସ୍ଥାନୀୟ ଟ୍ରକ ପାଇଁ କଟକଣା ଲାଗୁ ନଥିବାରୁ ଦୁର୍ଘଟଣା ବଢୁଥିବା ଅଭିଯୋଗ ହୋଇଛି।

ଶନିବାର ଅପରାହ୍ନ ସମୟରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ ଚାପାରେ ଆସି ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାଭାବିକ ଭାବେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ୧୬ ଚକିଆ ଟ୍ରକ କିଭଳି ସହର ଭିତରେ ପ୍ରବେଶ କଲା ସେନେଇ ଲୋକେ ପ୍ରଶ୍ନ ଉଠାଇଥିଲେ। ଟ୍ରକ ପୋଡିବା ସହ ପୁଲିସକୁ ଗାଳିଗୁଲଜ ମଧ୍ୟ କରିଥିଲେ। କେବଳ ଏହି ଘଟଣା ନୁହଁ ଗତ କିଛି ମାସ ତଳେ ଆଉ ଏକ ସଡକ ଦୁର୍ଘଟଣା ମାଧିଆପାଲିଠାରେ ହୋଇଥିଲା। ସେହି ଦୁର୍ଘଟଣାରେ ମଧ୍ୟ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ସହର ଭିତରୁ

**ଦୁର୍ଘଟଣା ଘଟାଉଛନ୍ତି ସ୍ଥାନୀୟ ଭାରୀଯାନ**

**କଟକଣାକୁ ପ୍ରତିବାଦ କରୁଛନ୍ତି ସ୍ଥାନୀୟ ଗାଡ଼ିମାଲିକ**

ଯାଉଥିବା ଏକ ଟ୍ରକ ସ୍କୁଟି ଆରୋହୀଙ୍କୁ ଧକ୍କା ଦେଇ ଫେରାର ଉଦ୍ୟମ କରିଥିଲା। ଏହି ଘଟଣାରେ ମଧ୍ୟ ସ୍ଥାନୀୟ ଲୋକେ ଟ୍ରକ ପୋଡିଦେଇଥିଲେ। ଏହି ଦୁଇ ଦୁର୍ଘଟଣାରେ ଲୋକଙ୍କ ରାଗ ପୁଲିସ ଓ ଟ୍ରକ ଉପରେ ବାହାର କରିଥିଲେ। ତେବେ କେମିତି କଟକଣା ସମୟରେ ସହର ଭିତରକୁ ଟ୍ରକ ପ୍ରବେଶ କରୁଛି ଓ ବାହାରକୁ ଆସୁଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହାରି ପଛରେ ପୁଲିସ ଓ ଟ୍ରକ ମାଲିକଙ୍କ ଭିତରେ ଥିବା ସମ୍ପର୍କ ସାମ୍ନାକୁ ଆସିଛି।

ବଲାଙ୍ଗିର ସହର ଦେଇ ଭାରୀଯାନ ଯାତାୟାତ




କରିବା ଉପରେ କଟକଣା ଲଗାଯାଇଛି। ରାତ୍ରି ୧୦ଟାରୁ ସକାଳ ପ୍ରାୟ ୫ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳକୁ ଅନୁମତି ମିଳିଛି। ହି କଟକଣା ସ୍ଥାନୀୟ ଟ୍ରକ ପାଇଁ ଲଗାଯାଇ ନଥିବା ଜଣାପଡ଼ିଛି। ସ୍ଥାନୀୟ ମାଲିକଙ୍କ ଟ୍ରକଗୁଡିକ ସହର ଭିତରେ ଅନାୟାସରେ ଯାଆସ କରିପାରିବ। ସାମ୍ନାକୁ ଆସିଥିବା ଉକ୍ତ ଦୁଇ ଘଟଣାରେ ଦୁର୍ଘଟଣା ଘଟାଇଥିବା ଟ୍ରକ ସ୍ଥାନୀୟ ମାଲିକଙ୍କ ହୋଇଥିବା ଜଣାପଡ଼ିଥିଲା। କଟକଣା ବାହାରେ ରହିଥିବାରୁ ସହର ଭିତରକୁ ପ୍ରାୟତଃ ବଡ ବଡ ଟ୍ରକରେ ସାମଗ୍ରୀ ଲୋଡ ହୋଇଆସୁଛି। କେବଳ ଏତିକି ନୁହଁ ଏହି ଟ୍ରକଗୁଡିକ ରାସ୍ତା ଉପରେ ଠିଆ କରାଇ ବ୍ୟବସାୟୀମାନେ ସାମଗ୍ରୀ ଅନଲୋଡିଂ କରୁଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଜାମ ସମସ୍ୟା ମଧ୍ୟ ରହୁଛି। ତଥାପି ପୁଲିସ ଏହି କଟକଣା ଉପରେ ନିରବ ରହିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନାଧିକାରୀ ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ବଡ ଟ୍ରକଗୁଡିକୁ ମଧ୍ୟ ସହର ଭିତରକୁ ପ୍ରବେଶ କରିବା ପାଇଁ ମନା କରାଯାଇଥିଲା କିନ୍ତୁ ଟ୍ରକ ମାଲିକମାନେ ଆସି ଉକ୍ତ କଟକଣା ହଟାଇବାକୁ ଦାବି କରିଥିଲେ। ଏମିତିରେ ପୁଲିସ ଦ୍ୱନ୍ଦ୍ୱରେ ରହୁଥିବାରୁ ଥାନାଧିକାରୀ ଅସହାୟତା ପ୍ରକାଶ କରିଛନ୍ତି। ଭାରୀଯାନ ପ୍ରବେଶ ଉପରେ କଟକଣା ଲଗାଇବା ସହ ଆହୁରି କଡାକଡି କରିବାକୁ ଥାନାଧିକାରୀ କହିଛନ୍ତି।

**ସମ୍ପର୍କୀୟଙ୍କ ଶୋକପତ୍ର ବାଣ୍ଟିବାକୁ ଯାଉଥିଲେ**

## ବାଇକ୍ ଦୁର୍ଘଟଣାରେ ଗୋଡ଼ ହରାଇଲେ

**ପାଟଣାଗଡ଼, ୨୪।୧୨ (ସମିସ):** ପାଟଣାଗଡ ବ୍ଲକ ଲରମ୍ବା ଥାନା ତମିଆଁ ଛକରୁ ତମିଆଁ ରାସ୍ତାରେ ଥିବା କଲାଡୁଙ୍ଗୁରି ପାହାଡ଼ ତଳେ ଭୀମ ପଡା ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ଜଣ ଯୁବକ ଗୁରୁତର ହୋଇ ବଲାଙ୍ଗିର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଯୁବକଦ୍ୱୟ ହେଲେ ଲରମ୍ବା ଥାନା ବ୍ରାହ୍ମଣୀପାଲିର ବୁଧ ତାଣ୍ଡି ଓ ପାଟଣାଗଡ ଥାନା ଫୁଡକୁପରା ଗାଁର କେଶବ ଧରୁଆ। ରବିବାର ସକାଳେ କେଶବ ଧରୁଆ ଓ ସଦା କୁମୁରା ତାଙ୍କ ବାଇକ ଯୋଗେ ଭରତବାହାଲ ପଞ୍ଚାୟତ ଚମ୍ପାସର ଗାଁକୁ ତାଙ୍କ ଜଣେ ସମ୍ପର୍କୀୟଙ୍କ ଶୋକପତ୍ର ବାଣ୍ଟିବାକୁ ଯାଉଥିଲେ। ତମିଆଁ ପଟୁ ବାଇକ ଯୋଗେ ବୁଧ ତାଣ୍ଡି ଦ୍ରୁତଗତିରେ ଆସି ଧକ୍କା ଦେଇଥିଲେ। ବାଇକ ଧକ୍କା ଏତେ ଜୋରଦାର ଥିଲା ଯେ ବୁଧଙ୍କ ବାଇକର ଆଗ ଚକା ରିଙ୍ଗ ଖଣ୍ଡ ବିଖଣ୍ଡ ହୋଇ ଟାୟାର ବାହାରିଆସିଥିଲା। କେଶବଙ୍କ ଡାହାଣ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ରାସ୍ତାକଡରେ ଛିଟିକି ପଡ଼ି ଅଚେତ୍ ପଡିରହିଥିଲେ। ଅନୁରୂପ ଭାବରେ ବୁଧଙ୍କ ମୁହଁ, ନାକ ଓ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ମଧ୍ୟ କ୍ଷତାକ୍ତ ହୋଇ ଅଚେତ୍ ଅବସ୍ଥାରେ ପଡିରହିଥିଲେ। ସେହି ରାସ୍ତାଦେଇ ଯାଉଥିବା କିଛି ଯୁବକ ପୁଲିସ ଓ



ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପୁଲିସର ଉପସ୍ଥିତରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣଗଡ ଡାକ୍ତରଖାନାକୁ ପଠାଯାଇଥିଲା। କେଶବଙ୍କ ବାଇକ ପଛପଟେ ବସିଥିବା ସଦାଙ୍କ ସାମାନ୍ୟ କ୍ଷତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଡାକ୍ତରଖାନାରୁ ଛାଡି ଦିଆଯାଇଛି। କେଶବ ଓ ବୁଧଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଉଭୟଙ୍କ ବାଇକ୍ ଜବତ୍ କରାଯାଇଛି।

## ଆମଦହନ ଗାଁରେ ପାଣି ପାଇପ୍ ଫାଟି ଦୁର୍ଦ୍ଦଶା

**ଦେଓଗାଁ, ୨୪।୧୨(ସମିସ):** ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ଆମଦହନ ଗାଁରେ ୭-୮ଦିନ ହେଲା ଗ୍ରାମ୍ୟ ଜଳଯୋଗାଣ ପାଇପ ଫାଟିଯିବାରୁ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗାଁଲୋକ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ପାଇପଗୁଡିକ ଅତି



ନିମ୍ନମାନର ହୋଇଥିବାରୁ ଅନେକ ସ୍ଥାନରେ ଫାଟି ଯାଉଥିବା ବେଳେ ରାସ୍ତାରେ ପାଣି ବୋହି ଗାଁର ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଗାଁରେ ଦୂଷିତ ପାଣି ଯୋଗୁଁ ଝାଡାବାନ୍ତି ବ୍ୟାପୁଥିବା ବେଳେ ଆମଦହନ ଗାଁରେ ଆଗକୁ ହଇଜା ଆଶଙ୍କାରେ ଲୋକେ ଚିନ୍ତିତ ରହିଥିବା ଅଭିଯୋଗ ହେଉଛି। ଉକ୍ତ ପାନୀୟଜଳ ଯୋଗାଣ ପ୍ରକଳ୍ପ କାମ ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ କାମ କରିଥିବା ଠିକାଦାରଙ୍କ ଉପରେ ନ୍ୟସ୍ତ ରହିଥିବା ବେଳେ କାମ ସରିଗଲା ପରେ ସମ୍ପୃକ୍ତ ଠିକାଦାର ଆଉ କର୍ଣ୍ଣପାତ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେପରି ନାଇକେନଶିରାରେ ମଧ୍ୟ ଉପରପଡ଼ା ଓ ମେହେରପଡ଼ାରେ ପାଇପ ଫାଟି ଥିବାବେଳେ ବନ୍ଧପଡ଼ାରେ ମଧ୍ୟ ତଦ୍ରୂପ ଅବସ୍ଥା ରହିଥିବାରୁ ପାନୀୟଜଳ ଯୋଗାଣରୁ ଗ୍ରାମବାସୀ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ସମସ୍ୟାକୁ ନେଇ ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ କହିଛନ୍ତି, ଅଭିଯୋଗ ମୋ ପାଖକୁ ଆସିନାହିଁ, ଦିନେ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ।

## ଭାଷା-ସଂସ୍କୃତି-ସ୍ୱାଭିମାନ ଯାତ୍ରା



**ବଲାଙ୍ଗିର, ୨୪।୧୨ (ସମିସ):** ପଶ୍ଚିମଓଡ଼ିଶା ଭାଷା, ସଂସ୍କୃତି ବିଷୟରେ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ପାଇଁ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଭାଷା-ସଂସ୍କୃତି ଓ ସ୍ୱାଭିମାନ ଯାତ୍ରା ବଲାଙ୍ଗିରରେ ପହଞ୍ଚିଛି। ଏହି ଶୋଭାଯାତ୍ରା ବଲାଙ୍ଗିରରେ ପହଞ୍ଚିବା ପରେ ପ୍ରଥମେ ସମଲେଶ୍ୱରୀ ମନ୍ଦିର ସେଠାରୁ ପାଟଣେଶ୍ୱରୀ ମନ୍ଦିରକୁ ଯାଇ ପହଞ୍ଚିଥିଲା। ସେଠାରୁ ପୁଣି ଲୋଇସିଂହା ଦେଇ ସୋନପୁର ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଏହି ଶୋଭାଯାତ୍ରାରେ ସିନେ ଅଭିନେତା ମନୋଜ ମିଶ୍ର, ସିପୁନ ଖମାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ପାଟଣେଶ୍ୱରୀ ମନ୍ଦିରଠାରେ ଏହି ଶୋଭାଯାତ୍ରାକୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସ୍ୱାଗତ କରିବା ସହ ନିଜ ସମର୍ଥନ ଜଣାଇଥିଲେ।

## ଏସ୍‌ଡିଏ ଉପାଧ୍ୟକ୍ଷାଙ୍କୁ ଭେଟିଲେ ଉପାନ୍ତ ଗ୍ରାମବାସୀ

**ତୁରେକେଲା, ୨୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ବଡ଼ଡକଲା ପଞ୍ଚାୟତ ବିଭିନ୍ନ ଗାଁରେ ଜଙ୍ଗଲ ଜମିରେ ବସବାସ କରୁଥିବା ପରିବାର ସଦସ୍ୟ ରବିବାର ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିଏ) ଉପାଧ୍ୟକ୍ଷା ନିରୁପମା ମାଝୀଙ୍କୁ ସାକ୍ଷାତ କରି ତାଙ୍କ ସମସ୍ୟା ଜଣାଇଛନ୍ତି। ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ତାଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ରାଜ୍ୟ ସରକାର କରିଥିବା ବିଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରିବାକୁ ସେମାନେ ନିବେଦନ କରିଛନ୍ତି। ସମସ୍ୟାକୁ ନେଇ ସେମାନଙ୍କୁ ଶୀଘ୍ର ଜଙ୍ଗଲ ଜମି ପଟା ପ୍ରଦାନ କରାଯିବା ନେଇ ପଦକ୍ଷେପ ନେବେ ବୋଲି ଉପାଧ୍ୟକ୍ଷା ଶ୍ରୀମତି ମାଝି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ବରିଷ୍ଠ ଆଦିବାସୀ ନେତା ଦୈତାରି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



DSPL-454

# ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪





- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୧ ଡିସେମ୍ବର ୨୦୨୩ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

### ପଞ୍ଜିକରଣ ପ୍ରକ୍ରିୟା :

- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

### ପଞ୍ଜିକରଣ ଅବଧି :

- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

### ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଡିସେମ୍ବର ମାସ ୩୧ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।

### ଭାଗ ଚାଷୀ :

ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

### କ୍ଷୁଦ୍ର ଓ ନାମମାତ୍ର ଚାଷୀ :

ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

OIPR - 01510/13/0008/2324

For more details visit- www.milletsodisha.com | Follow us on Odisha Millets Mission

# ଅକ୍ଷତ କଳସକୁ ଭବ୍ୟ ସ୍ୱାଗତ

**ତରଭା, ୨୪।୧୨(ସମିସ) :** ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ୫୭ନମ୍ବର ଜାତୀୟ ରାଜପଥ କଡରେ ଥିବା ବଇରାସର ଗ୍ରାମରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



ଗ୍ରାମର ପ୍ରତ୍ୟେକ ଗୃହ ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଆସନ୍ତା ୨୨ ତାରିଖ ଅଯୋଧ୍ୟାଠାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଅକ୍ଷତ କଳସ ସହିତ ଆବେଦନପତ୍ର ଏବଂ ରାମଲାଲାଙ୍କ ମନ୍ଦିରର ଫଟୋଚିତ୍ର ଜାତି ଧର୍ମ ନିର୍ବିଶେଷରେ ସମସ୍ତ ପରିବାରରେ ପହଞ୍ଚାଇ ନିମନ୍ତ୍ରଣ କରଯିବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ମହନ୍ତ ତ୍ୟାଗୀ ନରସିଂହ ଚରଣ ଦାସ, ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାମୋଦର ନାଏକ, ବଇରାସର ଗ୍ରମର ସଂଯୋଜକ ସୁଶୀଲ୍ ଅଗ୍ରୱାଲ, ସୁଧାକର ମହାପାତ୍ର, ଆର୍ତତ୍ରାଣ ମିଶ୍ର, ରାଧେଶ୍ୟାମ ସାହୁ ଏବଂ ମହିଳା ମାନଙ୍କ ମଧ୍ୟରେ ସୁମିତ୍ରା ଅଗ୍ରୱାଲ, ସନ୍ତୋଷନୀ ମହାପାତ୍ର, ମିନତୀ ନାଏକ ଭାଗ୍ୟବତୀ ସାହୁ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ଦୁର୍ଲ୍ଲଭ ବତିଶ ବେଶ ଦର୍ଶନ

**ବୌଦ୍ଧ, ୨୪।୧୨ (ସମିସ)**

ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଲୀଳାକୁ ପ୍ରଚାର ପ୍ରସାର କରିବା ପାଇଁ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପଞ୍ଚ ଦିବସୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗୌରୀ ଗୋପାଳ ସେବାଶ୍ରମ ଟ୍ରଷ୍ଟ ଓ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଲୀଳା ମହୋତ୍ସବ ଗତ ୨୨ ତାରିଖରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ରଥଖଳାଠାରେ ମହାପ୍ରଭୁଙ୍କ ବତିଶ ବେଶ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି। ସମସ୍ତ ବିଗ୍ରହ ନୂତନ ଭାବେ ନିର୍ମାଣ କରାଯାଇ ପୁରୀ ଶ୍ରୀମନ୍ଦିରରେ ବର୍ଷତମାମ ହେଉଥିବା ବିଭିନ୍ନ ପ୍ରକାର ବେଶରେ ମହାପ୍ରଭୁଙ୍କୁ ସଜ୍ଜିତ କରାଯାଇଛି। ପଦ୍ମମୁଖ ବେଶ, ନିତ୍ୟଧୂପ ବେଶ, ନାଗାର୍ଜୁନ ବେଶ, କାଳୀୟ ଦଳନ ବେଶ, ଝୁଲଣ ବେଶ, ନବ ଯୌବନ ବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ଶ୍ରାଦ୍ଧ ବେଶ, ଗିରି ଗୋବର୍ଦ୍ଧନ ବେଶ,



ନବାଙ୍କ ବେଶ, ସୁନା ବେଶ ଇତ୍ୟାଦି ୩୨ ପ୍ରକାର ବେଶରେ ମହାପ୍ରଭୁ ଦର୍ଶନ ଦେଉଛନ୍ତି। ଏହି ଅବସରରେ ଦିନ ତମାମ ପୂଜା ପାଠ ସହିତ ହୋମ ଯଜ୍ଞ କରାଯାଉଛି। ସନ୍ଧ୍ୟାରେ ମହାପ୍ରଭୁଙ୍କ ଲୀଳା, ମହିମା ସମ୍ପର୍କରେ ପ୍ରବଚନ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଭାବେ ଗୌରୀ ଗୋପାଳ ସେବାଶ୍ରମ ଟ୍ରଷ୍ଟର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟକାନ୍ତ ରଥ ଯୋଗଦେଇ ମହାପ୍ରଭୁଙ୍କ ଲୀଳା ସମ୍ପର୍କରେ ପ୍ରବଚନ ପ୍ରଦାନ କରୁଛନ୍ତି। ଏହି ଅବସରରେ ଶ୍ରୀଜଗନ୍ନାଥ ମନ୍ଦିରରେ ଆନନ୍ଦ ବଜାର ଖୋଲାଯାଇ ଛପନ ପ୍ରକାର ଭୋଗ ବିକ୍ରୟ କରାଯାଉଛି। ମହାପ୍ରଭୁଙ୍କ ୩୨ ବେଶ ଦର୍ଶନ ପାଇଁ ବୌଦ୍ଧ ଜିଲ୍ଲା ସମେତ ପୋଡ଼ଶୀ ଜିଲ୍ଲାର ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମକୁ ଆସୁଛନ୍ତି।

# ଆଜି ଖ୍ରୀଷ୍ଟମାସ୍; ଉତ୍ସବମୁଖର ସହର

**ବଲାଙ୍ଗିର, ୨୪।୧୨(ସମିସ) :** ରାତି ପାହିଲେ ଧରାବତରଣ କରିବେ ଯୀଶୁଖ୍ରୀଷ୍ଟ। ମେରି କ୍ରିସମସ, ଜିଙ୍ଗଲବେଲ ଶବ୍ଦରେ ଗୁଞ୍ଜରଣ ହେବ ସାରା ସହର। ଯିଶୁଙ୍କ ଜନ୍ମଦିନ ଓ ଖ୍ରୀଷ୍ଟମାସ ପର୍ବ ପାଳନ କରିବା ପାଇଁ ଖ୍ରୀଷ୍ଟୀୟ ସମ୍ପ୍ରଦାୟ ଉତ୍ସବମୁଖର ହୋଇଉଠିଛି। ଖ୍ରୀଷ୍ଟ ଧର୍ମରେ ଯିଶୁଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ବିବେଚନା କରାଯାଏ। ଯୀଶୁ ଙ୍କ ଜନ୍ମ ହୋଇଥିଲା ତାହା କାହାକୁ ଜଣା ନଥିଲେ ହେଁ ଡିସେମ୍ବର ୨୫କୁ ତାଙ୍କର ଜନ୍ମଦିନ ଭାବରେ ପାଳନ କରାଯାଏ। ଏଥିପାଇଁ ଡିସେମ୍ବର ଆରମ୍ଭରୁ ପ୍ରସ୍ତୁତି ହୁଏ। ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଉପବାସ କରି ପ୍ରଭୁଙ୍କ ପ୍ରାର୍ଥନା କରନ୍ତି। ସେହିଭଳି ଡିସେମ୍ବର ୨୫ ତାରିଖ ଏହି ଧର୍ମାବଲମ୍ବୀ ଲୋକଙ୍କ ଘରଠାରୁ ଆରମ୍ଭ କରି ଚର୍ଚ୍ଚ ପର୍ଯ୍ୟନ୍ତ ସୁସଜ୍ଜିତ ହୋଇଥାଏ। ଲୋକେ କ୍ରିସମସ ଟ୍ରି ଲଗାନ୍ତି। ଶିଶୁମାନେ ସାଣ୍ଟା କ୍ଲସକୁ ଅପେକ୍ଷା କରିଥାନ୍ତି। ସାଣ୍ଟା ଆସି ସେମାନଙ୍କୁ ନାନା ରକମର ଉପହାର ପ୍ରଦାନ କରନ୍ତି। ଦିନସାରା ପ୍ରଭୁଙ୍କ ପ୍ରାର୍ଥନା, ନାଚଗୀତ ଓ ମନୋରଞ୍ଜନରେ ଖ୍ରୀଷ୍ଟପର୍ବକୁ ସେମାନେ ପାଳନ କରିଥାନ୍ତି। ଏହା ମଧ୍ୟ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ।

## ହତ୍ୟା ଘଟଣାରେ ଜଣେ ଗିରଫ

**ମୁରିବାହାଲ, ୨୪।୧୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଇଛାପଡା ପଞ୍ଚାୟତର ସରଗୁଲ ଗ୍ରାମରେ ଏକ ହତ୍ୟା ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲା ବୁଡୁ ଓରଫ କୁଲୁଥ ଭୋଇ। ମୃତ କାଳିଆ କଲେତ (୫୦)ଙ୍କ ପୁଅ ଜଗନ କଲେତ ଏନେଇ ଅଭିଯୋଗ କରିଥିଲେ। ରବିବାର ଫୋରେନସିକ ଟିମ କଳାହାଣ୍ଡିରୁ ଆସି ତଦନ୍ତ କରିଥିବା ବେଳେ ଶବ ବ୍ୟବଚ୍ଛେଦ କଣ୍ଟାବାଞ୍ଜି ଡାକ୍ତରଖାନା ହୋଇଛି।

## ଦୁଇ ଯୁବକଙ୍କୁ ଲୁଟ୍

**ବଲାଙ୍ଗିର, ୨୪।୧୨(ସମିସ):** ବଲାଙ୍ଗିର ରେଲୱେ ଷ୍ଟେସନ୍ ନିକଟ ଉଦୟନଗରରେ ଥିବା ପୋଖରୀ ପାଖରୁରୁ ଫେରୁଥିବା ଦୁଇ ଜଣ ଯୁବକଙ୍କଠାରୁ ମୋବାଇଲ୍ ଫୋନ୍ ଲୁଟିନେଲେ ଦୁର୍ବୃତ୍ତ। ସଂଧ୍ୟାରେ ବଲାଙ୍ଗିର ଟାଉନ୍ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଅପରାହ୍ନ ସମୟରେ ଦୁଇଜଣ ଦୁର୍ବୃତ୍ତ ୨ଟି ମୋବାଇଲ୍ ଫୋନ୍ ଲୁଟି ନେଇ ଟ୍ରେନ୍ ଲାଇନ୍ ଆର ପଟକୁ ଫେରାର୍ ମାରିଥିଲେ। ଏ ସଂପର୍କରେ ରାମଚନ୍ଦ୍ର ଓ ଶୁଭଙ୍କର ପରିବାର ସଦସ୍ୟଙ୍କ ସହ ଆସି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ବିଜେଡି ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**କଣ୍ଟାବାଞ୍ଜି, ୨୪।୧୨(ସମିସ):** କଣ୍ଟାବାଞ୍ଜି ବିଜେଡି ପକ୍ଷରୁ ବିଜେଡି ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ରାମ ମନ୍ଦିରସ୍ଥିତ ମାନସ ଭବନରେ ଟିଟିଲାଗଡ଼ ଏସସିଡି ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂ ଦେଓଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ କଣ୍ଟାବାଞ୍ଜି ତଥା ପାଖପାଖ ଅଞ୍ଚଳର ଲୋକ ଶିବିରର ଲାଭ ଉଠାଇଥିଲେ। ଲୋକଙ୍କୁ ମାଗଣାରେ ୭୩ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୫ ଜଣ ବୃଦ୍ଧବୃଦ୍ଧାଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇ ଟିଟିଲାଗଡ ଏସଡିସି ହସ୍ପିଟାଲ ପଠାଯାଇଛି। ବିଜେଡିର ବରିଷ୍ଠ ନେତା ଅଜୟ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମୁନା ମହାନ୍ତି, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଶାନ୍ତନୁ ବିଭାର, ଦେବରାଜ ଯାଦବ, ଆନନ୍ଦ ଅଗ୍ରୱାଲ, ବାବୁଲି ମହାନନ୍ଦ, ବିଷ୍ଣୁ ବେହେରା, ନଗର ବିଜେଡି ଯୁବ କାର୍ଯ୍ୟକାରୀ ସଭାପତି ବିଶାଳ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ଜିଲ୍ଲା ବିଜେଡି ସଂପାଦକ ଫିରୋଜ ଖାଁ, ଅପରାହ୍ନରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ ଉପସ୍ଥିତ ଥିଲେ।




# ଡିଏଭିରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଟିଟିଲାଗଡ଼, ୨୪।୧୨(ସମିସ):** ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଏହା ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ୯ ଦିନ ଧରି ନୂଆ-ଓ କାର୍ଯ୍ୟକ୍ରମ




ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ପରିଚାଳନା ସମିତି ସଭାପତି ଡ. ଦୋଳଗୋବିନ୍ଦ ବିଶି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଡ ଉମେଶଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଶତପଥୀ ଓ ଯୁକ୍ତ ଦୁଇ ବିଭାଗ ଅଧ୍ୟକ୍ଷ ବିଧାନଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ରମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ବିଧାନ ମିଶ୍ର ବିବରଣୀ ପାଠ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ଗୀତା ବିଶି, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାୟକ ପ୍ରମୁଖଙ୍କ ସହ ମହାବିଦ୍ୟାଳୟର ସମସ୍ତ ବର୍ଗର କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନୂଆ ଓଡ଼ିଶା, ଯୁବ ଓଡ଼ିଶାର ଉଦ୍‌ଯାପନୀ ସମାରୋହ

**ହରଭଙ୍ଗା, ୨୪।୧୨ (ସମିସ):** ପୁରୁଣାକଟକ ଭୈରବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦଯାପନୀ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଧରିତ୍ରୀ ରାଣୀ କାନୁନଗୋଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥିଭାବେ ଉପଜିଲ୍ଲାପାଳ ରବୀନ୍ଦ୍ର ନାଥ କହଁର, ନୋଡାଲ ଅଫିସର ଅଧ୍ୟାପକ ପ୍ରଶାନ୍ତ କୁମାର ସେଠି ମଞ୍ଚାସିନ ରହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରଞ୍ଜନ ପାଣିଗ୍ରାହୀ ଓ ଦେବାଶିଷ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।




# ଆଶୁକବି ହେମନ୍ତ ଦାଶ ପାଇଲେ ଚିନ୍ମୟ ସାରସ୍ୱତ ସମ୍ମାନ



**ତୁଷୁରା, ୨୪।୧୨ (ସମିସ):** ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ କଟକ, ପୂଜ୍ୟପୂଜା ପରିଷଦ କଟକ, ଅଗ୍ନିସ୍ଫୁଲିଙ୍ଗ ରାଉରକେଲା ଓ ଚିନ୍ମୟ ସାହିତ୍ୟ ସଂସଦ କଟକର ମିଳିତ ଆନୁକୂଲ୍ୟରେ କର୍ମବୀର ଗୌରୀଶଙ୍କର ଟାଉନହଲ କଟକରେ ରବିବାର ଅନୁଷ୍ଠିତ ୪୭ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ତୁଷୁରାର ନିଷାନ୍ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଂପାଦକ ଆଶୁକବି ହେମନ୍ତ ଦାଶ ଚିନ୍ମୟ ସାରସ୍ୱତ ସମ୍ମାନ-୨୦୨୪ ପୁରସ୍କାର ଗ୍ରହଣ କରିଛନ୍ତି। ରାଜନୈତିଜ୍ଞ ତଥା ସନ୍ଥ ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଦାଶଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କବିଥିଲେ। ଓଡିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ମନସ୍ୱିନୀର ମୁଖ୍ୟ ସଂପାଦକ କବି ସାରଥୀ ଡଃ ଗିରିଜା ଶଙ୍କର ଶ୍ରୀଚନ୍ଦନ ମହାପାତ୍ର ମଞ୍ଚାସୀନ ଥିଲେ। ପରେ ଶ୍ରୀ ଦାଶଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ବିଜେଡିରେ ସାମିଲ ହେଲେ ୫ ପଞ୍ଚାୟତବାସୀ

**ଟିଟିଲାଗଡ଼, ୨୪।୧୨(ସମିସ):** ଟିଟିଲାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ରବିବାର ଟିଟିଲାଗଡ଼ ବ୍ଲକ୍‌ର ୫ଟି ପଞ୍ଚାୟତର ସହସ୍ରାଧିକ ଲୋକ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଅନେକ କଂଗ୍ରେସ ଦଳର କର୍ମୀ ଓ ଜନପ୍ରତିନିଧି ପୁରୁଷ ଓ ମହିଳା ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି। ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରି ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଆଉ ଦୃଢ଼ କରିବାକୁ ଶ୍ରୀମତୀ ସାହୁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ କଂଗ୍ରେସ କର୍ମୀ ଲଳିତ ସାହୁ ଓ କୁସକେଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱ ମାଝୀ ଓ ତାଙ୍କ ସମର୍ଥକ ସାମିଲ ହୋଇଥିଲେ।



# କୋଚ୍ ଶିବପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ ଉଦ୍‌ଯାପିତ; ବଲାଙ୍ଗିର ଏଫ୍‌ସି ଚାମ୍ପିଅନ

**ବଲାଙ୍ଗିର, ୨୪।୧୨(ସମିସ):** ସାତଦିନ ଧରି ଖଲିଆପାଲି ଆମ୍ବେଦକର ଷ୍ଟାଡିୟମଠାରେ ଚାଲିଥିବା କୋଚ ଶିବପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଫାଇନାଲ ମ୍ୟାଚରେ ବଲାଙ୍ଗିର ଏଫସି ଦଳ ବୌଦ୍ଧ ଆଇଆରବି ବାଟାଲିୟାନକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ସ୍ପୋର୍ଟସ୍ ହଷ୍ଟେଲ ବଲାଙ୍ଗିର ଓ ଜଗନ୍ନାଥ ସ୍ପୋର୍ଟିଂ ଖଲିଆପାଲିର ମିଳିତ ଆନୁକୂଲ୍ୟରେ ଚାଲିଥିବା ପ୍ରତିଯୋଗିତାରେ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୮ଟି ବଛାବଛା ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁପ୍ରିମଟାସ୍କ ରାଷ୍ଟ୍ରୀୟ ନିର୍ଦ୍ଦେଶକ ତଥା କଲେଜ ଅଫ୍ ନର୍ସିଂ ଅଧ୍ୟକ୍ଷ ଅଜିତ ପାଲ ବିଜେତା ବଲାଙ୍ଗିର ଏଫ୍‌ସିକୁ ଟ୍ରଫିସହ ୧୦ହଜାର ଟଙ୍କା ଓ ଉପବିଜେତା ବୌଦ୍ଧ ଆଇଆରବିଏନ୍ କୁ ଟ୍ରଫି ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ



ପରାଶର ବାଗ, ସମ୍ପାଦକ ଅଭିମନ୍ୟୁ ପାଣ୍ଡେ, ସୁପ୍ରିମ ଟାସ୍କ ଅତିରିକ୍ତ ନିର୍ଦ୍ଦେଶକ ପ୍ରବିଣ ନାଗ, ମ୍ୟାନେଜର ସତ୍ୟସୁନ୍ଦର ଦୀପ, ପୂର୍ବତନ ଖେଳାଳି ଶ୍ରୀଧର ସେଠ, ବିରେନ ସୁନା, ନିକାଞ୍ଜଳ ପଧାନ ଓ ଓମପ୍ରସାଦ ବିଶ୍ୱାଳ ମଞ୍ଚାସୀନ ଥିଲେ। ଖେଳକୁ ରେଫରି ଭାବେ ସଞ୍ଜୀବ ମହାରଣା, ସୁଧାଂଶୁ ସେଠ, ପୁରୁଷୋତ୍ତମ ବୁଡେକ ଓ ନିଶାରକାନ୍ତ ନାଗ ପରିଚାଳନା କରିଥିଲେ। ଶରତ ନନ୍ଦ ମ୍ୟାଚ କମିଶନର ଥିଲେ। ଆଖପାଖ ଅଞ୍ଚଳର ପ୍ରାୟ ୩ ହଜାର ଲୋକେ ଖେଳକୁ ଉପଭୋଗ କରିଥିଲେ।

## ପାଓମେକ୍ସ ଜିଏମ୍‌ଙ୍କୁ ପୋଡ଼ି ହତ୍ୟା ମାମଲା

# ବିଚାରାଧୀନ ରୋଗଗ୍ରସ୍ତ କଏଦୀଙ୍କ ମୃତ୍ୟୁ

**ସମ୍ବଲପୁର, ୨୪।୧୨(ସମିସ):** ସମ୍ବଲପୁର ମଣ୍ଡଳ କାରାଗାରରେ ବିଚାରଧୀନ ଥିବା କଏଦୀ ଭକ୍ତଚନ ମାଝୀ (୬୦)ଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଟିଟିଲାଗଡ଼ ଜିଏମଙ୍କୁ ପୋଡି ହତ୍ୟା ମାମଲାରେ ଗିରଫ ହୋଇ ସେ ଗତ ମେ ମାସରୁ ସମ୍ବଲପୁର ଜେଲ୍‌ରେ ଥିଲେ। ସେ କିଡିନି ରୋଗ ସହିତ ବାର୍ଦ୍ଧକ୍ୟ ଜନିତ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ବାରମ୍ବାର ବୁର୍ଲା ଓ ଜିଲ୍ଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତ ଗୁରୁବାର ଭିମସାରରୁ ଡିସଚାର୍ଜ ହୋଇ ଫେରିଥିଲେ। ଆଜି ପୁଣି ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତଦେହ ଡିଏଚଏଚ ଫ୍ରିଜରରେ ରଖାଯାଇଛି। ଆସନ୍ତାକାଲି ପରିବାର ବର୍ଗ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ସଂଯୁକ୍ତା ମିଶ୍ରଙ୍କ ପରଲୋକ

**ବଲାଙ୍ଗିର, ୨୪।୧୨(ସମିସ):** ଚନ୍ଦ୍ରଶେଖର ନଗରସ୍ଥିତ ବୃନ୍ଦାବନ ମିଶ୍ରଙ୍କ ଧର୍ମପତ୍ନୀ ସଂଯୁକ୍ତା ମିଶ୍ରଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ୩ ପୁତ୍ର ସୁଜିତ, ରଞ୍ଜିତ ଓ ବିଶ୍ୱଜିତ, ପୁତ୍ରବଧୂ ଅଙ୍କିତା, ଲିପିକା, ଦିବ୍ୟସ୍ମିତା, ଭାଇ ବାବୁଲା ଓ ବାପି, ଭାଇବୋହୁ ଭାରତୀ, ସୁଜାତା, ଭଉଣୀ ତନୟା ଆଚାର୍ଯ୍ୟ, ହୋଟେଲ ଇନ୍ଦ୍ରପ୍ରସ୍ଥ ମାଲିକ ଅନନ୍ୟା ଦାଶ, ସ୍ୱାମୀ ରାମ ଦାଶ, ସମୁଧି ରଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରିନ୍ସପାଲ ପ୍ରଫେସର ବିନୟ ଜେନା, ପୁତୁରା ଶିବୁନ, ଲିପୁନ, ଶ୍ରୀକାନ୍ତ, ଅଟଳ ଓ ଇନ୍ଦ୍ରଜିତ ଉପସ୍ଥିତ ଥିଲେ। ତାଙ୍କର ମଧ୍ୟମ ପୁତ୍ର ରଞ୍ଜିତ ମିଶ୍ର ମୁଖାଗ୍ନି ଦେଇଥିଲେ। ବିଭୂତିପଡ଼ାସ୍ଥିତ ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଶତାଧିକ ଲୋକ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ପରିଚିତ ମହଲରେ ଏବଂ ଚନ୍ଦ୍ରଶେଖର ନଗରରେ ଶୋକ ଖେଳିଯାଇଛି।



### ଉଚ୍ଚ ଶିକ୍ଷା ବିଭାଗକୁ ଆସୁଛି ପୁଳାପୁଳା ଅଭିଯୋଗ

# ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୧୨(ସମିସ):** ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ବିରୋଧରେ ଆସୁଛି ପୁଳାପୁଳା ଅଭିଯୋଗ। ଦୁର୍ବ୍ୟବହାର, ମାନସିକ ଓ ଶାରୀରିକ ନିର୍ଯ୍ୟାତନା, ଅର୍ଥ ହେରଫେର, ଘରୋଇ ଟ୍ୟୁସନ୍, ପ୍ରଶାସନିକ କାର୍ଯ୍ୟରେ ଅବହେଳା ପରି ଗୁରୁତର ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନେଇ କଠୋର ଆଭିମୁଖ୍ୟ ପୋଷଣ କରିଛି ଉଚ୍ଚଶିକ୍ଷା ବିଭାଗ। ଏହି ଅଭିଯୋଗର ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅନ୍ତର୍ଗତ ସୁବର୍ଣ୍ଣପୁର ବୀରମହାରାଜପୁର କଲେଜ ଅଧ୍ୟକ୍ଷଙ୍କ ନାମରେ ସେହି କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରକାଶ କୁମାର ସେଠ୍ ମାନସିକ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି। ବୌଦ୍ଧ ପଞ୍ଚାୟତ କଲେଜର ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ବିଦ୍ୟୁତ୍‌ନନ୍ଦ ବସ୍ତିଆଙ୍କ ନାମରେ ବିଭିନ୍ନ ଅଭିଯୋଗର ବିଭାଗୀୟ ତଦନ୍ତ ଚାଲୁଥିବାରୁ ଆର୍ଥିକ ମଞ୍ଜୁରୀ ନ ଦେବା ପାଇଁ ସେହି କଲେଜର କର୍ମଚାରୀ ଅଭିଯୋଗ କରିଛନ୍ତି। ଦେବଗଡ଼ ରେଙ୍ଗାଲିବେଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କ ନାମରେ ସେଠାକାର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦୁର୍ନୀତି ଅଭିଯୋଗ ଅଣାଯାଇଛି। ବିନିକା କନିଷ୍ଠ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା, ସୋନପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ଓ କର୍ମଚାରୀ ଆର୍ଥିକ ହେରଫେର କରିଥିବା ସଂକ୍ରାନ୍ତରେ ଅଭିଯୋଗ ପହଞ୍ଚିଛି। ସେହିପରି ବଲାଙ୍ଗିର କନିଷ୍ଠ ମହାବିଦ୍ୟାଳୟ ଦୁଇଜଣ ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଗଞ୍ଜାମ ବୁଗୁଡ଼ା ବଳଦେବଜିଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ପିପୁଲ୍ସ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଘରୋଇ ଟ୍ୟୁସନରେ ଲିପ୍ତ ରହି କଲେଜରେ ଶିକ୍ଷାଦାନରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଢ଼ୁରା ରାମନାରାୟଣ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ, ଗାନ୍ଧି ନଗର ମହାମାୟା ମହିଳା ମହାବିଦ୍ୟାଳୟଅଧ୍ୟକ୍ଷ, ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ, ଗଞ୍ଜାମ ଭାଙ୍କରଡ଼ା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନାମରେ ବିଭିନ୍ନ ଅଭିଯୋଗ ବିଭାଗର ହସ୍ତଗତ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଏହି ସବୁ ଅଭିଯୋଗକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। ଏହି ସମସ୍ତ ଅଭିଯୋଗର ତଦନ୍ତ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂର୍ବରୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ୧୧ଟି ଓ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ୪ଟି କଲେଜରୁ ଆସିଥିବା ଅଭିଯୋଗର ତଦନ୍ତ କରିବାକୁ ଗତ ୨୦ ତାରିଖରେ ବିଭାଗ ମଧ୍ୟ ନିର୍ଦ୍ଦେଶ ଦେଇଛି।

# ଓଲଟିଲା ଏସିଡ୍ ବୋଝେଇ ଟ୍ୟାଙ୍କର

**ବାହାନଗା,୨୪।୧୨(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଭଗତପୁର ସ୍ଥିତ ନୋଟନେଭ ବାୟୋ ସାଇନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ଏକ ହାଇଡ୍ରୋକ୍ଲୋରାଇଡ ଏସିଡ ବୋଝେଇ ଟ୍ୟାଙ୍କର ଆସୁଥିଲା।



**ଗ୍ୟାସ୍ ଲିକ୍ ବନ୍ଦକଲା ଅଗ୍ନିଶମ ବିଭାଗ**

ଟ୍ୟାଙ୍କରଟି ଭାରସାମ୍ୟ ହରାଇ କମ୍ପାନୀର ଅନତି ଦୂରରେ ଭଗତପୁର ଗ୍ରାମର ରାସ୍ତା ପାଶ୍ୱର୍ ବିଲକୁ ଓଲଟି ପଡ଼ିଥିଲା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ଅନୁସାରେ ଶନିବାର ଗଞ୍ଜାମରୁ ହାଇଡ୍ରୋକ୍ଲୋରାଇଡ୍ ଏସିଡ ଏକ ଟ୍ୟାଙ୍କରରେ ବୋଝେଇ ହୋଇ ଭଗତପୁର ସ୍ଥିତ ନୋଟନେଭ୍ ବାୟୋସାଇନ୍ସ କମ୍ପାନୀକୁ ଆସୁଥିବା ବେଳେ ଭଗତପୁର ଗ୍ରାମର ଅଙ୍କାବଙ୍କା ରାସ୍ତାରେ ଭାରସାମ୍ୟ ହରାଇ ପାଶ୍ୱର୍ ବିଲକୁ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ହାଇଡ୍ରୋ କ୍ଲୋରାଇଡ଼ ଏସିଡ ଲିକ ହୋଇଥିଲା। ଫଳରେ ସେହି ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଗ୍ରାମବାସୀ ଗ୍ୟାସ ଲିକ ଯୋଗୁଁ ଭୟଭୀତ ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ଏନେଇ ଜିଲ୍ଲା ଅଗ୍ନିଶମ ବିଭାଗର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବାହାନଗା ଅଗ୍ନିଶମ ବିଭାଗର ଦମକଳ ବାହିନୀଙ୍କୁ ଡାକି ଗ୍ୟାସ ଲିକକୁ ବନ୍ଦ କରିଥିବା ଜଣାପଡ଼ିଛି। ପରେ ଖନ୍ତାପଡ଼ା ପୁଲିସ ସହାୟତାରେ ଗ୍ୟାସ ଟ୍ୟାଙ୍କରଟିକୁ କମ୍ପାନୀ ମଧ୍ୟକୁ ନିଆଯାଇଥିବା ଜଣାପଡିଛି।

# ଡିସେମ୍ବର ୨୫ ଓ ଜାନୁଆରୀ ୧ରେ ଖୋଲା ରହିବ ନନ୍ଦନକାନନ

**ବାରଙ୍ଗ, ୨୪।୧୨ (ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ଡିସେମ୍ବର ୨୫ ଓ




ଜାନୁଆରୀ ୧ରେ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିବ। ଏନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୨୫ (ବଡ଼ଦିନ) ଏବଂ ଜାନୁଆରୀ ୧ (ନୂଆବର୍ଷ) ସୋମବାର ପଡୁଥିବାରୁ ଉଭୟ ଦିନ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ଖୋଲା ରହିବ। ତାର ପରଦିନ ଅର୍ଥାତ ମଙ୍ଗଳବାର ଉଭୟ ଉଦ୍ୟାନ ବନ୍ଦ ରହିବ ବୋଲି ଏକ ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ପ୍ରତି ସପ୍ତାହର ସୋମବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବନ୍ଦ ରହିଥାଏ। ତେବେ ଡିସେମ୍ବର ୨୫ ଓ ଜାନୁଆରୀ ୧ରେ ପର୍ଯ୍ୟଟକଙ୍କ ବୃଦ୍ଧିକୁ ଆଖି ଆଗରେ ରଖି ନନ୍ଦନକାନନ ଖୋଲା ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

■ ଭିତରକାଠରେ ରକ୍ତ ଛିଟା

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୨୪।୧୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ରକ୍ତ ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ବର୍ତ୍ତମାନ ଶ୍ରୀମନ୍ଦିରରେ ପହିଲି ଭୋଗ ଚାଲିଛି। ଏଥିପାଇଁ ଭୋର ୫ଟାରେ ଦ୍ୱାର ଫିଟିଥିଲା। ଭୋର ୫ଟା ୪୫ରେ ମଙ୍ଗଳ ଆଳତି ବଢି ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୧ଟା ୨୦ରେ ସକାଳଧୂପ ବଢିଥିଲା। ଶ୍ରଦ୍ଧାଳୁମାନେ ଭିତର କାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଭିତର କାଠରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ବଢିବା ପରେ ନୀତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଉଦ୍ଧ୍ୱର୍ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ତେବେ ରକ୍ତ କିପରି ପଡିଥିଲା ତାହା ଜଣାପଡି ନାହିଁ।

# ରାଉରକେଲା ବିମାନବନ୍ଦରରେ ଲାଗିବ ଏସିୟୁ

**ଭୁବନେଶ୍ୱର,୨୪।୧୨(ସମିସ):** ଖୁବ୍ ଶୀଘ୍ର ରାଉରକେଲା ବିମାନବନ୍ଦରରେ ଆପ୍ରୋଚ୍ କଣ୍ଟ୍ରୋଲ ୟୁନିଟ୍ (ଏସିୟୁ) କାର୍ଯ୍ୟକାରୀ ହେବ। ଏଥିପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ବର୍ଷ ଫେବୃଆରୀ ମାସରେ ଖ୍ୟାତିସମ୍ପନ୍ନ ଏଫ୍ଆଇଏଚ୍ ପ୍ରୋଲିଗ୍ (ପୁରୁଷ ଓ ମହିଳା) ପାଇଁ ରାଉରକେଲା ସହ ଆୟୋଜକ ଅଛି। ଏପରିସ୍ଥଳେ ରାଉରକେଲା ବିମାନନ୍ଦରର ଦକ୍ଷତା ବୃଦ୍ଧି ପାଇଁ ଚଳିତ ମାସ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଏଏଆଇକୁ ପତ୍ର ଲେଖି ଏସିୟୁ କାର୍ଯ୍ୟକ୍ଷମ କରିବା ପାଇଁ ନିବେଦନ କରିଥିଲେ। ରାଉରକେଲା ବିମାନବନ୍ଦରକୁ ୨-ସି ଏୟାରପୋର୍ଟ ମାନ୍ୟତା ମିଳିଡିବା ବେଳେ ତାହାକୁ ୩-ସି’କୁ ଉନ୍ନୀତ କରିବା ଲାଗି ଯୋଜନା ଅଛି।

### ପୁରୀ ଓ ଶ୍ରୀମନ୍ଦିର ପ୍ରତି ଅପମାନ

# ସିଂହଦ୍ୱାର ଥାନାରେ ସେବାୟତଙ୍କ ଏତଲା

**ପୁରୀ,୨୪।୧୨(ସମିସ):** ବିଭିନ୍ନ ସମୟରେ ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ପୁରୀ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନ କରାଯାଇଛି। ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଅଦିନିଆ ରଥଯାତ୍ରାଠୁ ଆରମ୍ଭ କରି ଅନେକ ସମୟରେ ଶ୍ରୀମନ୍ଦିର ନାଁରେ ଅନ୍ୟ ମନ୍ଦିରର ପ୍ରଚାର ପ୍ରସାର କରାଯିବାର ଚଞ୍ଚକତା ହେଉଛି। ପୂର୍ବରୁ ୱେବ୍ ଚ୍ୟାନେଲ ଲିଗାଲ ଇଣ୍ଡିଆ ଏବଂ ରିଲିଜିୟନ ୱାର୍ଲ୍ଡ ବାଲେଶ୍ୱରର ଏକ ଜଗନ୍ନାଥ ମନ୍ଦିରକୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭାବେ ଦର୍ଶାଇଥିଲେ। ଏବେ ପୁଣି ଏହାର ପୁନରାବୃତ୍ତି ଘଟିଛି। ଆଇଏସ୍ ବାବା ନାମକ ଏକ ଆପ୍ ଶ୍ରୀମନ୍ଦିର ନାଁରେ ଭିନ୍ନ ମନ୍ଦିର ରଖିଥିବା ବେଳେ ପୁରୀ ନାଁକୁ ‘ପୁରୋ’ ବୋଲି ଦର୍ଶାଇଛି। ଫଳରେ ଏହାକୁ ନେଇ ରବିବାର ସିଂହଦ୍ୱାର ଥାନାରେ ଏତଲା ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ। ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ।

ସେବାୟତ ଶ୍ରୀ ଖୁଣ୍ଟିଆ ଅଭିଯୋଗ କରିଛନ୍ତି ଯେ, ଆଇଏସ୍ ବାବା ନାମକ ଏକ ଆପ୍ ଶ୍ରୀମନ୍ଦିରର ଅପପ୍ରଚାର କରୁଛି। ଶ୍ରୀମନ୍ଦିର ଉଲ୍ଲେଖ କରି ସେଥିରେ ଏଭ ଭିନ୍ନ ମନ୍ଦିରର ଫଟୋ ଦେଇଛି। ସେହିପରି ପୁରୀର ନାଁକୁ ଅପଭ୍ରଂଶ କରି ପୁରୋ ବୋଲି ଉଲ୍ଲେଖ କରିଛି। ଏହି ଘଟଣାକୁ କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ଭାବାବେଗକୁ କୁଠାରଘାତ କରିଛି। ତେଣୁ ସେ ଏହି ସଂସ୍ଥାର ପ୍ରତିଷ୍ଠାତା ମୋହନ କୁମାର ଓ ଅତାବ ଅଲ୍ଲୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଏଭଳି ଘଟଣାକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀମନ୍ଦିରକୁ କିପରି ସେମାନେ ଚିହ୍ନି ପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭକ୍ତ ମହେନ୍ଦ୍ର ବେହେରା। ଏଭଳି ଷଡ଼ଯନ୍ତ୍ର କିଭଳି ଏବଂ କାହିଁକି କରାଯାଇଛି ତାହାର ବିଧିବଦ୍ଧ ଭାବେ ତଦନ୍ତ କରାଯିବା ଦରକାର। ଯିଏ ଦୋଷୀ ଜଣାପଡିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କହିଛନ୍ତି।

# CBSE BOARD EXAMINATION 2023-24
# PROBABLE QUESTION PAPER
## CLASS-X, SUB- ENGLISH

**SECTION – A READING SKILLS**

**1. Read the following Text.** **(10)**

1. The choices we make on a daily basis—wearing a seatbelt, lifting heavy objects correctly or purposely staying out of any dangerous situation–can either ensure our safety or bring about potentially harmful circumstances.

2. You and I need to make a decision that we are going to get our lives in order. Exercising self-control, self-**discipline** and establishing boundaries and borders in our lives are some of the most important things we can do. A life with out discipline is one that's filled with carelessness.

3. We can think it's kind of exciting to live life on the edge. We like the image of "Yeah! That's me! Living on the edge! Woo-hoo !" It's become a popular way to look at life. But if you see, even highways have lines, which provide margins for our safety while we're driving. If we go over one side, we'll go into the ditch. If we cross over the line in the middle, we could get killed. And we like those lines because they help to keep us safe. Sometimes we don't even realise how lines help to keep us safe.

4. I'm not proud of this, but for the first 20 years of my life at work, I ignored my limits. I felt horrible, physically, most of the time. I used to tell myself "I know I have limits and that I've reached them, but I'm going to ignore them and see if or how long I can get by with it." I ran to doctors, trying to make myself feel better through pills, vitamins, natural stuff and anything I could get my hands on. Some of the doctors would tell me, "It's just stress." That just made me mad. I thought stress meant you don't like what you do or can't handle life, and I love what I do. But I kept pushing myself, travelling, doing speaking engagements and so on— simply exhausting myself.

5. Finally,I understood I was living an unsustainable life and needed to make some changes in my outlook and lifestyle.

6. You and I don't have to be like everyone else or keep up with anyone else. Each of us needs to be exactly the way we are, and we don't have to apologise for it. We're not all alike and we need to find a comfort zone in which we can enjoy our lives instead of making ourselves sick with an overload of stress and pressure.

**Based on your understanding of the passage, answer the following questions.**

**(i) The reason why living on the edge has become popular, is because of the:**
(a) constant need for something different.
(b) population being much younger.
(c) exhausting effort to make changes.
(d) strong tendency to stay within our limits.

**(ii) Choose the option that best captures the central 'idea of the passage from the given quotes**
(1) Its all about quality of life and finding a happy balance between work & friends . - Phillip Green
(2) to go beyond is as wrong as to fall short . - Confucios
(3) Life is riding a bicycle. To keep your balance you must keep moving. - Albert Einstein
(4) Balance is not something you find, it's something you create. - Kingsford
(a) Option (1) (b) Option (2) (c) Option (3) (d) Option (4)

**(iii) Which of the characteristics are apt about the writer in the following context: "I know I have limits and that I've reached them but I'm going to ignore them and see if or how long I can get by with it"?**
1. Negligent 2. Indecisive 3. Spontaneous
4. Reckless 5. Purposeless 6. Patient
(a) 2 and 5 (b) 3 and 6 (c) 1 and 4 (d) 2 and 3

**(iv) Which of the following will be the most appropriate title for the passage?**
(a) Much too soon (b) Enough is enough
(c) How much is too much? (d) Have enough to do?

**(v) The phrase "potentially harmful circumstances" refers to circumstances that can:**
(a) certainly be dangerous (b) be fairly dangerous
(c) be possibly dangerous (d) seldom be dangerous

**(vi) Select the option that makes the correct use of "unsustainable", as used in pars 5.**
(a) In the long run, the unsustainable officials followed emergency procedures.
(b) Emergency procedures were unsustainable by the officials.
(c) Officials reported an unsustainable set of events during the emergency.
(d) Officials admit that the emergency system is unsustainable in the longer run.

**(vii) Choose the option that correctly states the two meanings of 'outlook', as used in the passage.**
1. A person's evaluation of life 2. A person's experiences in life
3. A person's point of view towards life 4. A person's regrets in life
5. A person's general attitude to life
(a) (1) and (4) (b) (2) and (3) (c) (3) and (5) (d) (4) and (5)

**(viii) The author uses colloquial words such as "yeah, and "Woo-hoo!". Which of the following is NOT a colloquial word?**
(a) Hooked (b) Guy (c) Stuff (d) Stress

**(ix) The author attempts to offer advice to ...... ....... through this write-up.**

**(x) What does the author mean when he says, "to get our lives in order"?**

**SECTION – B- WRITING AND GRAMMAR**

**2. Attempt any Ten of the following questions :** (10 x 1 = 10)

(i) Reena always _____ the truth.
(a) speak (b) speaks (c) will speak (d) speaking

(ii) Select the correct option to fill in the blank for the given line :
Bread and butter _____ my favourite breakfast.
(a) is (b) am (c) are (d) has been

(iii) Read the conversation between two friends Ravi and Reena. Complete the sentence by reporting Reena's reply correctly.
Ravi : "Reena, lend me hundred rupees'.
Reena : "I don't have it right now, but I will arrange it for you".
Ravi asked Reena to lend him hundred rupees, to which Reena replied that _____.

iv) Select the option that identifies the error and supplies the correction for the following line :
I can run fast when I was young.

| Option no. | Error | Correction |
|---|---|---|
| a | was | is |
| b | run | ran |
| c | can | could |
| d | when | whence |

(v) Complete the given narrative, by filling in the blank with the correct option :
Heena _____ from fever since last Sunday.
(a) suffered (b) will suffer (c) suffer (d) has been suffering

(vi) Fill in the blank by using the correct word in the bracket.
Anyas_____ (eat) all the chocolates kept in the tray.
(a) ate (b) eating (c) have eaten (d) eaten

(vii) Report the dialogue between a mother and a daughter by completing the sentence :
Mother : Why are you looking so worried ?
Daughter : My exams are approaching. In response to the question of the mother, the daughter replied that _____.

(viii) Identify the error in the given sentence :
The ship Titanic and her fate continues to fascinate the imagination of the people.
Use the given format for your response :
Error Correction

(ix) Ritu and Randeep are talking.
Report Ritu's question.
Ritu – Where are you going ?
Ritu asked _____.

(x) Fill in the blank by choosing the correct option, to complete the slogan :
_____ smile and pass it to others.
(a) Happy (b) Short (c) Always (d) Humble

(xi) Select the correct option to complete the narration of the dialogue between Anil and Sanjeev :
Anil : Where are you going ?
Sanjeev : To the airport.
Anil : May I drop you there as I'm going in that direction ?
Anil asked Sanjeev where he was going and offered to drop him as ____.
(a) he could be going in that direction (b) he would be going in the direction
(c) he is going in the direction (d) he was going in that direction

(xii) Identify the error in the newspaper headline.
Attractive packages for different Tourist destination – Mizoram, Kashmir, Kerala, Goa.
Use the given format for your response :
Error Correction

**3. Attempt the questions given below :** (5x2)

**(A)** You are Ruchita/Ruchit. Write a letter in about 100 120 words to the editor of a leading daily, voicing your concern about the increasing cost of living, rise in prices of daily edible items and other products. The common man whose earning does not increase correspondingly is hit hard in these circumstances and even resorts to desperate measures. There is an increase in unemployment and petty crime.

**(B)** The chart below displays details regarding online activity for four age groups in six categories. Write an analytical paragraph for the table provided in about 100 words.

| Activity% | Age | Age | Age | Age |
|---|---|---|---|---|
| | Teens | 20s | 30s | 40s |
| News | 76 | 71 | 72 | 78 |
| Downloads | 85 | 55 | 35 | 25 |
| Buying a product | 44 | 66 | 67 | 69 |
| Online games | 88 | 55 | 36 | 28 |
| Searching for a product | 0 | 77 | 81 | 85 |
| Searching for people | 6 | 33 | 22 | 21 |

**SECTION C Literature Text Book and Supplementary Reading Text**

**4. Read the following extract and answer the questions that follow :** (5)

"Don't you want to have a look a the sights, now that you're here ?
" All by myself ? Oh, I'd be much too afraid "
Greatly amused by the girl's way of speaking, the conductor said,
"But you were not afraid to come in the bus"
" Nothing to be afraid about that," she answered.

(i) Why did the girl not want to look at the sights? 2
(ii) Fill in the blank with one word only. 1
The conductor's __________clearly comes through when he hears the girl speaking.
(iii) Select the option that correctly captures the application of the word as used in the extract.
(a) Rashid could not sight the tiger. 1
(b) Rashi lost his sight in the left eye.
(c) The General ordered the soldiers not to shoot at sight when they saw the enemy.
(d) Rashid was fascinated by the sights of the city as he went
(iv) Complete the analogy using a word from the text. 1
entertained : amused : : apprehensive : ________.

**5. Answer the following questions in about 40 -50 words each :** (3x3)
(a) Why was the young seagull afraid to fly with his family members ?
(b) Why does Anne think that ' paper' has more patience than 'people'?
(c) The people of Coorg have a tradition of courage and bravery. How has it been recognized in modern India ?

**6. Answer the following questions in about 40 - 50 words each :** (3x2)
(a) Describe Max as a secret agent.
(b) " What does the phrase 'honour among thieves' mean ? Why does Horace get angry at this phrase ?

**7. Answer the following questions in about 100 - 120 words :** (6x2)
(a) Timely help and sympathy are a great help for those who are in grief. Gautama Buddha helped Kisa Gotami by his kind words and guidance in overcoming her grief. It is a big relief for grieving persons if support and care are extended to them. How are kindness and sympathy important in a peaceful and joyful life ?

(b) 'Education is considered the most important tool for empowering women in society. It plays an important role in social and cultural development' . Prove the above statement in the light of the story " Bholi"

**ANSWER KEY**

**1. (i)** (a), **(ii)**(d), **(iii)** (c), **(iv)** (c), **(v)** (c), **(vi)** (d), **(vii)** (c), **(viii)** (d), **(ix)** the readers
**(x)** The author means to say 'to organise our lives

**2. (i)** (b) **(ii)** (a) **(iii)** she did not have it right then but she would arrange it for him.
**(iv)** (c) **(v)** (d) **(vi)** (a) **(vii)** her exams were approaching
**(viii)** Error: Continues Correction : Continue **(ix)** Randeep where he was going
**(x)** (c) **(xi)** (d) **(xii)** Error: Destination Correction: Destinations

**4. (i)** she feared of going out
**(ii)** amusement/ playfulness / curiosity / any other synonym (any one ), **(iii)** (d), **(iv)** afraid

Courtesy :
**ARYAVART ANCIENT ACADEMY, KHORDHA**
A SENIOR SECONDARY SCHOOL
Web. www.aaaschool.in

# ମହିଳା ଟେଷ୍ଟ: ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ପ୍ରଥମ ବିଜୟ

ମୁମ୍ବଇ,୨୪ ।୧୨(ଏଜେନ୍ସି)

ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ମହିଳା ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତୀୟ ଦଳ ୮ ୱିକେଟରେ ବିଜୟୀ ହୋଇଛି। ଗତ ୨୭ ବର୍ଷ ମଧ୍ୟରେ ମହିଳା କ୍ରିକେଟ ଇତିହାସରେ ଏଥିସହ ଭାରତ ଅଷ୍ଟ୍ରେଲିଆକୁ ପ୍ରଥମଥର ପାଇଁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ଚତୁର୍ଥ ଦିବସରେ ଭାରତ ମ୍ୟାଚ୍ ହାତେଇ ନେଇଛି। ପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ୫ଟି ଟେଷ୍ଟ ସିରିଜରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅଷ୍ଟ୍ରେଲିଆ ୩ଟି ସିରିଜ ଜିତିଥିବା ବେଳେ ଦୁଇଟି ସିରିଜ ଅମୀମାଂସିତ ରହିଥିଲା।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୭୭.୪ ଓଭରରେ ୨୧୯ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ପାଳିରେ ୧୨୬.୩ ଓଭରରେ ୪୦୬ ରନକରି ଆଉଟ ହୋଇ ୧୮୭ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳିରେ ଅଷ୍ଟ୍ରେଲିଆ ୧୦୫.୪ ଓଭରରେ ୨୬୧ ରନକରି ଅଲଆଉଟ ହୋଇଥିଲା। ଫଳରେ ଭାରତ ସମ୍ମୁଖୀରେ ୭୫ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ଭାରତ ରବିବାର ଚତୁର୍ଥ ତଥା ଅନ୍ତିମ ଦିବସରେ ୧୮.୪ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଥମ ପାଳିରେ ୩ ଓ ଦ୍ୱିତୀୟରେ ୪ ୱିକେଟ କରିଥିବା ଭାରତୀୟ ଅଫ୍ ସ୍ପିନର ସ୍ନେହ ରାଣା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୨୩୩/୫ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ଅଧିକ ୨୮ ରନ କରି ଅଲଆଉଟ ହୋଇଥିଲା। ଅପରାଜିତ ଥିବା ଦୁଇ ବ୍ୟାଟର ଆନବେଲ ସଦରଲାଣ୍ଡ ୧୨ ଓ ଆଶଲେ ଗାର୍ଡନର ୭ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୨୭ ଓ ୭ ରନକରି ପ୍ୟାଭିଲିୟନ ଫେରିଥିଲେ। ବାକି ୪ ଟେଲ ଏଣ୍ଡର ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଭାରତ ପାଇଁ ସ୍ନେହ ୪, ରାଜେଶ୍ୱରୀ ଗାଏକ୍ୱାଡ ଓ ହରମନପ୍ରୀତ କୌର ଦୁଇଟି ଲେଖାଏ ଏବଂ ପୂଜା ବସ୍ତ୍ରକାର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

### ଇଂଲଣ୍ଡକୁ ମଧ୍ୟ ହରାଇଥିଲା ଭାରତ

ଏହାପୂର୍ବରୁ ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଗତ ୧୪ରୁ ୧୭ ତାରିଖ ମଧ୍ୟରେ ଖେଳାଯାଇଥିବା ଏକାମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭାରତ ବୃହତ୍ ୩୪୭ ରନରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ମହିଳା ଟେଷ୍ଟ ଇତିହାସରେ ରନ ଦୃଷ୍ଟିକୋଣରୁ ଏହାଥିଲା ସର୍ବବୃହତ୍ ବିଜୟ। ଏହାପୂର୍ବରୁ ୧୯୯୮ରେ ଶ୍ରୀଲଙ୍କା ମହିଳା ଦଳ ୩୦୯ ରନରେ ପାକିସ୍ତାନକୁ ହରାଇ ସର୍ବବୃହତ ବିଜୟ ହାସଲ କରିଥିଲା।




**ଭାରତ-ଅଷ୍ଟ୍ରେଲିଆ ମହିଳା ଟେଷ୍ଟ ସିରିଜ**

| ବର୍ଷ | ମ୍ୟାଚ୍ | ବ୍ୟବଧାନ | ଫଳାଫଳ |
|---|---|---|---|
| ୧୯୭୬/୭୭ | ୧ | ୧-୦ | ଅଷ୍ଟ୍ରେଲିଆ ବିଜୟୀ |
| ୧୯୮୩/୮୪ | ୪ | ୦-୦ | ଅମୀମାଂସିତ |
| ୧୯୯୦/୯୧ | ୩ | ୨-୦ | ଅଷ୍ଟ୍ରେଲିଆ ବିଜୟୀ |
| ୨୦୦୫/୬ | ୧ | ୧-୦ | ଅଷ୍ଟ୍ରେଲିଆ ବିଜୟୀ |
| ୨୦୨୧/୨୨ | ୧ | ୦-୦ | ଅମୀମାଂସିତ |
| ୨୦୨୩/୨୪ | ୧ | ୧-୦ | ଭାରତ ବିଜୟୀ |

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ପାଳି : ୨୧୯/୧୦।
ଭାରତ ପ୍ରଥମ ପାଳି : ୪୦୬/୧୦।
ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳି : ୨୬୧/୧୦, ୧୦୫.୪ ଓଭର, (ତାହିଲା ମ୍ୟାକ୍‌ଗ୍ରା- ୭୩, ଏଲିସ ପେରୀ- ୪୫, ବେଥ ମୁନୀ- ୩୩, ଅଲିସା ହିଲି- ୩୨, ଆନାବେଲ ସଦରଲାଣ୍ଡ- ୨୭, ସ୍ନେହ ରାଣା- ୪/ ୬୩, ରାଜେଶ୍ୱରୀ ଗାଏକ୍ୱାଡ- ୨/୪୨, ହରମନପ୍ରୀତ କୌର- ୨/ ୨୩)।
ଭାରତ ଦ୍ୱିତୀୟ ପାଳି: ୭୫/୨, ୧୮.୪ ଓଭରରେ, (ସ୍ମୃତି ମନ୍ଧାନା- ୩୮*, ଜେମିମା ରୋଡ୍ରିଗ୍ୱେଜ- ୧୨*, କିମ୍ ଗାର୍ଥ- ୧/୧୯, ଅଶଲେ ଗାର୍ଡନର- ୧/ ୧୮)।

## ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା
# ଲକ୍ଷ୍ମଣ, ଆରୁହୀଙ୍କୁ ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର,୨୪ ।୧୨(ସମିସ)

କଟକ ଜିଲ୍ଲା ତୀରନ୍ଦାଜୀ ସଂଘ ଆନୁକୂଲ୍ୟରେ ରବିବାର ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା କ୍ରିକେଟ ଏକାଡେମୀ ପଡିଆଠାରେ ୯ ବର୍ଷରୁ କମ୍ ପ୍ରଥମ ବାଳକ/ବାଳିକା ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦ରୁ ଊର୍ଦ୍ଧ୍ୱ ବାଳକ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଇଣ୍ଡିଆନ ରାଉଣ୍ଡରେ ପୁରୁଷ ବିଭାଗରେ ମୟୂରଭଞ୍ଜର ଲକ୍ଷ୍ମଣ ମାରାଣ୍ଡି ସ୍ୱର୍ଣ୍ଣ, ନିହିତ କୁମାର ମହନ୍ତ ରୌପ୍ୟ, ଅନନ୍ଦ ଗୋବିନ୍ଦ ମାରାଣ୍ଡି କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ବାଳିକା ବିଭାଗ ପ୍ରତିଯୋଗିତାରେ କଟକର ଆରୁହୀ ଦାସ ସ୍ୱର୍ଣ୍ଣ ସମ୍ବଲପୁରର ଅନ୍ୱେଷା ଦେହୁରୀ ରୌପ୍ୟ ଓ ମୟୂରଭଞ୍ଜର ନମିତା ବାନାର କାଂସ୍ୟ ପଦକ ହାସଲ କରିଥିଲେ।

ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ (ଓଓଏ) ସାଧାରଣ ସମ୍ପାଦକ ଅଭିଜିତ ପାଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ତୃଣମୂଳସ୍ତରରୁ ଖେଳାଳି ସୃଷ୍ଟି ପାଇଁ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ ସେ ଏହାକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲ୍ଲା ତୀରନ୍ଦାଜୀ ସଂଘ ଉପ- ସଭାପତି ବିଷ୍ଣୁ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଜୟ ହାସଲ କରିଥିବା ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଂଘ ସଭାପତି ପରୀକ୍ଷିତ ମହରାଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ତୀରନ୍ଦାଜୀର ଉନ୍ନତି ପାଇଁ ଆମେ ଚେଷ୍ଟିତ ବୋଲି କହିଥିଲେ। ଏବେ ପ୍ରତିବର୍ଷ ଏହି ପ୍ରତିଯୋଗିତା ନିୟମିତ ଭାବେ ଆୟୋଜନ ହେବ ବୋଲି ଓ ଏଥିପାଇଁ ସେ ଓସିଏ ଓ ଓଓଏର ସହଯୋଗ କାମନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିବାରୁ ଓଡ଼ିଶା ତୀରନ୍ଦାଜୀ ସଂଘର ଉପ- ସଭାପତି ଦୀପକ କୁମାର ଚୌଧୁରୀ ଓଡ଼ିଶା କ୍ରିକେଟ ଆସୋସଏସନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କୁ କୃତଜ୍ଞତା ଜଣାଇଥିଲେ।

# ଓଡ଼ିଶା ଉପକନିଷ୍ଠ ସଫ୍ଟ ଟେନିସ ଦଳ ଘୋଷିତ




ଭୁବନେଶ୍ୱର, ୨୪।୧୨(ସମିସ): ତାମିଲନାଡୁର ଭେଲୋରରେ ଚଳିତମାସ ୨୬ରୁ ୩୦ ତାରିଖଯାଏ ଜାତୀୟ ଉପକନିଷ୍ଠ ସଫ୍ଟ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳର ଅଧିନାୟକ ଭାବେ ମନମୟ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଗୌରୀଶଙ୍କର ପଣ୍ଡା, ରୋଜେର କୋନ୍ଥୁଜାମ୍, ଆରକେ ଡିକସନ, ଚାମ୍ପୁଗବାମ ବିକି ସିଂ, ଜ୍ଞାନଜିତ, ନିରୋବାସ ଆସେମ। ମହମ୍ମଦ୍ ଆଜାମ ଓରଫ ପେରୁଙ୍କୁ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି। ଅଶୋକ ରାଉତରାୟ ଦଳର ପ୍ରବନ୍ଧକ ରହିଛନ୍ତି। ଓଡ଼ିଶା ଦଳକୁ ଓଡ଼ିଶା ସଫ୍ଟ ଟେନିସ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରବିବାର ଦଳ ତାମିଲନାଡୁ ଅଭିମୁଖେ ଯାତ୍ରା କରିଛି।

● ଫାଓ ୟୁଥ୍ ଲିଗ୍ ଫୁଟବଲ୍

# ସ୍ପୋର୍ଟ ଓଡ଼ିଶା ୧୨-୦ ଗୋଲ୍‌ରେ ବିଜୟୀ




ଭୁବନେଶ୍ୱର, ୨୪।୧୨(ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଫାଓ ୟୁଥ୍ ଲିଗ୍ ଫୁଟବଲ (୧୫ବର୍ଷରୁ କମ୍) ପ୍ରତିଯୋଗିତାର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ବୃହତ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୧୨-୦ ଗୋଲରେ ଫାଓ ଏକାଡେମୀକୁ ଶୋଚନୀୟ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁଇଜଣ ଖେଳାଳି ହ୍ୟାଟ୍ରିକ୍ ଗୋଲ ସ୍କୋର କରିଛନ୍ତି। ସେମାନଙ୍କ ମଧ୍ୟରୁ ନରେଶ କୁମାର ଧାନ ସର୍ବାଧିକ ୫ଟି ଓ ଆକାଶ ସାହୁ ୩ଟି ଗୋଲ ଦେଇଛନ୍ତି। ମୋଣ୍ଟୁ ନାଗ ମଧ୍ୟ ୨ଟି ଗୋଲ ଦେଇଛନ୍ତି।

ରବିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରୁ ଆର୍ଡୋର ଫୁଟବଲ ଏକାଡେମୀ ୧-୦ ଗୋଲରେ ଚାନ୍ଦ୍ କ୍ଲବ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବିକାଶ ଖାଖା ଏକମାତ୍ର ଗୋଲଟି ସ୍କୋର କରିଛନ୍ତି। କିଟ୍-କିସ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିଛି। କିଟ୍-କିସ୍ ପକ୍ଷରୁ ରାମ ମାଝୀ ଓ ଓଡ଼ିଶା ଏଫ୍‌ସି ପକ୍ଷରୁ ଲକ୍ଷ୍ମଣ କେରାଇ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି।

# ଶବରକପ୍ ଫୁଟବଲ୍: କଳିଙ୍ଗ ସ୍ପୋର୍ଟିଂ ଜିତିଲା

ଯାଁଲା,୨୪।୧୨(ସମିସ): ରାଧାଚରଣପୁର ଖେଳ ପଡିଆରେ ରବିବାର ଆରମ୍ଭ ହୋଇଛି ୨୫ତମ ଶବର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ। ପ୍ରତିଯୋଗିତାର ଆଜି ପ୍ରଥମ ଦିନରେ କଳିଙ୍ଗ ସ୍ପୋର୍ଟିଂ ଓ ଫ୍ରେଣ୍ଡସ୍ ପାରାଡାଇଜ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦଳର ଖେଳାଳି ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ୍ ଦେଇ ପାରିନଥିଲେ। ଶେଷରେ ଟାଇବ୍ରେକର ସାହାଯ୍ୟରେ କଳିଙ୍ଗ ସ୍ପୋର୍ଟିଂ ଏହି ମ୍ୟାଚ୍‌କୁ ୫-୪ ଗୋଲରେ ଜିତିଥିଲା। ବିଦେଶୀ ନାଏକ, ପ୍ରଫୁଲ୍ଲ କୁମାର ବେହେରା, ରମେଶ ପାଇକରାୟ ଓ ସୌମ୍ୟକାନ୍ତ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଆଜିର ଖେଳରେ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସରୋଜ କୁମାର ନାଏକ ଓ ଇନ୍‌ଫୋଭ୍ୟାଲି ଥାନା ଅଧିକାରୀ ବିଜୟ କୁମାର ବାରିକ, ସମ୍ପାଦକ ବିଜୟ କୁମାର ନାୟକ, ସଭାପତି ପରମାନନ୍ଦ ନାୟକ ଉପସ୍ଥିତ ରହି ଶ୍ରେଷ୍ଠ ଖେଳାଳି ଭାବେ ମଳୟ ନାୟକଙ୍କୁ ପୁରସ୍କୃତ କରିଥିଲେ। ଡଃ ବୁଲ୍‌ବୁଲ୍ ବହ୍ଲିନା ମଞ୍ଚ ପରିଚାଳନା କରିଥିଲେ।



# ଭାରତୀୟ ଖେଳାଳିଙ୍କ ବିଜୟ ମୁହୂର୍ତ୍ତର ଫଟୋ ଉଠାଇଲେ ଅଷ୍ଟ୍ରେଲିଆ ଅଧିନାୟିକା

ମୁମ୍ବଇ,୨୪ ।୧୨(ଏଜେନ୍ସି): ଏକମାତ୍ର ଟେଷ୍ଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଭାରତୀୟ ମହିଳା ଦଳ ଉତ୍ସବ ପାଳନ କରୁଥିବାବେଳେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଥିଲା। ବିଜୟ ପରେ ଭାରତୀୟ ଖେଳାଳିମାନେ ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲି ଏହି ମୁହୂର୍ତ୍ତର ସ୍ମୃତିକୁ କ୍ୟାମେରାରେ କଏଦ୍ କରିଥିଲେ। ଏ ସମ୍ପର୍କରେ ସେ କହନ୍ତି, ଏହି ସମୟରେ ଫଟୋ ଉଠାଉଥିବା କ୍ୟାମେରାମ୍ୟାନ୍‌ଙ୍କୁ ପଛକୁ ଯାଇ ଫଟୋ ଉଠାଇବାକୁ ଭାରତୀୟ ଖେଳାଳିମାନେ କହିଥିଲେ। ଏହା ଶୁଣିବା ପରେ ମୁଁ ତାଙ୍କ କ୍ୟାମେରାରେ ନିକଟରୁ ଫଟୋ ଉଠାଇବାକୁ ମନସ୍ଥ କରିଥିଲି। ଏହା ନିଶ୍ଚିତ ଭଲ ଫଟୋ ହୋଇଥିବ। ହିଲିଙ୍କ ଏପରି କାମକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ୨୬ରେ ନୀରଜ



ନୂଆଦିଲ୍ଲୀ,୨୪ ।୧୨(ଏଜେନ୍ସି): ଭାରତୀୟ ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ୨୬ ବର୍ଷରେ ପଦାର୍ପଣ କରିଛନ୍ତି। ରବିବାର ସେ କେକ୍ କାଟି ନିଜର ୨୬ତମ ଜନ୍ମଦିବସ ପାଳନ କରିଛନ୍ତି। ସବୁମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ନୀରଜ କେକ୍ କାଟୁଥିବାରୁ ଏହି ଫଟୋ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେୟାର କରିଛି। 'ହାପି ବାର୍ଥ ଡେ' ବୋଲି ଏଏଫ୍ଆଇ କ୍ୟାପସନରେ ଉଲ୍ଲେଖ କରିଛି। ଏହି ଫଟୋରେ ନୀରଜଙ୍କ ଟିଭିରେ ଭାରତ- ଅଷ୍ଟ୍ରେଲିଆ ମହିଳା ଟେଷ୍ଟ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବାକୁ ମିଳିଛି।

### ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିଅନସିପ୍‌ରେ ପ୍ରଥମ ସ୍ୱର୍ଣ୍ଣ ବିଜେତା

ନୀରଜ ପ୍ରଥମ ଭାରତୀୟ ଆଥଲେଟଭାବେ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ସେ ଜାଭେଲିନ୍ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୩ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ପୂର୍ବରୁ ସେ ୨୦୨୨ ସଂସ୍କରଣରେ ରୌପ୍ୟ ଜିତିଥିଲେ। ସେ ୨୦୨୨ ଡାଇମଣ୍ଡ ଲିଗ୍‌ରେ ଟାଇଟଲ ଜିତିବା ସହ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୮ରେ ସେ ଅର୍ଜୁନ, ୨୦୨୧ରେ ମେଜର ଧ୍ୟାନଚାନ୍ଦ ଖେଲରତ୍ନ ଓ ୨୦୨୨ରେ ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିଲେ।

## ନିଶିଥ ମହାନ୍ତି ସ୍ମାରକୀ ସ୍କୁଲ ଚେସ
# ବିନୀତ ପ୍ରଥମ, ପୁଣ୍ୟଶ୍ଲୋକ ଦ୍ୱିତୀୟ

ଭୁବନେଶ୍ୱର, ୨୪।୧୨(ସମିସ)

ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଚତୁର୍ଥ ନିଶିଥ ମହାନ୍ତି ସ୍ମାରକୀ ଓପନ ସ୍କୁଲ ଚେସ୍ ପ୍ରତିଯୋଗିତା ସ୍ଥାନୀୟ କେଶୁରା ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ବିନୀତ ନାୟକ ୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ବିଏମ୍‌ପିଏସ୍, ତକ୍ଷଶିଳାର ପୁଣ୍ୟଶ୍ଲୋକ ପୃଷ୍ଟି ଦ୍ୱିତୀୟ, କଟକର ଇଶାନ ମୋଦୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏସ୍‌ସିବି ମେଡିକାଲ ଡିଏଭି ପବ୍ଲିକ୍ ସ୍କୁଲ୍‌ର ସଙ୍କଳ୍ପ ଶ୍ରୀକୁମାର ସିଂ, ରସୁଲଗଡ଼ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ୍‌ର ସାତ୍ତ୍ୱିକ ପଟ୍ଟନାୟକ, ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ରୁଦ୍ରପ୍ରତାପ ମିଶ୍ର, ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲ୍‌ର ଅଭନେଶ ସାମନ୍ତରାୟ, କଟକ ଷ୍ଟିୱାର୍ଟ ସ୍କୁଲ୍‌ର ବିଶ୍ୱମ ବାଜୋରିଆ, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟଶଙ୍କର ବେହେରା ଓ ଭୁବନେଶ୍ୱର କେଭି ନଂ-୧ର ଦେବସ୍ମିତା ପାଣି ଯଥାକ୍ରମେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଓ ଉପାଧ୍ୟକ୍ଷା ପ୍ରଜ୍ଞାପାରମିତା ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



# ଅଲ୍ ଇଣ୍ଡିଆ ଓପନ କରାଟେରେ ଓଡ଼ିଆଙ୍କ ପ୍ରାଧାନ୍ୟ



ଭୁବନେଶ୍ୱର, ୨୪।୧୨(ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାର ତୃତୀୟ ଦିନ ଶେଷ ହୋଇଛି। ରବିବାର ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ୧୦, ୧୧, ୧୨ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରବିବାର ୨୬ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲାବେଳେ କେବଳ ଝାଡଖଣ୍ଡର ନିଶାନ ସିଂ ଓ ସପ୍ନା କୁମାରୀ ଓଡ଼ିଶା ବାହାର ପ୍ରତିଯୋଗୀ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରିୟମ୍ବଦା ଦାସ, ମନୀଷା ସିଂ, ଜେ. ମିଶ୍ର, ଉର୍ଜା ସାମନ୍ତ, ଅନନ୍ୟା ସାହୁ, ଦିବ୍ୟଙ୍କ୍ନା ସାମନ୍ତରାୟ, ରାଜେଶ୍ୱରୀ ସିଂ, ଆଉଶା ଚୋହାନ, ଲିନ୍ସି ସିଂ, ଅନ୍ୱେଷା ନାୟକ, ବେଦାଂଶୀ ପ୍ରଧାନ, ଅନ୍ୱେଷା ଆୟୁଷୀ, ସୋନାକ୍ଷୀ ଦାସ ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବିଭାଗରେ ସ୍ୱୟମ ଗୁରୁପଦ ପ୍ରହରାଜ, ବିଏନ୍ ସାହୁ, ଆୟୁଷ ନାଏକ୍, ପ୍ରିୟାଂଶୁ ଶେଖର, ହର୍ଷଦ କୁମାର, ଶ୍ରେୟାଂଶୁ ଶିବଲ, ରେୟାଂଶ ଚୌଧୁରୀ, ରୁଦ୍ରାଂଶ ବେହେରା, ଆର୍ଯ୍ୟନ ମହାନ୍ତି, ନିଶାନ ସିଂ, ଶୋଭନ ତ୍ରିପାଠୀ, ରୋହିତ ସ୍ୱାଇଁ, ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

# ୧୨ରୁ ରବିରଶ୍ମି ରାଜ୍ୟସ୍ତରୀୟ କ୍ୟାରମ

ଭୁବନେଶ୍ୱର, ୨୪।୧୨(ସମିସ): ମା' କାଳିଆଣି କ୍ୟାରମ ସଂଘ ଆନୁକୂଲ୍ୟରେ ଏମ୍‌କେସିଏ ରାଜ୍ୟସ୍ତରୀୟ ରବିରଶ୍ମି କ୍ୟାରମ ପ୍ରତିଯୋଗିତା ଆସନ୍ତା ବର୍ଷ ଜାନୁଆରୀ ୧୨ରୁ ୧୪ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ କେବଳ ପୁରୁଷ ଏକକ ଓ ଯୁଗଳ ବିଭାଗରେ ଖେଳ ଆୟୋଜିତ ହେବ। ପୁରସ୍କାର ବିଜେତାମାନଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ପ୍ରବେଶିକା ଫି ଧାର୍ଯ୍ୟ କରାଯାଇଛି। ଏଥିରେ ଏକକ ଲାଗି ୩୦୦ ଓ ଯୁଗଳ ଲାଗି ୫୦୦ ଟଙ୍କା ପ୍ରବେଶିକ ଫି ରହିଛି। ଆଗ୍ରହୀ ଖେଳାଳିମାନେ ଜାନୁଆରୀ ୫ ତାରିଖସୁଦ୍ଧା ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ। ଆଗ୍ରହୀ ପ୍ରତିଯୋଗୀମାନେ ଏମ୍‌କେସିଏ ସଭାପତି ପ୍ରଲିପ୍ତ କୁମାର ନନ୍ଦଙ୍କ ସହ ଫୋନ ନମ୍ବର ୭୦୦୮୨-୫୭୭୯୪ରେ ଅଧିକ ବିବରଣି ଲାଗି ଯୋଗାଯୋଗ କରିପାରିବେ।

## ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟବଲ ଉଦ୍‌ଘାଟିତ
# ସେମିରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍

ଓଡ଼ଗାଁ, ୨୪ ।୧୨ (ସମିସ)

ସ୍ଥାନୀୟ ମିନିଷ୍ଟାଡିୟମ୍‌ରେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁଙ୍କ ଦ୍ୱାରା ୫ମ ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଭଦ୍ରକର ବାଦଲ ଏକାଡେମୀ ଓ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜଗା ୟୁନାଇଟେଡ୍ ୪-୦ ଗୋଲରେ ବାଦଲ ଏକାଡେମୀକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ୯ ନଂ ଜର୍ସି ସିଲନ ପ୍ରଥମ ଗୋଲ, ୩ ନଂ ଜର୍ସି ଆଣ୍ଡ୍ରୋ ଜୁନିୟର ଦ୍ୱିତୀୟ ଗୋଲ, ୨ ନଂ ଜର୍ସି ସୋମନାଥ ତୃତୀୟ ଗୋଲ ଓ ଦ୍ୱିତୀୟାର୍ଦ୍ଧର ୧୨ ମିନିଟ ସମୟରେ ୧୧ ନଂ ଜର୍ସି ଡେଭିଡ ଚତୁର୍ଥ ଗୋଲ ସ୍କୋର କରିଥିଲେ। ସମସ୍ତ ଚେଷ୍ଟା ପରେ ମଧ୍ୟ ଭଦ୍ରକ ଟିମ୍ ଗୋଟିଏ ବି ଗୋଲ୍ ସ୍କୋର କରିବାକୁ ସକ୍ଷମ ହୋଇପାରିନଥିଲେ। ବିଜୟୀ ଜଗା ୟୁନାଇଟେଡ ଦଳର ଆଣ୍ଡ୍ରୋ ଜୁନିୟରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ।

ଖେଳ ଆରମ୍ଭ ପୂର୍ବରୁ ବରିଷ୍ଠ ଓ ଯୁବ ଫୁଟବଲ ଖେଳାଳିମାନଙ୍କ ଦ୍ୱାରା ଶ୍ରୀ ରଘୁନାଥ ଜିଉ ମନ୍ଦିର ପରିସରରୁ ଏକ ମଶାଲ ଶୋଭାଯାତ୍ରା ବାହାରି ପଡିଆକୁ ଆଣି ସ୍ଥାପନା କରାଯାଇଥିଲା। ପରେ ନୟାଗଡ଼ ବିଧାୟକ ତଥା ଓଡଗାଁ ଫୁଟବଲ କପ୍ ସଭାପତି ଅରୁଣ କୁମାର ସାହୁ କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ତଥା ସାଧାରଣ ସମ୍ପାଦକ ଲୋକନାଥ ସାହୁ, ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ, ସମବାୟ ନିର୍ଦ୍ଦେଶକ ବିଭୁପ୍ରସାଦ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଯୁଗ୍ମ ସମ୍ପାଦକ ଦିବାକର ନାୟକ, ବରିଷ୍ଠ ଆଇନଜୀବୀ ଗୋବିନ୍ଦଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ସରପଞ୍ଚ ସସ୍ମିତା ପାତ୍ର, ଶାରଦା ଦୋରା, ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ, ମହନ୍ତ ବେହେରା, ଶ୍ୱେତାଲିନା ମିଶ୍ର ଓ ଓଡ଼ଗାଁ ସାମ୍ବାଦିକ ସଂଘର ସଦସ୍ୟ ମାନେ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



## ଅଲ୍ଟିମେଟ୍ ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ଜଗରନଟ୍ସଙ୍କ ବିଜୟ ଅଭିଯାନ

କଟକ,୨୪।୧୨(ସମିସ)

ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ଦମଦାର ବିଜୟ ସହ ଅଲ୍ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣରେ ଅଭିଯାନ ଆରମ୍ଭ କରିଛି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଘରୋଇ ଜଗରନଟ୍ସ ୩୫-୨୭ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସଙ୍କୁ ପରାସ୍ତ କରିଛି। ମ୍ୟାଚ୍‌ରେ ଉଭୟ ରନିଙ୍ଗ ଓ ଚେଜିଙ୍ଗରେ ଜଗରନଟ୍ସ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ବିଶେଷକରି ଟଚ୍ ପଏଣ୍ଟରେ ଜଗରନଟ୍ସ ଖେଳାଳିମାନେ ସର୍ବାଧିକ ୨୦ ପଏଣ୍ଟ ହାତେଇଥିଲେ। ଅପରପକ୍ଷରେ ସ୍କାଏ ଡାଇଭ୍‌ରେ କିନ୍ତୁ ୱାରିୟର୍ସ ଖେଳାଳିମାନେ ଆଗରେ ରହିଥିଲେ। ସେମାନେ ସ୍କାଏ ଡାଇଭରୁ ୧୪ ପଏଣ୍ଟ ହାତେଇ ନେଇଥିଲେ। ଜଗରନଟ୍ସ ଏହାର ପରବର୍ତ୍ତୀ ମ୍ୟାଚ ମଙ୍ଗଳବାର ଚେନ୍ନାଇ କୁଇକ୍ ଗନ୍‌ସ ସହ ଖେଳିବ।

ରବିବାର ସନ୍ଧ୍ୟାରେ କଟକର ଇଣ୍ଡୋର ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳାଯାଇଥିବା ଏହି ମ୍ୟାଚରେ ଆରମ୍ଭରୁ ଘରୋଇ ଓଡ଼ିଶା ଜଗରନଟ୍‌ସ ଖେଳାଳିମାନେ ପ୍ରତିପକ୍ଷ ରାଜସ୍ଥାନ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ମ୍ୟାଚରେ ରାଜସ୍ଥାନ ୱାରିୟର୍ସ ଅଧିନାୟକ ମଜହର ଜମାଦର ଟସ୍ ଜିତି ରନିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ବ୍ୟାଚରେ ଆସିଥିବା ରାଜସ୍ଥାନ ୩ ରନରଙ୍କ ମଧ୍ୟରୁ ୨ଜଣଙ୍କୁ ପ୍ରଥମ ମିନିଟ୍‌ରେ ଆଉଟ୍ କରି ଜଗରନଟ୍ସ ୪ ପଏଣ୍ଟ ହାତେଇ ନେଇଥିଲା। ଏହାପରେ ବଳକା ଥିବା ଅନ୍ୟଜଣେ ଖେଳାଳିଙ୍କୁ ୨ୟ ମିନିଟ୍ ମଧ୍ୟରେ ହିଁ ଆଉଟ୍ କରି ପ୍ରଥମ ଟର୍ନରେ ୬ ପଏଣ୍ଟ ଅର୍ଜନ କରିଥିଲା। ଏହାପରେ ୨ୟ ବ୍ୟାଚରେ ଆସିଥିବା ରାଜସ୍ଥାନର ନନ୍ଦନ, ରାଜୁ ଓ ଅକ୍ଷୟ ଏବଂ ୩ୟ ବ୍ୟାଚରେ ଆସିଥିବା ଅଧିନାୟକ ମଜହର ଜମାଦା, ସୌରଭ ଓ ନିଲେଶଙ୍କ ମଧ୍ୟରୁ ୨ଜଣଙ୍କୁ ଓଡ଼ିଶା ଆଉଟ୍ କରିବାରେ ସଫଳ ହୋଇଥିଲା। ଫଳରେ ଓଡ଼ିଶା ୧୬-୦ରେ ଅଗ୍ରଣୀ ରହି ଡିଫେଣ୍ଡ କରିବାକୁ ମ୍ୟାଚ୍‌କୁ ଓହ୍ଲାଇଥିଲା। ପ୍ରଥମ ବ୍ୟାଚରେ ଓଡ଼ିଶା ପାଇଁ ଗୌତମ, ବିଶାଲ ଓ ରୋହନ ଡିଫେଣ୍ଡ ତଥା ରନିଂ କରିବାକୁ ଆସିଥିଲେ। ଏହି ତିନିଜଣଙ୍କ ସମେତ ୩ୟ ବ୍ୟାଚର ଦୁଇ ଜଣ ଖେଳାଳିଙ୍କୁ ରାଜସ୍ଥାନ ଆଉଟ କରିଥିଲା। ଫଳରେ ବୋନସ ପଏଣ୍ଟ ସହ ଓଡ଼ିଶା ପ୍ରଥମ ଇନିଂସ ସୁଦ୍ଧା ୧୯-୧୦ରେ ଆଗୁଆ ରହିଥିଲା। ଏହା ପରେ ଦ୍ୱିତୀୟାର୍ଦ୍ଧରେ ମଧ ଜଗରନଟ୍ସ ଖେଳାଳିମାନେ ଚେଜିଙ୍ଗ ଓ ରନିଙ୍ଗରେ ଚମତ୍କାର ଖେଳ ପ୍ରଦର୍ଶନ କରି ନିର୍ଦ୍ଧାରିତ ୨୮ ମିନିଟ ମଧ୍ୟରେ ୩୫-୨୭ ବ୍ୟବଧାନରେ ବିଜୟ ଲାଭ କରିଥିଲା। ଜଗରନଟ୍ସ ଖେଳାଳିମାନେ ସ୍କାଏ ଡାଇଭ ଓ ପୋଲ ଡାଇଭରେ ୬ ପଏଣ୍ଟ ଲେଖାଏ ଏବଂ ଟଚ୍ ପଏଣ୍ଟରେ ୨୦ ପଏଣ୍ଟ ଅର୍ଜନ କରିଥିଲେ। ବୋନସ ଆକାରରେ ଜଗରନଟ୍ସଙ୍କୁ ୩ ପଏଣ୍ଟ ମିଳିଥିଲା। ଅପରପକ୍ଷରେ ୱାରିୟର୍ସ ସ୍କାଏ ଡାଇଭରେ ୧୪, ଟଚ ପଏଣ୍ଟରେ ୮, ସେଲଫ ଆଉଟ ପଏଣ୍ଟରେ ୪ ଓ ବୋନସରୁ ୧ ପଏଣ୍ଟ ପାଇଥିଲା।




ଉଦ୍‌ଘାଟନୀ ଅବସରରେ ଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଭାରତୀୟ ଖୋ ଖୋ ମହାସଂଘର ସଭାପତି ସୁଧାଂଶୁ ମିତ୍ତଲ, ସାଧାରଣ ସମ୍ପାଦକ ମହେନ୍ଦ୍ର ସିଂହ ତ୍ୟାଗୀ, ଅଲ୍ଟିମେଟ ଖୋ ଖୋ ସିଇଓ ତେଞ୍ଜିଙ୍ଗ ନିଓଗୀ ଓ ଭାରତୀୟ ମହିଳା ଖୋ ଖୋ ଦଳ ଅଧିନାୟିକା ନସରିନ ସେଖ, ମେୟର ସୁବାଷ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଶିକ୍ଷକ ଶର୍ମାଙ୍କ ବିନା ଜଗରନଟ୍ସ

ଅଲ୍ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡି ଚାମ୍ପିଅନ ତଥା ଘରୋଇ ଓଡ଼ିଶା ଜଗରନଟ୍ସ ଦମଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଜଗରନଟ୍ସ ପ୍ରଥମ ମ୍ୟାଚ୍‌ରେ ୩୫-୨୭ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସଙ୍କୁ ହରାଇ ଦେଇଛି। କିନ୍ତୁ ଘରୋଇ ଦଳ ଏହାର ଭାଗ୍ୟଶାଳୀ ପ୍ରଶିକ୍ଷକ ଅଶ୍ୱିନୀ କୁମାର ଶର୍ମାଙ୍କ ବିନା ଏଥର ପ୍ରତିଯୋଗିତାକୁ ଓହ୍ଲାଇଛି। ଅଶ୍ୱିନୀଙ୍କ ଚମତ୍କାର ପ୍ରଶିକ୍ଷଣ ବଳରେ ଓଡିଶା ୨୦୨୨ରେ ପୁଣେରେ ଖେଳାଯାଇଥିବା ଉଦଘାଟନୀ ସଂସ୍କରଣରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ସେ ଓଡିଶା ପାଇଁ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଜଗରନଟ୍ସ ଦ୍ୱିତୀୟ ସଂସ୍କରଣରେ ବିନୟ ଜୈସୱାଲଙ୍କ ପ୍ରଶିକ୍ଷଣରେ ଏଥର ମଇଦାନକୁ ଓହ୍ଲାଇଛି।

### ପାରମ୍ପରିକ ପୂଜାରୁ କ୍ରୀଡ଼ାର ଶୁଭାରମ୍ଭ

ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଏକ ଶୀତୁଆ ସନ୍ଧ୍ୟାର ଉତ୍କଣ୍ଠାପୂର୍ଣ୍ଣ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି ଭାରତର ଅନ୍ୟତମ ଫ୍ରାଞ୍ଚାଇଜ ଭିତ୍ତିକ ଲୋକପ୍ରିୟ କ୍ରୀଡ଼ା ଅଲ୍ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣ। ଖୋ ଖୋ ପାରମ୍ପରିକ କ୍ରୀଡ଼ା ହୋଇଥିବାରୁ ଏହାର ଶୁଭାରମ୍ଭ ମଧ୍ୟ ପାରମ୍ପରିକ ପଦ୍ଧତିରେ କରାଯାଇଥିଲା। ଭାରତୀୟ ଖୋ ଖୋ ମହାସଂଘର ଅଧ୍ୟକ୍ଷ ସୁଧାଂଶୁ ମିତ୍ତଲ, ଅଲ୍ଟିମେଟ ଖୋ ଖୋର ସିଇଓ ତେଞ୍ଜିଙ୍ଗ ନିୟୋଗୀ ପୋଲ୍ (ଖୁଣ୍ଟ) ନିକଟରେ ଫୁଲ ଓ ନଡିଆ ବାଡ଼େଇ ଉଦଘାଟନୀ କାର୍ଯ୍ୟକ୍ରମର ଅୟମାରମ୍ଭ କରିଥିଲେ।




### ଶୃଙ୍ଖଳିତ ଭାବେ ଖେଳିବାକୁ ମାଟି ଛୁଇଁ ଶପଥ

ମାଟିକୁ ସାକ୍ଷୀ ରଖି କହୁଛୁ, ଗର୍ବର ସହ ଖେଳିବୁ। ଖୋ ଖୋ ଖେଳର ସମସ୍ତ ନିୟମକୁ ମାନି ଶୃଙ୍ଖଳା ରକ୍ଷା କରିବୁ। ଏଭଳି ଭାବେ ଶପଥ ନେଇଛନ୍ତି ଅଂଶଗ୍ରହଣକାରୀ ୬ଟି ଦଳର ସମସ୍ତ ଅଧିନାୟକ। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସମ୍ମୁଖରେ ଶପଥ ପାଠ ହୋଇଥିଲା। ଏକ ସ୍ୱତନ୍ତ୍ର ପାତ୍ରରେ ରଖାଯାଇଥିବା ମାଟିକୁ ୬ ଅଧିନାୟକ ସ୍ପର୍ଶ କରି ଶପଥ ନେଇଥିଲେ।

## ଯୋଦ୍ଧାସ୍‌ର ସଂଘର୍ଷପୂର୍ଣ୍ଣ ବିଜୟ

କଟକ,୨୪।୧୨(ସମିସ): ଅଲ୍ଟିମେଟ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍ ଗତବର୍ଷର ଉପବିଜେତା ତେଲୁଗୁ ଯୋଦ୍ଧାସ ଏବଂ ମୁମ୍ବାଇ ଖିଲାଡିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ବେଶ ଉତ୍କଣ୍ଠାପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଯେଉଁଥିରେ ଯୋଦ୍ଧାସ ମାତ୍ର ୨ ପଏଣ୍ଟ(୪୬-୪୪)ରେ ବିଜୟ ଲାଭ କରିଥିଲା। ମ୍ୟାଚ୍‌ର ଅନ୍ତିମ ସେକେଣ୍ଡ ପର୍ଯ୍ୟନ୍ତ ବିଜେତା ନିର୍ଣ୍ଣୟ ନେଇ ବେଶ୍ ରୋମାଞ୍ଚ ଦେଖିବାକୁ ମିଳିଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ପ୍ରଥମ ଇନିଂସରେ ତେଲୁଗୁ ୨୦-୦ରେ ଏକପାଖିଆ ଅଗ୍ରଣୀ ହାସଲ କରିଥିଲା। କିନ୍ତୁ ପରେ ମୁମ୍ବାଇ ଖିଲାଡିସର ଖେଳାଳିମାନେ ଦମଦାର ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ମ୍ୟାଚ୍‌ରେ ତେଲୁଗୁ ଯୋଦ୍ଧାସର ପ୍ରତି ମୁହୂର୍ତ୍ତରେ ଅଗ୍ରଣୀକୁ ବଜାୟ ରଖି ଶେଷରେ ୪୬-୪୪ରେ ବିଜୟ ଲାଭ କରିଥିଲା। ତେଲୁଗୁ ଯୋଦ୍ଧାସ ସ୍କାଏ ଡାଇଭରେ ୨୦, ପୋଲ ଡାଇଭରେ ୮, ଟଚ ପଏଣ୍ଟରେ ୧୬ ଓ ସେଲଫ ଆଉଟରେ ୨ ପଏଣ୍ଟ ପାଇଥିଲା। ଅପରପକ୍ଷରେ ମୁମ୍ବାଇ ଖିଲାଡିସ ସ୍କାଏ ଡାଇଭରେ ୧୪, ଟଚ ପଏଣ୍ଟରେ ୨୪, ପୋଲ ଡାଇଭରେ ୬ ପଏଣ୍ଟ ପାଇଥିଲେ ମଧ୍ୟ ପରାଜୟରୁ ବର୍ତ୍ତି ପାରିନଥିଲା।

## ଆଇଏସ୍‌ଏଲ୍: କେରଳ ବ୍ଲାଷ୍ଟର୍ସ ବିଜୟୀ

କୋଚି,୨୪।୧୨(ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍) ୧୦ମ ସଂସ୍କରଣରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ୨-୦ ଗୋଲରେ ମୁମ୍ବାଇ ସିଟିକୁ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ ଏଫ୍‌ସିର ପରସ୍ପରକୁ ଭେଟିଥିଲେ। ତେବେ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ମୁମ୍ବାଇ ବିପକ୍ଷରେ କେରଳ ତରଫରୁ ୧୧ତମ ମିନିଟ୍‌ରେ ଡିମିଟ୍ରିଅସ ଡିଆମାଣ୍ଟାକୋସ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ।

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ

# ମୁକାବିଲା ଲାଗି ଭାରତ ପ୍ରସ୍ତୁତ

ସେଞ୍ଚୁରିଅନ,୨୪।୧୨(ଏଜେନ୍ସି)

ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ଗ୍ଲାନିକୁ ପଛରେ ପକାଇ ଭାରତୀୟ କ୍ରିକେଟ ଦଳ ଏବେ ନୂଆ ଉତ୍ସାହର ସହ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାକୁ ଯାଉଛି। ସ୍ଥାନୀୟ ସୁପରସ୍ପୋର୍ଟ ପାର୍କ ଗ୍ରାଉଣ୍ଡରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତ ମଙ୍ଗଳବାଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ତେମ୍ବା ବଭୁମାଙ୍କ ଦକ୍ଷିଣ ଆଫ୍ରିକାକୁ ଭେଟିବ। ସିରିଜର ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କେପଟାଉନ୍‌ରେ ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବ। ଗତ ୨୦୨୧-୨୨ ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ୧-୨ ବ୍ୟବଧାନରେ ଟେଷ୍ଟ ସିରିଜ ହାରିଥିଲା। ବିଶ୍ୱକପ୍ ପରାଜୟକୁ ପଛରେ ପକାଇ ଭାରତୀୟ ଖେଳାଳିମାନେ ଏହି ସିରିଜରେ କିଛି କରି ଦେଖାଇବାକୁ ଉତ୍ସାହିତ ଅଛନ୍ତି ବୋଲି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ କହିଛନ୍ତି। ଭାରତୀୟ ଖେଳାଳିମାନେ ରବିବାର ନେଟ୍ସରେ ଝାଳ ବୁହାଇ ଜୋରଦାର ଅଭ୍ୟାସ କରିଛନ୍ତି।

ବିଶ୍ୱକପ୍‌ରେ ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମ୍‌ରାଙ୍କ ଭଳି ଅଭିଜ୍ଞ ଖେଳାଳି ପ୍ରଥମଥର ପାଇଁ ପଡିଆକୁ ଓହ୍ଲାଇବେ। ଗତ ସପ୍ତାହରେ ପ୍ରିଟୋରିଆରେ ଟକ୍ସ ଓଭାଲରେ ଭାରତୀୟ କ୍ରିକେଟରମାନେ ଇଣ୍ଟ୍ରା ସ୍କ୍ୱାଡ ପ୍ରାକ୍ଟିସ ମ୍ୟାଚ୍ ଖେଳି କଡ଼ା ଅଭ୍ୟାସ କରିଥିଲେ। ଦକ୍ଷିଣ ଆଫ୍ରିକା ମାଟିରେ ଭାରତ କେବେ ବି ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇନାହିଁ। ୨୦୨୧-୨୨ ଗସ୍ତରେ ଭାରତ କୋହଲିଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଗସ୍ତ କରି ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିଥିଲେ ମଧ ପରବର୍ତ୍ତୀ ଦୁଇଟି ଟେଷ୍ଟରେ ପରାସ୍ତ ହୋଇ ୧-୨ରେ ସିରିଜ ହାତଛଡ଼ା କରିଥିଲା। ଏଥର ଭାରତ ସିରିଜ୍ ଜିତି ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି।




### ଦଳରେ ଯୋଗ ଦେଲେ କୋହଲି

ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଲଣ୍ଡନରୁ ପ୍ରତ୍ୟାବର୍ତ୍ତନ କରି ଦଳରେ ଦଳରେ ଯୋଗ ଦେଇଛନ୍ତି। ପ୍ରଥମ ଟେଷ୍ଟ ଖେଳିବାକୁ ସେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। କୋହଲି ପାରିବାରିକ କାରଣ ଦର୍ଶାଇ ଲଣ୍ଡନ ଗସ୍ତ କରିଥିଲେ। ସେଥିପାଇଁ ସେ ଇଣ୍ଟ୍ରା ସ୍କ୍ୱାଡ ପ୍ରାକ୍ଟିସ ମ୍ୟାଚ୍ ଖେଳିପାରି ନଥିଲେ। ଲଣ୍ଡନ ଯିବା ପୂର୍ବରୁ କୋହଲି କଡ଼ା ଅଭ୍ୟାସ କରିଥିଲେ। ପ୍ରଥମ ଟେଷ୍ଟ ଖେଳିବାକୁ ସେ ବେଶ ଉତ୍ସାହିତ ଅଛନ୍ତି ବୋଲି କୁହାଯାଇଛି।

### ଘରୋଇ ଦଳ ଆଗରେ

ଭାରତ - ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜ ଇତିହାସକୁ ଦେଖିଲେ ଭାରତ ସମାନ୍ୟ ପଛରେ ରହିଛି। ଏପର୍ଯ୍ୟନ୍ତ ଉଭୟ ଦଳ ୪୨ଟି ଟେଷ୍ଟରେ ପରସ୍ପରକୁ ଭେଟିଛନ୍ତି। ଏଥିରେ ଭାରତ ୧୫ଟିରେ ବିଜୟୀ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୧୭ଟିରେ ବିଜୟ ହାସଲ କରି ଆଗରେ ରହିଛି ଓ ୧୦ଟି ମ୍ୟାଚ୍ ଅମୀମାଂସିତ ରହିଛି। କିନ୍ତୁ ଦକ୍ଷିଣ ଆଫ୍ରିକା ମାଟିରେ ଭାରତର ପ୍ରଦର୍ଶନ ଭଲ ହୋଇପାରି ନାହିଁ। ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ୨୩ଟି ଟେଷ୍ଟରୁ ୧୨ଟିରେ ବିଜୟୀ ହୋଇଥିବା ବେଳେ ଭାରତ ମାତ୍ର ୪ଟିରେ ବିଜୟୀ ହୋଇଛି। ୭ଟି ମ୍ୟାଚ୍ ଅମୀମାଂସିତ ରହିଛି।

## ପୋଲାର୍ଡ ଇଂଲଣ୍ଡର ସହକାରୀ ପ୍ରଶିକ୍ଷକ

ଲଣ୍ଡନ, ୨୪।୧୨(ଏଜେନ୍ସି): ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଆଇପିଏଲ୍ ଟିମ୍ ମୁମ୍ବାଇ ଇଣ୍ଡିଆନ୍ସର ବ୍ୟାଟିଂ ପ୍ରଶିକ୍ଷକ କାଇରନ ପୋଲାର୍ଡଙ୍କୁ ଇଂଲଣ୍ଡ କ୍ରିକେଟ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ଦିଆଯାଇଛି। ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ପୋଲାର୍ଡ ଇଂଲଣ୍ଡର ଦଳର ବ୍ୟାଟିଂ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିବେ। ୨୦୨୨ରେ ଇଂଲଣ୍ଡ ଟାଇଟଲ ଜିତିଥିଲାବେଳେ ଏବେ ଟାଇଟଲ ରକ୍ଷା ଲାଗି ଜୋରସୋରରେ ଉଦ୍ୟମ ଜାରି ରଖିଛି। ୬୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ପୋଲାର୍ଡଙ୍କର ୱେଷ୍ଟଇଣ୍ଡିଜ୍ ପରିବେଶରେ ଭଲ ଅଭିଜ୍ଞତା ରହିଛି। ଏଥିରୁ ଇଂଲଣ୍ଡ ଦଳ ଫାଇଦା ନେବ ବୋଲି ଆଶା ରଖିଛି। ୨୦୧୯ ରେ ଦିନିକିଆ ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ୨୦୨୩ରେ ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରିଥିଲା। ସେହିପରି ୨୦୨୨ରେ ଟି-୨୦ ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ନିକଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୨-୩ ବ୍ୟବଧାନରେ ହାରିଯାଇଥିଲା।

## ସଞ୍ଜୁ କେରଳ ଅଧିନାୟକ

କୋଚି, ୨୪।୧୨(ଏଜେନ୍ସି): ଆସନ୍ତା ରଣଜୀ ଋତୁର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ସଞ୍ଜୁ ସାମସନଙ୍କୁ କେରଳ ରଣଜୀ ଦଳର ଅଧିନାୟକ ମନୋନୀତ କରାଯାଇଛି। ଓପନର ରୋହନ କୁନ୍ନୁମଲ ଉପଅଧିନାୟକ ରହିଛନ୍ତି। ଏହି ଦଳରେ ୩ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ହେଲେ କ୍ରିଷ୍ଣା ପ୍ରସାଦ, ଆନନ୍ଦ କ୍ରିଷ୍ଣନ ଓ ବିଷ୍ଣୁ ରାଜ। ମଧ୍ୟଭାଗରେ ବିଷ୍ଣୁ ବିନୋଦ, ସଚିନ ବେବି ଓ ରୋହନ ପ୍ରେମ୍ ସ୍ଥାନ ବଜାୟ ରଖିଛନ୍ତି। ଜଲଜ ସକ୍ସେନା ଓ ଶ୍ରେୟସ ଗୋପାଳ ପେସାଦାର ଅତିଥି ଖେଳାଳି ଭାବେ ରହିଛନ୍ତି। ଜାନୁଆରୀ ୫ରୁ ଆରମ୍ଭ ହେଉଥିବା ରଣଜୀ ଟ୍ରଫିରେ କେରଳ ତାହାର ପ୍ରଥମ ମ୍ୟାଚ୍ ଉତ୍ତରପ୍ରଦେଶ ସହ ଘରୋଇ ମାଟିରେ ଖେଳିବ। ଏହାର ଏକ ସପ୍ତାହ ପରେ ଗୌହାଟୀରେ ଆସାମ ସହ ଦ୍ୱିତୀୟ ମୁକାବିଲା ହେବ।

## ନିରପେକ୍ଷ ସ୍ଥାନକୁ ଡେଭିସ୍ କପ୍ ସ୍ଥାନାନ୍ତର ହୋଇପାରିବନି

# ୬୦ ବର୍ଷ ପରେ ପାକିସ୍ତାନରେ ଖେଳିବ ଭାରତ

ପୁଣେ, ୨୪।୧୨(ଏଜେନ୍ସି)

ପାକିସ୍ତାନ ସହ ପାକିସ୍ତାନରେ ଖେଳାଯିବାକୁ ଥିବା ଡେଭିସ୍ କପ୍ ମୁକାବିଲାକୁ ଏକ ନିରପେକ୍ଷ ସ୍ଥାନକୁ ସ୍ଥାନାନ୍ତର କରିବା ଲାଗି ଭାରତୀୟ ଟେନିସ ସଂଘ କରିଥିବା ଆବେଦନ ଅନ୍ତର୍ଜାତୀୟ ଟେନିସ ମହାସଂଘ ଦ୍ୱାରା ନାକଚ ହୋଇଯାଇଛି। ଏଣୁ ଡେଭିସ୍ କପ୍‌ର ୬୦ ବର୍ଷ ଇତିହାସରେ ଭାରତ ପ୍ରଥମଥର ପାକିସ୍ତାନରେ ଡେଭିସ୍ କପ୍ ଖେଳିବାକୁ ଯିବା ନିଶ୍ଚିତ ହୋଇଛି। ୱାର୍ଲ୍ଡ ଗ୍ରୁପ୍ ଗ୍ରୁପ୍-୧ ପ୍ଲେ ଅଫ୍‌ର ଏହି ମୁକାବିଲାଟି ଆସନ୍ତାବର୍ଷ ଫେବୃଆରୀ ୩ ଓ ୪ ତାରିଖ ଦୁଇଦିନ ଧରି ଇସ୍‌ଲାମାବାଦ୍‌ରେ ଖେଳାଯିବ। ଆଇଟିଏଫ୍‌ର ଡେଭିସ କପ୍ କମିଟି ଦ୍ୱାରା ଭାରତର ଆବେଦନ ନାକଚ ହୋଇଯିବା ପରେ ରାମକୁମାର ରାମନାଥନଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ସେଠାରେ ଖେଳିବାକୁ ମନ ସ୍ଥିର କରିଛି। ବିଭିନ୍ନ କାରଣରୁ ଭାରତ ଓ ପାକିସ୍ତାନ ମଧ୍ୟରେ ସୁସମ୍ପର୍କ ନାହିଁ। ଏଣୁ ପାକିସ୍ତାନ ଯିବାକୁ ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ଅନୁମତି ଦିଆଯାଉନାହିଁ। କିନ୍ତୁ ଡେଭିସ୍ କପ୍ ଲାଗି ଭାରତ ସରକାର ଅନୁମତି ଦେବାକୁ ବାଧ୍ୟ ହେବେ। ନଚେତ୍ ଅନ୍ତର୍ଜାତୀୟ ଟେନିସ୍‌ରୁ ଭାରତକୁ ବାସନ୍ଦ ହେବାକୁ ପଡ଼ିପାରେ।



ପାକିସ୍ତାନରେ ଟେନିସ ଖେଳିବାକୁ ଭାରତ ଶେଷଥର ୧୯୬୪ରେ ଯାଇଥିଲା। ଏହା ବ୍ୟତୀତ ୧୯୭୩ ଓ ୨୦୧୯ରେ ଦୁଇଥର ନିରପେକ୍ଷ ସ୍ଥାନରେ ମୁକାବିଲା ଅନୁଷ୍ଠିତ ହୋଇଯାଇଛି। ଦୁଇଦେଶ ମଧ୍ୟରେ ଏଯାଏ ହୋଇଥିବା ମୁକାବିଲରେ ଭାରତ ୭-୦ରେ ଜିତି କ୍ଲିନ୍ ସୁଇପ୍ କରିଛି।

## ଚାପରେ ନିଷ୍ପତ୍ତି ବଦଳାଇଲା କ୍ରୀଡ଼ା ମନ୍ତ୍ରଣାଳୟ

# ଭାରତୀୟ କୁସ୍ତି ସଂଘ ନିଲମ୍ବିତ

ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି)

ନବ ନିର୍ବାଚିତ ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମନ୍ତ୍ରଣାଳୟ ରବିବାର ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବନ କରିଛି। ଏଥିସହ ନବ ନିର୍ବାଚିତ ଅଧ୍ୟକ୍ଷ ସଞ୍ଜୟ ସିଂଙ୍କ ସମେତ ସବୁ ପଦାଧିକାରୀ ମଧ୍ୟ ନିଲମ୍ବିତ ହୋଇଛନ୍ତି। ୩ ଦିନ ତଳେ ଡିସେମ୍ବର ୨୧ରେ ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ହୋଇଥିଲା। ଫଳରେ ସଞ୍ଜୟ ନେଇଥିବା ସବୁ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି।

ସଞ୍ଜୟ ସିଂ ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ବ୍ରିଜଭୂଷଣ ସରଣ ସିଂଙ୍କ ସହଯୋଗୀ ଓ ଅନୁଗତ ଭାବେ ଜଣାଶୁଣା। ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ସଞ୍ଜୟ ଆସନ୍ତା ୨୮ରେ ଉତ୍ତରପ୍ରଦେଶର ଗୋଣ୍ଡାରେ ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାକୁ ଘୋଷଣା କରିଥିଲେ। ଗୋଣ୍ଡା ବ୍ରିଜଭୂଷଣଙ୍କ ସଂସଦୀୟ କ୍ଷେତ୍ରର ଅନ୍ତର୍ଭୁକ୍ତ। ତେଣୁ ଏହାକୁ ବିଭିନ୍ନ ମହଲରୁ ନାପସନ୍ଦ କରାଯାଇଥିଲା। କୁସ୍ତିଯୋଦ୍ଧାମାନେ ବ୍ରିଜଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ। ତେଣୁ ବିଭିନ୍ନ ଦିଗକୁ ବିଚାର କରି କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇ ବିରୋଧରେ ଏହି କଡ଼ା ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି।

### ପଦ୍ମଶ୍ରୀ ଫେରାଇ ନେବି: ବଜରଙ୍ଗ



ଫାଇଲ ଫଟୋ

### ସନ୍ୟାସ ନେଇ ପୁନର୍ବିଚାର କରିବେ ସାକ୍ଷୀ

ପଦ୍ମଶ୍ରୀ ସମ୍ମାନ ଫେରାଇଥିବା ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ଏବେ ତାଙ୍କ ନିଷ୍ପତ୍ତି ବଦଳଇ ଏହାକୁ ପ୍ରତ୍ୟାହର କରିବେ ବୋଲି ଘୋଷଣା କରିଛନ୍ତି। ସେ ନିର୍ବାଚନ ଫଳାଫଳ ବିରୋଧରେ ଅସନ୍ତୋଷ ଜାହିର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘର ବାହରେ ଥିବା ଫୁଟପାଥ ଉପରେ ପଦ୍ମଶ୍ରୀ ସମ୍ମାନ ରଖିବା ସହ ତାହାକୁ ଫେରାଇ ଦେଇଥିଲେ। ବ୍ରିଜଭୂଷଣଙ୍କ ବିରୋଧରେ ଅଭିଯୋଗ ଆଣି ଧାରଣା ଦେଇଥିବା ମହିଳା କୁସ୍ତିଯୋଦ୍ଧା ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ସାକ୍ଷୀ ମଲିକ ମଧ୍ୟ କୁସ୍ତିରୁ ସନ୍ୟାସ ନେବା ନିଷ୍ପତ୍ତିର ପୁନର୍ବିଚାର କରିବେ ବୋଲି ତାଙ୍କ ମା କୃଷ୍ଣା ମଲିକ୍ କହିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ଏହି କାଡ଼ା ନିଷ୍ପତ୍ତି ନେଇ ସେ ଖୁସି ଜାହିର କରିଛନ୍ତି। ବଜରଙ୍ଗଙ୍କ ପରେ ଗୁଙ୍ଗା ପହେଲବାନ ନାମରେ ଜଣାଶୁଣା ଥିବା ବୀରେନ୍ଦ୍ର ସିଂ ଶନିବାର ଏହି ସମ୍ମାନ ଫେରାଇବାକୁ ଘୋଷଣା କରିଥିଲେ।

### ଆଡହକ କମିଟି ଡବ୍ଲ୍ୟୁଏଫ୍‌ଆଇ ପରିଚାଳନା କରିବ

ଏବେ ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା ପାଇଁ ମନ୍ତ୍ରଣାଳୟ ଏକ ଅସ୍ଥାୟୀ ଆଡହକ୍ କମିଟି ଗଠନ କରିବାକୁ ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ)କୁ ଏକ ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ପରବର୍ତ୍ତୀ ନିର୍ଦ୍ଦେଶ ମିଳିବା ପର୍ଯ୍ୟନ୍ତ ଆଇଓଏ ତଥା ଏହି ଆଡହକ୍ କମିଟି ଡବ୍ଲ୍ୟୁଏଫ୍‌ଆଇର ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିବ। ଏଥିରେ ଖେଳାଳିଙ୍କ ଏଣ୍ଟ୍ରି, ଚୟନ, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ଓ କ୍ରୀଡ଼ା କାର୍ଯ୍ୟକଳାପ ସାମିଲ ରହିଛି। କୁସ୍ତି ଏକ ଅଲିମ୍ପିକ୍ କ୍ରୀଡ଼ା ହୋଇଥିବାରୁ ଓ ଏହି ସଂଘ ଆଇଓଏର ସଦସ୍ୟ ଥିବାରୁ ଆଇଓଏ ସବୁ ଦାୟିତ୍ୱ ବହନ କରିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

### ମନ୍ତ୍ରଣାଳୟର ନିଷ୍ପତ୍ତିରେ ଚକିତ: ସଞ୍ଜୟ ସିଂ

ଅନ୍ୟପଟେ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିରେ ନିର୍ବାଚିତ ଅଧ୍ୟକ୍ଷ ସଞ୍ଜୟ ସିଂ ଆଶ୍ଚର୍ଯ୍ୟ ଚକିତ ବୋଲି କହିଛନ୍ତି। ଆମେ କୌଣସି ନିୟମର ଉଲ୍ଲଂଘନ କରିନାହୁଁ। ଏହି ନିଲମ୍ବନ ଆଦେଶକୁ ରଦ୍ଦ କରିବାକୁ ଆମେ ସରକାରଙ୍କୁ ନିବେଦନ କରିବୁ। ଯଦି ଏହା ନହୁଏ ତେବେ ଆଇନ୍‌ର ଆଶ୍ରୟ ନେବୁ ବୋଲି ସଞ୍ଜୟ କହିଛନ୍ତି। ଅନ୍ୟପଟେ ଡବ୍ଲ୍ୟୁଏଫ୍‌ଆଇ ସହିତ ମୋର କୌଣସି ସମ୍ପର୍କ ନାହିଁ ବୋଲି ବ୍ରିଜଭୂଷଣ ସିଂ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର